

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୮ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 18 AUGUST 2020
Vol.No. 30 ■ No. 208■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj




2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No: 9437294587, 9438232419, 9437443950,


## ୧୯ରେ ଯୁକ୍ତ ୨ ବାଣିଜ୍ୟ ରେଜଲ୍ଟ

ଭୁବନେଶ୍ୱର,୧୭।୮ (ନି.ପ୍ର): ଆସନ୍ତା ୧୯ ତାରିଖରେ ଯୁକ୍ତ ୨ ବାଣିଜ୍ୟ ରେଜଲ୍ଟ ପ୍ରକାଶ ପାଇବ। ୧୯ ତାରିଖ ପୂର୍ବାହ୍ନ ୧୧ ଟା ୩୦ରେ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ସୂଚନା ଦେଇଛନ୍ତି। ଛାତ୍ରଛାତ୍ରୀମାନେ 'www.orissaresults.nic.in ୱେବ୍ ସାଇଟ୍ ରେ ସେମାନଙ୍କ ରେଜଲ୍ଟ ଦେଖିପାରିବେ। ସେହିପରି ଅଗଷ୍ଟ ଶେଷ ସପ୍ତାହରେ ଯୁକ୍ତ ୨ ର କଳା ରେଜଲ୍ଟ ପ୍ରକାଶ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ଚଳିତ ମାସ ୧୨ ତାରିଖରେ ବିଜ୍ଞାନ ରେଜଲ୍ଟ ପ୍ରକାଶ ପାଇଥିଲା।

### ୪୫୧ କିମି ଲମ୍ବ ଦୀଘା-ଗୋପାଳପୁର୍ ଉପକୂଳ ରାଜପଥ ନେଇ କେନ୍ଦ୍ରମନ୍ତ୍ରୀଙ୍କ ଟ୍ୱିଟ୍

# ଗେମ ଚେଞ୍ଜର ହେବ ଦୀଘା-ଗୋପାଳପୁର ଉପକୂଳ ରାଜପଥ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୧୭।୮ (ନି.ପ୍ର): ମୋଦି ସରକାରଙ୍କ ଉଚ୍ଚାକାଂକ୍ଷୀ ୪୫୧ କିମି ଲମ୍ବ ଦୀଘା-ଗୋପାଳପୁର ଉପକୂଳ ରାଜପଥ ସମ୍ପୂର୍ଣ୍ଣ ହେଲେ ଏହା ଉପକୂଳ ଓଡ଼ିଶାକୁ ପରିବର୍ତ୍ତନ କରିବାରେ ବଡ଼ ଭୂମିକା ଗ୍ରହଣ କରିବ । ସ୍ଥାନୀୟ ଅଂଚଳର ପରିବେଶକୁ ସୁରକ୍ଷା ଯୋଗାଇବା ସହ ଉପକୂଳବର୍ତ୍ତୀ ଅଂଚଳ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ଓ ଭାରତର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଭାବରେ ଉଭା ହେବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏ ସମ୍ପର୍କରେ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଯେ ଦୀଘା-ଗୋପାଳପୁର ଉପକୂଳ ରାଜପଥ ପାରାଦୀପ ଏବଂ



ଧାମରା ବନ୍ଦରକୁ କୃଷି ଏବଂ ମତ୍ସ୍ୟଜାତ ସାମଗ୍ରୀ ପରିବହନ କରିବାରେ ଅର୍ଥନୈତିକ କରିଡ଼ର ଭାବେ କାର୍ଯ୍ୟ କରିବ । ଏହାସହ ପ୍ରାକୃତିକ ବିପର୍ଯ୍ୟୟ ତଥା ବାତ୍ୟା ଓ ବନ୍ୟା ସମୟରେ ପରିବହନ ଓ ଯୋଗାଣରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଉପକୂଳ ଅଂଚଳରେ ଏନସିସିର ସଂପ୍ରସାରଣ ସ୍ଥାନୀୟ ଯୁବକଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ଏବଂ ବିପର୍ଯ୍ୟୟ ପରିଚାଳନାକୁ ମଜବୁତ୍ କରିବାରେ ସହାୟକ ହେବ । ଭିତିଭୂମି ବିକାଶ କ୍ଷେତ୍ରରେ ଓଡ଼ିଶାକୁ ମିଳୁଥିବା ବଳରେ ଆତ୍ମନିର୍ଭର ଭାରତ ନିର୍ମାଣରେ ଅଧିକ ଯୋଗଦାନ ରହିବ । ଶ୍ରୀ ପ୍ରଧାନ କହିଛନ୍ତି ଆତ୍ମନିର୍ଭର ଭାରତ ପାଇଁ ଭିତିଭୂମିର ବିକାଶ ଏବଂ ଉତ୍ତମ ସଂଯୋଗ ସ୍ଥାପନା କରିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଶେଷ ଦୂରଦୃଷ୍ଟି ରହିଛି । ଜାତୀୟ ଭିତିଭୂମି ପାଇପଲାଇନ କେବଳ ଭିତିଭୂମି ତିଆରି କରିବାରେ ବୈପ୍ଳବିକ ପରିବର୍ତ୍ତନ କରିବ ନାହିଁ ବରଂ କୋଭିଡ-୧୯ ପ୍ରଭାବରେ ହୋଇଥିବା ଅର୍ଥନୈତିକ ମାନ୍ଦାବସ୍ଥାକୁ ମଧ ଦୂର କରିବ । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭିତିଭୂମି ଏବଂ ଉତମ ସଂଯୋଗ ସ୍ଥାପନା ଦିଗରେ ଓଡ଼ିଶା ଅଧିକ ଲାଭବାନ ହୋଇପାରିଛି । ସୁଦୀର୍ଘ ବେଳାଭୂମି, ଭାରତର ବୃହତମ ବିପଣନ ବନ୍ଦର ଏବଂ ପାରାଦୀପ ସ୍ଥିତ ପେଟ୍ରୋଲିୟମ କମ୍ପଲେକ୍ସ ସହ ଓଡ଼ିଶା ନିଜର ଭୌଗଳିକ ସ୍ଥିତି କାରଣରୁ ଭିତିଭୂମିକୁ ଅଧିକ ମଜବୁତ୍ କରିବାର ସାମର୍ଥ୍ୟ ରଖିଛି ବୋଲି ସେ କହିଛନ୍ତି ।

## ସଂସଦର ଆନେକ୍ସି ବିଲ୍ଡିଂର ଷଷ୍ଠ ମହଲାରେ ନିଆଁ

ନୂଆଦିଲ୍ଲୀ,୧୭।୮ (ନି.ପ୍ର): ନୂଆଦିଲ୍ଲୀସ୍ଥିତ ସଂସଦ ଆନେକ୍ସି ବିଲ୍ଡିଂର ଷଷ୍ଠ ମହଲାରେ ସୋମବାର ସକାଳ ଅଚାନକ ନିଆଁ ଲାଗି ଯାଇଥିଲା। ଏ ସମ୍ପର୍କରେ ସୂଚନା ପାଇ ସଙ୍ଗେ ସଙ୍ଗେ ନିଆଁ ଲିଭାଇବାକୁ ଦମକଳ ବିଭାଗର ସାତଟି ଗାଡି ସେଠାରେ ପହଂଚି କିଛି ମିନିଟ ମଧ୍ୟରେ ନିଆଁକୁ ଆୟତ କରିଥିଲେ। ଏହି ଘଟଣାରେ କାହାରି କ୍ଷତି ହେବାର କୌଣସି ସୂଚନା ନାହିଁ। ପ୍ରାଥମିକ ଜାଂଚରୁ ଜଣା ପଡିଛି ଯେ ଇଲେକ୍ଟ୍ରିକ ବୋର୍ଡରୁ ନିଆଁ ଲାଗିଛି। ଶଟ ସର୍କିଟ କାରଣରୁ ନିଆଁ ଲାଗିଥିବା ଅନୁମାନ କରା ଯାଉଛି। ଦମକଳ ବିଭାଗର ନିର୍ଦ୍ଦେଶକ ଅତୁଲ ଗର୍ଗ କହିଛନ୍ତି ଯେ ସୋମବାର ଦିନ ୭.୩୦ରେ ନିଆଁ ଲାଗିଥିବା ସୂଚନା ମିଳିଥିଲା । ଏହା ପରେ ସେଠାରେ ଦମକଳ ବିଭାଗର୭ଟି ଗାଡି ସେଠାରେ ପହଂଚିଥିଲା ଓ କିଛି ସମୟ ମଧ୍ୟରେ ନିଆଁକୁ ଆୟତ କରା ଯାଇଥିଲା । ସେତେବେଳେ ସେଠାରେ କେହି ନ ଥିଲେ । ନିଆଁ ଲାଗିବାର କାରଣ ସମ୍ପର୍କରେ ଜାଂଚ କରା ଯାଉଥିବା ସେ ପ୍ରକାଶ କରିଛନ୍ତି ।

## ମନ୍ତ୍ରୀ ସୁଶାନ୍ତ ସିଂହ କରୋନା ପଜିଟିଭ୍



ଭୁବନେଶ୍ୱର,୧୭।୮ (ନି.ପ୍ର): ରାଜ୍ୟ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂହ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏନେଇ ମନ୍ତ୍ରୀ ନିଜେ ଟୁଇଟ୍ କରି ସୂଚନା ଦେଇଛନ୍ତି। ସୁଶାନ୍ତ ସିଂହ ହେଉଛନ୍ତି ରାଜ୍ୟର ପ୍ରଥମ ମନ୍ତ୍ରୀ, ଯିଏକି କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଶ୍ରୀ ସିଂହ ନିଜ ଟୁଇଟରେ ଲେଖିଛନ୍ତି ' ମୁଁ କରୋନା ପଜିଟିଭ୍ ହୋଇଛି ଏବଂ ସୁସ୍ଥ ଅଛି। ଯେଉଁମାନେ ନିକଟରେ ମୋ ସଂପର୍କରେ ଆସିଛନ୍ତି, ସେମାନେ ଆଇସୋଲେସନରେ ରହନ୍ତୁ ଏବଂ ପରୀକ୍ଷା କରାଇ ନେବାକୁ ଅନୁରୋଧ କରୁଛି।' ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟର ୫ଜଣ ବିଧାୟକ କରୋନା ଆକ୍ରାନ୍ତ ହୋଇଛନ୍ତି। ଏଥିପୂର୍ବରୁ ବାଲେଶ୍ୱର ଜିଲ୍ଲାର ନୀଳଗିରି ଓ ରେମୁଣା, କଟକ ଜିଲ୍ଲାର ସାଲେପୁର, ଗଞ୍ଜାମ ଜିଲ୍ଲାର ପୋଲସରା ବିଧାୟକ ଓ ଖଣ୍ଡପଡ଼ା ବିଧାୟକ କରୋନାରେ ଆକ୍ରାନ୍ତ ହୋଇଥିଲେ। ନିକଟରେ ବରଗଡ ସାଂସଦ ସୁରେଶ ପୁଜାରୀ ମଧ ପଜିଟିଭ ଚିହ୍ନଟ ହୋଇଥିଲେ।

## ୧୯ରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର,୧୭।୮ (ନି.ପ୍ର): ଆସନ୍ତା ୧୯ ତାରିଖରେ ଉତର ବଙ୍ଗୋପସାଗରରେ ଆଉ ଏକ ନୂତନ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପରବର୍ତୀ ୨୪ ଘଂଟା ମଧରେ ଅଧିକ ଘନୀଭୂତ ହେବା ସହ ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨୨ ତାରଖ ପର୍ଯ୍ୟନ୍ତ ରାଜ୍ୟର ବହୁ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଅପରପକ୍ଷରେ ଆସନ୍ତା ୨୪ ଘଂଟା ମଧରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡା, କଳାହାଣ୍ଡି, ବରଗଡ, ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, ବଲାଙ୍ଗୀର, କେନ୍ଦୁଝର, ମୟୂରଭଞ୍ଜର ଜିଲ୍ଲାର ଅନେକ ସ୍ଥାନରେ ହାଲୁକାରୁ ମଧମ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି।ତେବେ ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଏହି ୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

# ଲଗାଣ ବର୍ଷା ପ୍ରଭାବିତ ୧୦ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ମୁଖ୍ୟ ଶାସନ ସଚିବଙ୍କ ଆଲୋଚନା

ଭୁବନେଶ୍ୱର,୧୭।୮ (ନି.ପ୍ର): ଚଳିତ ଲଘୁଚାପଜନିତ ବର୍ଷା ଯୋଗୁଁ ପ୍ରଭାବିତ ହୋଇଥିବା ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଭିଡିଓ କନଫରେନ୍ସିଂ ମାଧମରେ ଆଲୋଚନା କରିଛନ୍ତି ମୁଖ୍ୟଶାସନ ସଚିବ ଅସିତ ତ୍ରିପାଠୀ । ୧୦ ଜିଲ୍ଲା ଯଥା ମାଲକାନଗିରି, ଯାଜପୁର, ଢେଙ୍କାନାଳ, ବୌଦ୍ଧ, ଦେବଗଡ, କେନ୍ଦ୍ରପଡା, ବରଗଡ, ସୁବର୍ଣ୍ଣପୁର ଓ ଭଦ୍ରକ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯାଇଛି। ଏହିସବୁ ଜିଲ୍ଲାରେ ଅଧିକ ଲଘୁଚାପ ବର୍ଷା ହୋଇଛି । ଫଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ମୁଖ୍ୟ ଶାସନ ସଚିବ କହିଛନ୍ତି । ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀରେ ଜଳସ୍ତର ବଢୁଛି । ଓଡିଶାର ଜୀବନ ରେଖା କୁହାଯାଉଥିବା ମହାନଦୀର ଜଳସ୍ତର ଉପରେ ରାଜ୍ୟ ସରକାର ନଜର ରଖିଛନ୍ତି । ଉପର ମୁଣ୍ଡରେ ବର୍ଷା ହେଉଥିବାରୁ ମହାନଦୀକୁ କେତେ ପାଣି ପ୍ରବେଶ କରୁଛି ତା' ଉପରେ ନଜର ରଖାଯାଇଥିବା ଜଳ ସଂପଦ ବିଭାଗ ମୁଖ୍ୟ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ କହିଛନ୍ତି । ରାଜ୍ୟରେ ବଡ ଧରଣର ବନ୍ୟା ଆଶଙ୍କା ନ ଥିବା ସେ କହିଛନ୍ତି । ତେବେ ଏବେ ଉପର ମୁଣ୍ଡରେ ବର୍ଷା




ହେଉଥିବାରୁ ମହାନଦୀରେ ୫୦ ପ୍ରତିଶତ ପାଣି ଅଛି, ହୀରାଦୁକର ୧୫ଟି ଗେଟ୍ ଖୋଲା ରହିଛି । ଏବେ ହୀରାକୁଦରେ ଜଳସ୍ତର ୬୧୫ ଦଶମିକ ୭୫ ଫୁଟ ରହିଛି । ସେକେଣ୍ଡରେ ପ୍ରତି ୩ଲକ୍ଷ ୨୭ ହଜାର ଘନଫୁଟ ଜଳ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ବେଳେ ୨ଲକ୍ଷ ୪୩ ହଜାର ଘନଫୁଟ ଜଳ ନିଷ୍କାସିତ ହେଉଛି ।

## ଦୃଶ୍ୟମ୍ ନିର୍ଦ୍ଦେଶକ ନିଶିକାନ୍ତ କାମତଙ୍କ ଦେହାନ୍ତ



ମୁମ୍ବାଇ, ୧୭ ଅଗଷ୍ଟ (ହି.ସ.) - ବଲିଉଡ୍ ନିର୍ଦ୍ଦେଶକ ନିଶିକାନ୍ତ କାମତଙ୍କର ସୋମବାର ହାଇଦ୍ରାବାଦର ଏଆଇଜି ହସ୍ପିଟାଲରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୦ ବର୍ଷ ବୟସ ହୋଇଥିଲା। ସେ ଲିଭର୍ ସିରୋସିସ୍ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ଗତ ୧୧ ତାରିଖରେ ତାଙ୍କୁ ହାଇଦ୍ରାବାଦସ୍ଥିତ ଏଆଇଜି ହସ୍ପିଟାଲରେ ଭର୍ତି କରାଯାଇଥିଲା। ନିଶିକାନ୍ତଙ୍କ ମୃତ୍ୟୁରେ ବଲିଉଡ୍ ଜଗତରେ ଶୋକର ଛାୟା ଖେଳିଯାଇଛି। ବହୁ ଅଭିନେତା ସୋସିଆଲ ମିଡିଆରେ ଶୋକ ବ୍ୟକ୍ତ କରିଛନ୍ତି।

▶▶ପୃଷ୍ଠା ୭

## ରାଜ୍ୟରେ ହ୍ରାସ ପାଉଛି ପଜିଟିଭ୍ ହାର

ଭୁବନେଶ୍ୱର,୧୭।୮ (ନି.ପ୍ର): କୋଭିଡ୍ ମହାମାରୀ ବିରୁଦ୍ଧରେ ସଂଗ୍ରାମକୁ ସଶକ୍ତ କରିବାରେ ଓଡ଼ିଶା ସରକାର ଗତ ଦୁଇ ଦିନ ମଧ୍ୟରେ ୧ ଲକ୍ଷରୁ ଉର୍ଦ୍ଧ୍ୱ କୋଭିଡ୍ ପରୀକ୍ଷା ସଂପନ୍ନ କରିପାରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହା ଫଳରେ କୋଭିଡ୍ ପଜିଟିଭ୍ ହାର ବହୁମାତ୍ରାରେ କମିଛି ଏବଂ ମୃତ୍ୟୁ ହାର ସର୍ବନିମ୍ନ ରହିଥିବା ରାଜ୍ୟମାନଙ୍କ ମଧରେ ସ୍ଥାନ ପାଇପାରିଛି ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀ ପୁନର୍ବାର କହିଛନ୍ତି ଯେ, ବ୍ୟାପକ କଂଟାକ୍ଟ ଟ୍ରେସିଂ ଓ ପରୀକ୍ଷଣ କ୍ଷମତା ବୃଦ୍ଧି ଫଳରେ କୋଭିଡ୍-୧୯ରେ ପଜିଟିଭ୍

▶▶ପୃଷ୍ଠା ୭

# ରାଜ୍ୟରେ ଆଉ ୧୦ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୩୫୩ ହେଲା

ଭୁବନେଶ୍ୱର,୧୭।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୦ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୩୫୩ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଧା ଜିଲ୍ଲାରୁ ୪ ଜଣ. ବରଗଡ, ଗଂଜାମ, କଟକ, ପୁରୀ, ରାୟଗଡା, ସୁନ୍ଦରଗଡରୁ ଜଣେ ଜଣେ କରୋନାରେ ମୃତ୍ୟୁ ବରଣ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବରଗଡ ଜିଲ୍ଲାର ଜଣେ ୪୨ ବର୍ଷୀୟ ପୁରୁଷ କରୋନା



ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ, ମଧୁମେହ ଓ କ୍ରୋନିକ କିଡନି ରୋଗରେ ପୀଡିତ ଥିଲେ । ସେହିପରି ଭୁବନେଶ୍ୱରର ଜଣେ ୬୮ ବର୍ଷୀୟା ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ, ଉଚ୍ଚ ରକ୍ତଚାପ ଅନ୍ୟ ରୋଗରେ ରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୬୫ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାର ଜଣେ ଜଣେ ୬୦ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେହିପରି ଗଂଜାମ ଜିଲ୍ଲାର ଜଣେ ୮୫ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ, ଅନିୟନ୍ତ୍ରିତ ମଧୁମେହ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଖୋର୍ଧା ଜିଲ୍ଲାର ହିଁ ଅନ୍ୟ ଜଣେ ୫୦ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ଜଣା ପଡିଛି । ସେ ମଧୁମେହ ରୋଗ ଓ ଉଚ୍ଚ ରକ୍ତଚାପରେ

▶▶ପୃଷ୍ଠା ୭

## ବରିଷ୍ଠ କୃଷି ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର,୧୭।୮ (ନି.ପ୍ର): ପୂର୍ବତନ କୃଷି ଅଧିକାରୀ ପ୍ରଦୀପ କୁମାର ମହାନ୍ତିଙ୍କୁ ରାଜ୍ୟ ସରକାର ବାଧ୍ୟତାମୂଳକ ଅବସର ଦେଇଛନ୍ତି । ଶ୍ରୀ ମହାନ୍ତି କୋରାପୁଟରେ ଜିଲ୍ଲା କୃଷି ଅଧିକାରୀ ଥିଲେ । ଗତ ଜୁଲାଇ ୨ ତାରିଖରେ ତାଙ୍କ ଗାଡିରୁ ୧୧ ଲକ୍ଷ ଟଙ୍କା ଜବତ କରାଯାଇଥିଲା । ସଠିକ୍ ଜବାବ୍ ଦେଇ ନପାରିବାରୁ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା । ଏହା ରାଜ୍ୟ ସରକାର ତାଙ୍କୁ ଚାକିରୀରୁ ନିଲମ୍ବନ କରିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ୩.୫କୋଟି ଟଙ୍କାର ତାଙ୍କର ସ୍ଥାବର ତଥା ଅସ୍ଥାବର ସମ୍ପତି ଆକଳନ କରାଯାଇପାରିଛି । ଉଲ୍ଲେଖ୍ୟଯୋଗ୍ୟ ଯେ ନିକଟରେ ନିଜ ମହିଳା ସହକର୍ମୀଙ୍କୁ ଯୌନ ନିର୍ଯ୍ୟାତନା ଦେବା ଅଭିଯୋଗରେ ପୂର୍ବତନ ଆୟୁଷ ନିର୍ଦ୍ଦେଶକ ବିଭୂ ପ୍ରସାଦ ଷଡଙ୍ଗୀଙ୍କୁ ମଧ୍ୟ ରାଜ୍ୟ ସରକାର ବାଧ୍ୟତାମୂଳକ ଅବସର ଦେଇଥିଲେ ।

## ରାଜ୍ୟରେ ଟେଷ୍ଟ ବଢୁଛି , ସଂକ୍ରମଣ କମୁଛି : ଆଇଏଲଏସ ନିର୍ଦ୍ଦେଶକ

ଭୁବନେଶ୍ୱର,୧୭।୮ (ନି.ପ୍ର): ଟେଷ୍ଟ ବଢିଲେ ବି ସଂକ୍ରମଣ ଅନୁପାତ କମ ରହିଛି। ଏହା ଆଶ୍ୱସ୍ତିକର ଖବର। କରୋନାକୁ ପ୍ରତିହତ କରିବାପାଇଁ ରାଜ୍ୟ ସରକାର ଥ୍ରୀ ଟି ପଲିସି (ଟେଷ୍ଟିଂ, ଟ୍ରେସିଂ ଓ ଟ୍ରିଟମେଂଟ)ରଖିଥିଲେ। ଏହି ଟ୍ରେଣ୍ଡ ଅନୁଯାୟୀ ବେଶି ଟେଷ୍ଟ ହେଲେ ବି ସଂକ୍ରମଣ କମୁଛି ଏହା ଖୁସିର କଥା ବୋଲି ଆଇଏଲଏସ ନିର୍ଦ୍ଦେଶକ ଅଜୟ ପରିଡା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଅନ୍ୟ ରାଜ୍ୟ ଅପେକ୍ଷା ଓଡିଶାର ସ୍ଥିତି ଭଲ। ଓଡିଶାରେ ଟେଷ୍ଟ ବଢିଥିଲେ ହେଁ ମୃତ୍ୟୁ ହାର ଓ ସଂକ୍ରମଣ ହାର କମ୍ ରହିଛି। ସେପଟ୍ଟେମ୍ବର ପ୍ରଥମ ସପ୍ତାହରେ କରୋନା ସଂକ୍ରମଣ ପିକ୍ କୁ ଯାଇ ତା ପରେ କମିପାରେ। କିନ୍ତୁ କେରଳରେ ସମ୍ପୂର୍ଣ୍ଣ ହ୍ରାସ ପାଇ ଆଉ ଥରେ ପୁଣି ବଢ଼ିବା ଦେଖାଯାଇଛି। ତେଣୁ ଏହି ନୂଆ ଭୁତାଣୁ ସମ୍ପର୍କରେ କିଛି ସଠିକ୍ ଭାବେ କହିବା ସମ୍ଭବ ନୁହେଁ। ନୂଆ ଭୁତାଣୁ ର ଦ୍ୱିତୀୟ ପର୍ଯ୍ୟାୟ ଗବେଷଣା ଚାଲିଛି। ବିଭିନ୍ନ ଜିଲ୍ଲାରୁ ୧୨୮ଟି ନମୁନା ସଂଗ୍ରହ ହୋଇଛି। ଏହା କେଉଁ ପ୍ରକାର ଭୁତାଣୁ ତାହା ସେପ୍ଟେମ୍ବର ପ୍ରଥମ ସପ୍ତାହରେ ପ୍ରକାଶ ପାଇବ ବୋଲି ଶ୍ରୀ ପରିଡା କହିଛନ୍ତି।

## ରାଜ୍ୟର ୫ଟି ମହାନଗର ନିଗମ ଅଂଚଳରେ ଜଙ୍ଗଲ ସୃଷ୍ଟି କରାଯିବ : ମନ୍ତ୍ରୀ

ଭୁବନେଶ୍ୱର,୧୭।୮ (ନି.ପ୍ର): ରାଜ୍ୟର ୫ଟି ମହାନଗର ନିଗମ ଯଥା- ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ଅଂଚଳରେ 'ନଗର ବନ' ଯୋଜନାରେ ୧୩ କୋଟି ୮୪ ଲକ୍ଷ ଟଙ୍କା ବିନିଯୋଗରେ ବ୍ୟାପକ ଜଙ୍ଗଲ ସୃଷ୍ଟି କରାଯିବ । ଏ ସଂକ୍ରାନ୍ତରେ ଏକ ପ୍ରସ୍ତାବ ଆଜି ରାଜ୍ୟ ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ପ୍ରକାଶ ଜାଭେଦ୍‌କରଙ୍କୁ ଦେଇଛନ୍ତି । ଆଜି ଭିଡିଓ କନ୍‌ଫରେନ୍ସିଂ ଜରିଆରେ ରାଜ୍ୟ ଜଙ୍ଗଲ ମନ୍ତ୍ରୀମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧକ୍ଷତା କରି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଜାଭେଦ୍‌କର ବିଭିନ୍ନ ରାଜ୍ୟର ଜଙ୍ଗଲ ମନ୍ତ୍ରୀମାନଙ୍କ ସହ ଜଙ୍ଗଲ ବୃଦ୍ଧି, ବନୀକରଣ, ନଗର ବନ ଯୋଜନା, ବିଦ୍ୟାଳୟ ନର୍ସରୀ, ନଦୀ ଅବବାହିକାରେ ବ୍ୟାପକ ବୃକ୍ଷରୋପଣ ଆଦି ବିଷୟରେ ବ୍ୟାପକ ଆଲୋଚନା କରିଥିଲେ । ଚଳିତ ବର୍ଷ ପ୍ରୋଜେକଫ ଡଲ୍‌ଫିନ୍ ଓ ପ୍ରୋଜେକଫ ସିଂହ ସାରା ଦେଶରେ କାର୍ଯ୍ୟକାରୀ କରାଯାଇ ଡଲ୍‌ଫିନ୍ ଓ ସିଂହ ସଂଖ୍ୟା ବୃଦ୍ଧି କରାଯିବ ବୋଲି କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଥିଲେ । ଆଲୋଚନାରେ ଅଂଶଗ୍ରହଣ କରି ମନ୍ତ୍ରୀ ଶ୍ରୀ ଆରୁଖ କହିଲେ ଯେ ରାଜ୍ୟ ଜଙ୍ଗଲ ରିପୋର୍ଟ-୨୦୧୯ ଅନୁଯାୟୀ ଓଡ଼ିଶାରେ ଶତକଡ଼ା ୩୩.୧୫ ଭାଗ ଜଙ୍ଗଲ ବୃଦ୍ଧି ଘଟିଛି । ବିଗତ ୨୦ ବର୍ଷ ମଧରେ ୪୫୮୬ ବର୍ଗ କିଲୋମିଟର ଜଙ୍ଗଲ ବୃଦ୍ଧି ହୋଇଥିବାବେଳେ ଗତ ଦୁଇବର୍ଷରେ ଓଡ଼ିଶାର ଜଙ୍ଗଲ ପରିସୀମା ୯୨୯ ବର୍ଗ କିଲୋମିଟର ବଢ଼ିଛି । ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସତ୍ତ୍ୱେ ଓଡ଼ିଶାର ଏହି ଉପଲବ୍ଧି ବାସ୍ତବିକ ପ୍ରଶଂସନୀୟ । କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷରେ ଓଡ଼ିଶା ପାଇଁ ୧ ଲକ୍ଷ ୧୦ ହଜାର ହେକଫର ପରିମିତ ଅଂଚଳରେ ଚାରା ରୋପଣ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ । ଏହି ଲକ୍ଷ୍ୟକୁ ଅତିକ୍ରମ କରି ଆମ ରାଜ୍ୟରେ ଚଳିତ ବର୍ଷ ୧ ଲକ୍ଷ ୩୦ ହଜାର ହେକ୍ଟରରେ ଚାରା ରୋପଣ କରାଯାଇପାରିଛି । ରାଜ୍ୟରେ ୧୩ କୋଟି ୭୦ ଲକ୍ଷ ଚାରା ଉତ୍ପାଦିତ ହୋଇ ରୋପଣ ପାଇଁ ସଂରକ୍ଷିତ ରହିଛି । ରାଜ୍ୟର ୧୦୦ଟି ବିଦ୍ୟାଳୟରେ ନର୍ସରୀ ଖୋଲାଯିବ। ଯେଉଁ ବିଦ୍ୟାଳୟଗୁଡ଼ିକରେ ଇକୋ-କ୍ଲବ୍ ?ଗୁଡ଼ିକ ଉଚ୍ଚକୋଟୀର ବୃକ୍ଷରୋପଣ କାର୍ଯ୍ୟ କରୁଛନ୍ତି, ସେସବୁ ବିଦ୍ୟାଳୟଗୁଡ଼ିକୁ ଏହି ବିଦ୍ୟାଳୟ ନର୍ସରୀ ଯୋଜନା ପାଇଁ ଚିହ୍ନଟ କରାଯାଇଛି । କେନ୍ଦ୍ର ସରକାର ପର୍ଯ୍ୟାପ୍ତ ପାଣ୍ଠି ପ୍ରଦାନ କଲେ ଏସବୁ ବିଦ୍ୟାଳୟ ନର୍ସରୀଗୁଡ଼ିକ ବୃକ୍ଷରୋପଣରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ ।

▶▶ପୃଷ୍ଠା ୭

# ତଟ ସୁରକ୍ଷା ନିମନ୍ତେ ତଟରକ୍ଷୀ ବାହିନୀ ଓ ମେରାଇନ୍ ପୋଲିସର ତାଲିମ ଶିବିର



ପାରାଦ୍ୱୀପ,୧୭।୮ (ନି.ପ୍ର): ପୂର୍ବ ଉପକୂଳ ତଟର ସୁରକ୍ଷା ନିମନ୍ତେ କେନ୍ଦ୍ର ସରକାର ନିୟୋଜନ କରିଛନ୍ତି ଭାରତୀୟ ତଟରକ୍ଷୀ ବାହିନୀ । ଭାରତୀୟ ତଟରକ୍ଷୀ ବାହିନୀକୁ ସହଯୋଗ କରୁଛନ୍ତି ମେରାଇନ୍ ପୋଲିସ । ଗତ ୧୪ତାରିଖଦିନ ଭାରତୀୟ ତଟରକ୍ଷୀ ବାହିନୀ ଓ ମେରାଇନ୍ ପୋଲିସ ମିଳିତ ଉପକୂଳ ସୁରକ୍ଷା ତାଲିମ୍ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । କୋଷ୍ଟଗାର୍ଡ ଜାହାଜ ରେଜିୟା ସୁଲତାନ ରେ ଏହି ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ଦକ୍ଷତା ବିକାଶ ହେଉଛି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ତଟରକ୍ଷୀ ବାହିନୀ ଜାହାଜରେ ମୋରାଇନ୍ ପୋଲିସ୍‌ର ଅଧିକାରୀ ଓ କର୍ମଚାରୀ ମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା । ସୁରକ୍ଷା, ଆଇନ୍ କାର୍ଯ୍ୟକାରିତା, ଜାହାଜ ଚାଳନା, ଅନୁସନ୍ଧାନ ଆଦି କାର୍ଯ୍ୟ କିପରି ସମୁଦ୍ର ମଧ୍ୟରେ କରାଯିବ ସେ ସଂପର୍କରେ ବ୍ୟାପକ ତାଲିମ୍ ଦିଆଯାଇଥିଲା ବୋଲି ଜଣାପଡିଛି ।

# କଂଗ୍ରେସ ପକ୍ଷରୁ ୭୪ ତମ ସ୍ୱାଧୀନତା ଦିବସ ପାଳିତ

ଭୁବନେଶ୍ୱର,୧୭।୮ (ନି.ପ୍ର): ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ୭୪ ତମ ସ୍ୱାଧୀନତା ଦିବସ କଂଗ୍ରେସ ଭବନ ପରିସରରେ ନିରାଡ଼ମ୍ବର ଭାବେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିବା ସହ ଉଦବୋଧନ ଦେଇଥିଲେ । ଉପସ୍ଥିତ ଥିବା କଂଗ୍ରେସ ନେତୃବର୍ଗ ଓ କର୍ମୀଙ୍କୁ ଉଦବୋଧନ ଦେଇ ଶ୍ରୀ ପଟ୍ଟନାୟକ କହିଲେ ମହାମନିଷି ଓ ସ୍ୱାଧୀନତା ସଂଗ୍ରାମୀମାନେ ସେମାନଙ୍କର ପ୍ରାଣବଳି ଦେଇ ଦେଶକୁ ସ୍ୱାଧୀନତା ଆଣିଥିଲେ । କିନ୍ତୁ ସେମାନେ ଦେଖିଥିବା ସ୍ୱପ୍ନ ଆଜି ସମ୍ପୂର୍ଣ୍ଣ ଭାବେ ସାକାର ହୋଇପାରି ନାହିଁ । ତେଣୁ ଏ ଦେଶରେ ସମସ୍ତ କଂଗ୍ରେସକର୍ମୀ ଏବଂ ଯୁବସମାଜ ଆଗେଇ ଆସନ୍ତୁ ଏବଂ ଦେଶକୁ ଆଗେଇ ନେବା ପାଇଁ ଶପଥ ନେବାର ଆହ୍ୱାନ ଦେଇଥିଲେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ । ଏବେ ଦେଶରେ ଏବେ କରୋନା ମହାମାରି ଗ୍ରାସ କରିଛି । କରୋନା ମହାମାରି ପାଇଁ ସାଧାରଣ ଲୋକଙ୍କ ଜୀବନ ଜୀବିକା ଉପରେ ବଡ ପ୍ରଭାବ ପକାଇଛି । ଏହି କରୋନା ମାହାମାରି କୁ ପରାସ୍ତ କରିବା ପାଇଁ ଯେଉଁ ନୀତି, ନିୟମ, କାନୁନ ରହିଛି ତାକୁ ମାନି ଆମେ ସମସ୍ତେ ଆନ୍ତରିକତା ର ସହ ପାଳନ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ । ଏତତ୍ ବ୍ୟତୀତ ଭାରତ ସ୍ୱାଧୀନତା ପରେ ଏ ବର୍ଷ ଦେଶ ଅର୍ଥନୈତିକ ସଙ୍କଟ ଏବଂ ଗଣତନ୍ତ୍ରର ସଙ୍କଟ ର ସମ୍ମୁଖୀନ ହେଇଛି । ଦେଶର ଅର୍ଥନୀତିକୁ କିପରି ସଜାଡ଼ିବା ଏବଂ ଦେଶଗ ଗଣତନ୍ତ୍ରର ସମ୍ବିଧାନକୁ କିପରି ରକ୍ଷା କରିବା ଆଜି ସମସ୍ତେ ଶପଥ ନେବାକୁ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ବକ୍ତବ୍ୟ ରେ କହିଥିଲେ । ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମକୁ ସେବାଦଳ ପକ୍ଷରୁ ଜ୍ୟୋତିଷ ସାହୁ ପରିଚାଳନା କରିଥିବାବେଳେ ପିସିସି ସଭାପତିଙ୍କ ବ୍ୟତୀତ କଂଗ୍ରେସ ନେତୃବୃନ୍ଦ ଏଆଇସିସି ସାଧାରଣ ସମ୍ପାଦକ ରାମଚନ୍ଦ୍ର ଖୁଂଟିଆ, ପୂର୍ବତନ ସଭାପତି ଜୟଦେବ ଜେନା, ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସମେତ ଅନନ୍ତ ସେଠି, ପଂଚାନନ କାନୁନଗୋ, ବିପିନ ଦାଶ, ସିବାନନ୍ଦ ରାୟ, ମନୋରଞ୍ଜନ ଦାଶ, କିଶୋର ଜେନା, ରଶ୍ମି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଗୁରୁପୂର୍ଣ୍ଣିମା ଇ-ପତ୍ରିକା ଉନ୍ମୋଚିତ

ଭୁବନେଶ୍ୱର,୧୭।୮ (ନି.ପ୍ର): ଶ୍ରୀ ଜଗନ୍ନାଥ ସେବା ସଦନ ଓ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ମିଳିତ ଆନୁକୂଲ୍ୟରେ ପବିତ୍ର ୭୪ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ପତାକା ଉତ୍ତୋଳନ କରାଯିବା ସହ ଇ ପତ୍ରିକା 'ଗୁରୁପୂର୍ଣ୍ଣିମା' ଉନ୍ମୋଚିତ ହୋଇଯାଇଛି । ଶନିବାର ଚକେଇ ସିଆଣୀଠାରେ ଅନୁଷ୍ଠିତ ଏହି ନିରାଡ଼ମ୍ବର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ସାଂସଦ ଡଃ ପ୍ରସନ୍ନ ପାଟ୍ଟଶାଣୀ କହିଥିଲେ ଦେଶର ସ୍ୱାଧୀନତା ଆଣିବା କ୍ଷେତ୍ରରେ କବି ଓ ଲେଖକ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ । ସେହିପରି କରୋନା ମହାମାରୀକୁ ଦୂର କରିବା ପାଇଁ ଆବଶ୍ୟକ ହେଉଥିବା ପଦକ୍ଷେପ ଉପରେ କବି ଓ ଲେଖକମାନେ କଲମ ଚାଳନା କରନ୍ତୁ । ଏହି ଅସ୍ତ୍ର ଦ୍ୱାରା ମହାମାରୀ ଭାରତରୁ ନିଚ୍ଛିନ୍ନ ହୋଇଯିବ । ମୁଖ୍ୟବକ୍ତା ଭାବରେ ବିଶିଷ୍ଟ କବୟିତ୍ରୀ ଗାୟତ୍ରୀ ତ୍ରିପାଠୀ, ସମ୍ମାନିତ ଅତିଥି ଭାବରେ ବାଣୀ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଗିରିଶ ଚନ୍ଦ୍ର ରାଉତ, ଡଃ ଲକ୍ଷ୍ମୀଧର ବେହେରା, ନିଶିଗନ୍ଧାର ସଭାପତି ଚକ୍ରଧର ତ୍ରିପାଠୀ, ପ୍ରତିଷ୍ଠାତା ସମ୍ପାଦକ ବଳରାମ ଭୋଇ, ସମ୍ପାଦିକା ସରସ୍ୱତୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ନିଶିଗନ୍ଧାର ଦ୍ୱିତୀୟ ଇ-ପତ୍ରିକା 'ଗୁରୁପୂର୍ଣ୍ଣିମା' ଓ କବି କରୁଣାକର ମଲ୍ଲିକଙ୍କର ପତ୍ରିକା 'ପ୍ରଥମ ପରିଚୟ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା ।

# କଟ୍ରିଙ୍ଗିଆ ପଂଚାୟତରେ ଲଗାତାର ଭାବରେ ୩ ଦିନ ଧରି ୧୦ ଜଣ କରୋନା ପଜିଟିଭ

## ସମଗ୍ର ଗ୍ରାମପଂଚାୟତକୁ ୭ ଦିନପାଇଁ ସଟ୍‌ଡାଉନ ଘୋଷଣା କଲେ ସରପଂଚ

କନ୍ଧମାଳ,୧୭।୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ କଟ୍ରିଙ୍ଗିଆ ଗ୍ରାମ ପଂଚାୟତରେ ଲଗାତାର ଭାବରେ ୩ ଦିନ ଧରି ମୀଟ ୧୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହେବାପରେ ଗ୍ରାମପଂଚାୟତରେ ଗୋଷ୍ଠୀ ସଂକ୍ରମଣ ରୋକିବାକୁ ରାଜ୍ୟ ସରକାରଙ୍କର ନିର୍ଦ୍ଦେଶ ପତ୍ର ସଂଖ୍ୟା-୨୨୩୨,୧୯/୦୪/୨୦୨୦ ଅନୁସାରେ ସରପଂଚଙ୍କୁ ପ୍ରଦାନ କରାଯାଇଥିବା କ୍ଷମତାକୁ ବ୍ୟବହାର କରି କଟ୍ରିଙ୍ଗିଆ ପଂଚାୟତର ସରପଂଚ ଶ୍ରୀମତୀ ନମିତା କହଁର ଅଗଷ୍ଟ ମାସ ୧୫ ତାରିଖ ଦିନ ୧୧ଟାଠାରୁ ଆସନ୍ତା ୨୧ ତାରିଖ ଦିନ ୧୧ଟା ପର୍ଯ୍ୟନ୍ତ ସମଗ୍ର କଟ୍ରିଙ୍ଗିଆ ପଂଚାୟତକୁ ସଟଡାଉନ ଘୋଷଣା କରିଛନ୍ତି । ଏହି ସମୟ ଭିତରେ ସେହି ଅଂଚଳରେ ଏହାର ନିୟମକୁ କଡାକଡି ଭାବରେ ପାଳନ କରବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତିସରପଂଚ । ସୁଚନା ଯୋଗ୍ୟ ନାକୁଡିଶରୁ ଗ୍ରାମର ଜଣେ, ଶ୍ରାକି ଗ୍ରାମରୁ ୮ ଜଣ ଏବଂ କୁଟିବାରି ଗ୍ରାମର ଜଣକୁମିଶାଇ ପଂଚାୟତରେ ମୋଟ ୧୦ ଜଣ କରୋନାରେ ସଂକ୍ରମିତ ହୋଇଛନ୍ତି । ସେଥିପାଇଁ ସଦରପଂଚ ଏହି ପଦକ୍ଷେପ ନେଇଥିବା ନେଇ ଏକ ପତ୍ର ମାଧ୍ୟରେ ଏହି ନିର୍ଦ୍ଦେଶ ଦେଇଛନ୍ତି । ଏହାର ଏକ କିତା ନକଲ କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦା ଡିଙ୍କ ସମେତ ଜିଲା ଆରକ୍ଷୀ ଅଧିକ୍ଷକ, ଫୁଲବାଣୀ ବିଡିଓ, ତହସିଲଦାର ଏବଂ ସ୍ୱାସ୍ଥ୍ୟ ବିଭାଗକୁ ପଠାଇଠାଇଥିବା ଜଣାପଡିଛି ।

# କଟକ ବସ୍ତି ଅଂଚଳରେ ନମୁନା ସଂଗ୍ରହକୁ ଗୁରୁତ୍ୱ ଦିଆଯାଉଛି : ସିଏମସି କମିଶନର

ଭୁବନେଶ୍ୱର,୧୭।୮ (ନି.ପ୍ର): କଟକ ସହରରେ ଭ୍ରାମ୍ୟମାଣ୍ୟ ନମୁନା ପରୀକ୍ଷଣ ୟୁନିଟ୍ ଜରିଆରେ ବିଭିନ୍ନ ସ୍ଥାନରେ ଶିବିର କରାଯାଇ ଅଧିକ ଜନସଂଖ୍ୟା ଥିବା ବସ୍ତି ଅଂଚଳରେ ନମୁନା ସଂଗ୍ରହକୁ ଗୁରୁତ୍ୱ ଦିଆଯାଉଛି । କାଶ, କଫ, ଜ୍ୱର ଓ ଥଣ୍ଡା ରହୁଥିବା ଇନ୍‌ଫ୍ଲୁଏନ୍‌ଜା ଭଳି ଲକ୍ଷଣ ଏବଂ ଶ୍ୱାସଜନିତ କଷ୍ଟ ଅନୁଭବ କରୁଥିବା ବ୍ୟକ୍ତି ଓ ସମ୍ବେଦନଶୀଳ ବର୍ଗର ଲୋକମାନଙ୍କର ପରୀକ୍ଷଣକୁ ଗୁରୁତ୍ୱ ଦିଆଯାଉଛି । ଜ୍ୱରରେ ପୀଡ଼ିତ ଲୋକଙ୍କୁ ଚିହ୍ନଟ (ଫିଭର କ୍ଲଷ୍ଟର) ପାଇଁ ସ୍କ୍ରିନିଂ କରାଯାଉଛି । କଟକ ର ଇମାମପଡ଼ା ବସ୍ତି, କାଠଯୋଡ଼ି ବିହାର ବସ୍ତି, ସିଡିଏ ସେକଫର-୯, କୃଷକ ବଜାର ବସ୍ତି, ନୂଆ ନିମ ସାହି, ଧୋବା ସାହି ବସ୍ତିଗୁଡ଼ିକୁ ସ୍କ୍ରିନିଂ କରାଯାଇଛି ବୋଲି କଟକ ମହାନଗର ନିଗମ (ସିଏମସି) କମିଶନର ଅନନ୍ୟା ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ କରୋନା ମୁକାବିଲା ପାଇଁ କଟକ ମହାନଗର ନିଗମର ବରିଷ୍ଠ ପଦାଧିକାରୀ, ୱାର୍ଡ ଅଧିକାରୀ, ପୂଜା କମିଟି, ସାହି କମିଟିର ପ୍ରତିନିଧିଙ୍କ ସହିତ ୱେବିନାର ମାଧ୍ୟମରେ କୋଭିଡ୍-୧୯ ସଂପର୍କିତ ବିଭିନ୍ନ କୁସଂସ୍କାର ଓ କଟକଣା ସଂପର୍କରେ ଆଲୋଚନା କରାଯାଉଛି । ହୋମ୍ ଆଇସୋଲେସନ୍ କୁ ତଦାରଖ କରାଯାଉଛି । ଏସ୍‌ସିବିର ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ, ନିମାହନ୍‌ସ ଏବଂ ମିଳିତ ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ ସହଭାଗିତାରେ କୋଭିଡ୍ ପରୀକ୍ଷଣ ଶିବିର ପରିଚାଳନା କରାଯାଉଛି । ସ୍ୱଚ୍ଛସାଥୀ ଏବଂ ମହିଳା ଆରୋଗ୍ୟ ସମିତିଙ୍କ ସଂପୃକ୍ତିରେ କୋଭିଡ୍ କେୟାର ହୋମ୍ ଓ କୋଭିଡ୍ ଡାକ୍ତରଖାନାରେ ଥିବା କୋଭିଡ୍ ପଜିଟିଭ ବ୍ୟକ୍ତିଙ୍କ ସହିତ ମଧ୍ୟ ୱେବିନାର ଅନୁଷ୍ଠିତ ହେଉଛି । ଅଗଷ୍ଟ ୮ ତାରିଖରୁ ୧୪ ତାରିଖ ମଧ୍ୟରେ ସିଏମ୍‌ସିରେ ୬୦୫ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ତନ୍ମଧ୍ୟରୁ ୧୬୫ ଜଣ କଂଟେନ୍‌ମେଂଟ ଜୋନ୍ ରୁ, ୧୭୪ ଜଣ ହୋମ୍ କ୍ୱାରାଂଟାଇନ୍ ରୁ (ସଂକ୍ରମିତ ଏବଂ ଫେରନ୍ତା ପ୍ରବାସୀ), ୧୨୭ ଜଣ ଆନୁଷ୍ଠାନିକ କ୍ୱାରାଂଟାଇନ୍ ସେଂଟରରୁ ଓ ୧୩୯ ଜଣ ସ୍ଥାନୀୟ ଲୋକ ସଂକ୍ରମିତ ହୋଇଛନ୍ତି । ସଂକ୍ରମିତଙ୍କ ଚିହ୍ନଟ ପାଇଁ ବ୍ୟାପକ ପରୀକ୍ଷଣ, ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ଚିହ୍ନଟ ଓ ସେମାନଙ୍କୁ ଅଲଗା ରଖାଯିବା (ଆଇସୋଲେସନ୍) କାର୍ଯ୍ୟ ଜାରି ରହିଛି । ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ପରୀକ୍ଷଣକୁ ବ୍ୟାପକ କରାଯାଇଛି । ସିଡିଏସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଚାଉଳିଆଗଞ୍ଜଠାରେ ଆର୍‌ଟି-ପିସିଆର୍ ଟେଷ୍ଟିଂ କରାଯାଉଛି ଏବଂ ଜଗତପୁର, ନୟାବଜାର, ବଣ୍ଡକୁଦ, ବିଡ଼ାନାସୀ, ଷଣ୍ଢପୁରଠାରେ ୫ଟି ଉନ୍ନୀତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଆଂଟିଜେନ୍ ଟେଷ୍ଟ କରାଯାଉଛି । ଏହି ସପ୍ତାହରେ ଅତିରିକ୍ତ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଂଟିଜେନ୍ ଟେଷ୍ଟିଂ ସୁବିଧା ଉପଲବ୍ଧ ହେବ । ଡ୍ରିମସ୍, ଟାଙ୍ଗୀ (୫୦୦ ଶଯ୍ୟା), ଇଡ୍‌କୋ (୨୩୦ ଶଯ୍ୟା), ଓଏସ୍‌ଏଚ୍‌ବି, ବିଦ୍ୟାଧରପୁର (୧୯୬ ଶଯ୍ୟା), ବୋଷ୍ ହଷ୍ଟେଲ୍(୪୧ ଶଯ୍ୟା), ଏଲ୍ ଆଣ୍ଡ ଟି, ଗୋପାଳପୁର (୧୦୭ ଶଯ୍ୟା), ବାରବାଟୀ ଷ୍ଟାଡିୟମ୍ (୭୫ ଶଯ୍ୟା) ଏବଂ ଜେଏନ୍‌ଆଇଏସ୍(୭୫ ଶଯ୍ୟା)ରେ ଖୋଲାଯାଇଥିବା ୭ଟି କୋଭିଡ୍ କେୟାର ସେଂଟରରେ ସମୁଦାୟ ୧୨୨୪ଟି ଶଯ୍ୟାର ବ୍ୟବସ୍ଥା କରାଯାଇଛି । ଏହିସବୁ ଚିକିତ୍ସା କେନ୍ଦ୍ରଗୁଡ଼ିକରେ ରହିଥିବା ଶଯ୍ୟାରୁ ୫୦.୪୧ ପ୍ରତିଶତ ଶଯ୍ୟା ବର୍ତ୍ତମାନ ସୁଦ୍ଧା ବ୍ୟବହୃତ ହୋଇଛି ବୋଲି ସିଏମସି କମିଶନର ସୂଚନା ଦେଇଛନ୍ତି । ସେହିପରି କଟକ ଜିଲ୍ଲାପାଳ ଶ୍ରୀ ଭବାନୀ ଶଙ୍କର ଚୟନୀ ସୂଚନା ଦେଇ କହିଛନ୍ତି ଯେ, କଟକ ଜିଲ୍ଲାରେ ୫୪ ହଜାର ୮୮୪ ନମୁନା ପରୀକ୍ଷା କରାଯାଇଛି । ତନ୍ମଧ୍ୟରୁ ୩,୭୯୭ଟି କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଗ୍ରାମାଂଚଳରେ ପଜିଟିଭ୍ ସଂଖ୍ୟା ୧,୫୧୮ ରହିଥିବାବେଳେ ସହରାଂଚଳରେ ଏହା ୨,୨୭୯ ରହିଛି । ସେଥି ମଧ୍ୟରୁ ୧,୦୨୦ ଜଣ ଚିକିତ୍ସିତ ହେଉଛନ୍ତି । ଚଳିତ ସପ୍ତାହରେ ଜିଲ୍ଲାର ସୁସ୍ଥ ହାର ୭୨.୧୬% ଥିବାବେଳେ ଗତ ସପ୍ତାହରେ ଏହା ୬୬.୦୩ ପ୍ରତିଶତ ରହିଥିଲା । କଟକ ଏସ୍‌ସିବି ମେଡିକାଲ୍ କଲେଜରେ ୧୧୨ ଜଣ ପ୍ଲାଜ୍‌ମାଦାତାଙ୍କଠାରୁ ୨୨୪ ୟୁନିଟ୍ ପ୍ଲାଜ୍‌ମା ସଂଗୃହୀତ ହୋଇଥିଲା । ତନ୍ମଧ୍ୟରୁ ୧୭୯ ୟୁନିଟ୍ ପ୍ଲାଜ୍‌ମାର ବ୍ୟବହାର କ୍ରମେ ଗୁରୁତର କୋଭିଡ୍ ରୋଗୀ ଚିକିତ୍ସିତ ହେଉଛନ୍ତି । ଜିଲ୍ଲାରେ ପ୍ଲାଜ୍‌ମା ଦାନକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ସଚେତନତା କାର୍ଯ୍ୟକ୍ରମ ଅବ୍ୟାହତ ରହିଛି । ଏସ୍‌ସିବି ମେଡିକାଲ୍ କଲେଜ, କଟକର ପରୀକ୍ଷାଗାରରେ ୧୮ଟି ଜିଲ୍ଲାର ୧,୩୩,୭୨୮ ନମୁନା ପରୀକ୍ଷା କରାଯାଇଛି ।

# ମହିଳାଙ୍କୁ କାଠ ଫାଳିଆରେ ପିଟି ହତ୍ୟା

ଗଞ୍ଜାମ,୧୭।୮ (ନି.ପ୍ର): ଗଞ୍ଜାମ ଜିଲ୍ଲା ଆସିକା ଥାନା ଅନ୍ତର୍ଗତ ଖରିଡ଼ାପଦର ହରିଜନ ସାହିର ରଞ୍ଜିତା ନାୟକ ନାମ୍ନୀ ଜଣେ ବିବାହିତା ମହିଳା ଗ୍ରାମର ଶିବ ମନ୍ଦିର ନିକଟରେ ଝାଡୁ କରୁଥିବା ବେଳେ ତାଙ୍କୁ କାଠ ଫାଳିଆରେ ପିଟି ତାଙ୍କ ଦେଢ଼ଶୁର ହତ୍ୟା କରିଥିବା ଜଣାପଡିଛି । ପାରିବାରିକ କଳହକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡିଛି । ଘଟଣା ପରେ ଅଭିଯୁକ୍ତ ଦେଢ଼ଶୁର ଫେରାର୍ ହୋଇଯାଇଛି । ଆସିକା ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରି ଆସିକା ଡ଼ାକ୍ତରଖାନାକୁ ବ୍ୟବଛେଦ ନିମନ୍ତେ ପଠାଇଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

# ନବରଙ୍ଗପୁର ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସରେ ଯୋଗଦେଲେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

## କରୋନାକୁ ହରାଇ ଜିଲ୍ଲାର ବିକାଶ ସହିତ ସମୃଦ୍ଧ ଓ ସଶକ୍ତ ଓଡିଶା ନିର୍ମାଣ ପାଇଁ ଆହ୍ୱାନ

ଭୁବନେଶ୍ୱର,୧୭।୮ (ନି.ପ୍ର): ନବରଙ୍ଗପୁର ଜିଲ୍ଲାସ୍ତରୀୟ ୭୪ ତମ ସ୍ୱାଧୀନତା ଦିବସ ନବରଙ୍ଗପୁର ଷ୍ଟାଡିୟମ୍‌ଠାରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରି ଜିଲ୍ଲାବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ମନ୍ତ୍ରୀ ଶ୍ରୀ ଦାସ ତାଙ୍କ ଅଭିଭାଷଣରେ କହିଲେ ଯେ, ସ୍ୱାଧୀନତା ସଂଗ୍ରାମରେ ନବରଙ୍ଗପୁର ଜିଲ୍ଲାର ଯୋଗଦାନ ଆମ ଇତିହାସରେ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି । ସେ ଭାରତର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଦେଶମାତୃକା ପାଇଁ ପ୍ରାଣବଳି ଦେଇଥିବା ଆମ ଦେଶ, ରାଜ୍ୟ ତଥା ନବରଙ୍ଗପୁର ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ଓ କ୍ରାନ୍ତିକାରୀ ମୁକ୍ତିଯୋଦ୍ଧାମାନଙ୍କର ତ୍ୟାଗ ଓ ବଳିଦାନର ସ୍ମୃତିଚାରଣ କରି ସେମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏବେ କରୋନା ମହାମାରୀ ଦ୍ୱାରା ସମଗ୍ର ବିଶ୍ୱବାସୀ ପ୍ରଭାବିତ । ଏହି ଅଦୃଷ୍ଟ ତଥା ଅଭୂତପୂର୍ବ ଶକ୍ତି ବିରୁଦ୍ଧରେ ଆମ ସମସ୍ତଙ୍କର ସମ୍ମିଳିତ ଲଢେଇ ଜାରି ରହିଛି । ଏହାର ମୁକାବିଲା ପାଇଁ ନିୟମାବଳୀର କଠୋର ଅନୁପାଳନ ସହ ସଂଗରୋଧ କେନ୍ଦ୍ର, ସ୍ୱତନ୍ତ୍ର କୋଭିଡ୍ ଡାକ୍ତରଖାନା, କୋଭିଡ୍ କେୟାର ହୋମ୍, କୋଭିଡ୍ କେୟାର ସେଣ୍ଟର, ପ୍ଲାଜମା ବ୍ୟାଙ୍କ ସମେତ ସ୍ୱାସ୍ଥ୍ୟ ଭିତିଭୂମିର ପ୍ରତିଷ୍ଠା ଏବଂ ସେସବୁର ପରିଚାଳନା ସହ ଏ ଦିଗରେ ଅଭିଜ୍ଞତାସମ୍ପନ୍ନ ମାନବସମ୍ବଳ ଏବଂ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଆଜି କୋଭିଡ୍ ମୁକାବିଲାରେ ଆମ ରାଜ୍ୟ ସରକାର ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛନ୍ତି । ଏହି ଲଢେଇରେ ନବରଙ୍ଗପୁର ଜିଲ୍ଲାବାସୀଙ୍କ ପ୍ରଶଂସନୀୟ ଉଦ୍ୟମ ରହିଆସିଥିବା ବେଳେ ସମସ୍ତ ପ୍ରୟାସ ଜାରି ରଖି କରୋନାକୁ ହରାଇ ଜିଲ୍ଲାର ବିକାଶ ସହିତ ସମୃଦ୍ଧ ଓ ସଶକ୍ତ ଓଡିଶା ନିର୍ମାଣ ପାଇଁ ସେ ଜିଲ୍ଲାବାସୀଙ୍କୁ ଦୃଢ ସଂକଳ୍ପର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସେ ନବରଙ୍ଗପୁର ଜିଲ୍ଲାର ୧୬ ଜଣ କରୋନା ଯୋଦ୍ଧାଙ୍କୁ ସମ୍ମାନିତ କରିଥିଲେ ଓ ପରେ ପରେ ଏକ ବୃକ୍ଷ-ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । କୋଭିଡ୍-୧୯ କଟକଣା ଅନୁପାଳନ କରି ସାମାଜିକ ଦୂରତା ଅବଲମ୍ବନ ଓ ମାସ୍କ ପରିଧାନ ପୂର୍ବକ ଏହି ଉତ୍ସବ ପାଳିତ ହୋଇଥିଲା । ଏହି ଜିଲ୍ଲାସ୍ତରୀୟ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ବିଧାୟକ ଶ୍ରୀ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ଶ୍ରୀ ମନୋହର ରନ୍ଧାରି, ଜିଲ୍ଲାପାଳ ଡଃ. ଅଜିତ କୁମାର ମିଶ୍ର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ନିତିନ କୁଶଲକର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିମାଇଁ ଚରଣ ସୂତାର, ଶ୍ରୀ ଶୁଭାଶୀଷ ମାନସିଂ, ବନଖଣ୍ଡ ଅଧିକାରୀ ଶ୍ରୀ ମଗର ଧନାଜୀ ରାଓସେ, ପ୍ରକଳ୍ପ ନିର୍ଦ୍ଦେଶକ, ଡିଆରଡିଏ ଶ୍ରୀ ରମାକାନ୍ତ ନାୟକ, ସିଡିଏମଓ ଡା. ଶୋଭାରାଣୀ ମିଶ୍ର, ଉପ ଜିଲ୍ଲାପାଳ ଶ୍ରୀ ଭାସ୍କର ରଇତୋଙ୍କ ସମେତ ସୀମିତ ସଂଖ୍ୟକ ଅତିଥି, ପଦାଧିକାରୀ, କରୋନା ଯୋଦ୍ଧା ଓ ଗଣମାଧ୍ୟମ ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ । ଏ.ପି.ଆର ପୋଲିସ, ପୋଲିସ୍ ବ୍ୟାଣ୍ଡ ଓ ବନ ବିଭାଗ ଦ୍ୱାରା ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଦିଆଯାଇଥିବେ ବେଳେ ଏହାକୁ ରିଜର୍ଭ ଇନ୍‌ସପେକ୍ଟର ଶ୍ରୀ ବିକ୍ରମ ରଞ୍ଜନ ଦାସ ଓ ସର୍ଜେଣ୍ଟ ଶ୍ରୀ ସାନ୍ତନୁ କୁମାର ପ୍ରଧାନୀ ପରିଚାଳନା କରିଥିଲେ ।

# ପୋଲ ତଳକୁ ଖସି ପଡିଲା ଟ୍ରକ୍ : ଅଳ୍ପକେ ବର୍ତିଲେ ଡ୍ରାଇଭର ଓ ହେଲପର୍

ମାଲକାନଗିରି,୧୭।୮ (ନି.ପ୍ର): ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପଡିଲା ଟ୍ରକ୍ ଟ । ତେବେ ଏଭଳି ଏକ ସଡ଼କ ଦୁର୍ଘଟଣାରୁ ଅଳ୍ପକେ ବର୍ତିଛନ୍ତି ଡ୍ରାଇଭର ଓ ହେଲପର୍ । ଗତକାଲି ସକାଳେ ଆନ୍ଧ୍ରରୁ ପ୍ଲାଷ୍ଟିକ୍ ସାମଗ୍ରୀ ବୋଝେଇ କରି କାଲିମେଳା ଆସୁଥିବା ଏକ ମିନି ଟ୍ରକ୍ ୩୨୬ ନଂ ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା ପୋଲ ନିକଟରେ ଭାରସାମ୍ୟ ହରାଇ ନଦୀକୁ ଖସି ପଡିଥିଲା । ଗାଡ଼ିର ଡ୍ରାଇଭର ଓ ହେଲପର ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର ହୋଇଛନ୍ତି । ଲଗାଣ ବର୍ଷା ଯୋଗୁଁ ଏହି ବ୍ରିଜ୍ ଉପରେ ୪ରୁ ୫ ଫୁଟ୍ ଉଚ୍ଚରେ ଜଳ ପ୍ରବାହିତ ହେଉଥିଲା । ତେବେ ଏପରି ସ୍ଥିତିରେ ଡ୍ରାଇଭର କିପରି ଗାଡି ଚଳାଇ ଆଗକୁ ଯାଇଥିଲେ ପୋଲିସ ସେନେଇ ମଧ୍ୟ ଛାନଭିନ୍ ଆରମ୍ଭ କରିଛି ।

# ଖଜୁରୀପଡା ବ୍ଲକର ବିଭିନ୍ନ ଜାଗାରେ ସ୍ୱାଧୀନତା ଦିବସ ପାଳିତ

କନ୍ଧମାଳ,୧୭।୮ (ନି.ପ୍ର): କନ୍ଧମାଳ ଜିଲ୍ଲାର ଖଜୁରୀପଡା ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟ ଖେଳପଡିଆଠାରେ ବ୍ଲକ ସ୍ଥରୀୟ ୭୪ ତମ ପ୍ରବଳ ବର୍ଷାରେ କୋଭିଡ-୧୯ ନିୟମ ଅନୁଯାୟୀ ପାଳିତ ହୋଇଯାଇଛି । ପଂଚାୟତ ସମିତି ଅଧକ୍ଷ ଶ୍ରୀ ବିରେନ୍ଦ୍ର କୁମାର କହଁର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପତାକା ଉତଳୋନ କରିଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ରବିନ୍ଦ୍ର ନାଥ କହଁର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଦିବ୍ୟ ସିଂହ କହଁର, ପିଇଟି ରଙ୍କନିଧି, ଏନସିସି ଶିକ୍ଷକ ଅରୁପ କୁମାର ବେହେରା, ସ୍କାଉଟ ଶିକ୍ଷକ ଶ୍ରୀ କୈଳାସ ଚନ୍ଦ୍ର ଶ୍ୱାଇଁଙ୍କ ସମେତ ସ୍ୱାଧୀନତା ଦିବସରେ ଉପସ୍ଥିତ ଥିଲେ । ସେହିଭଳି ଖଜୁରୀପଡା ତହସିଲ କାର୍ଯ୍ୟାଳୟ ଠାରେ ତହସିଲଦାର ଶ୍ରୀମତୀ ସପ୍ନିତା ନାୟକ ସମସ୍ତ କର୍ମଚାରୀଙ୍କ ସହ ଉପସ୍ଥିତ ହୋଇ ଯାତୀୟ ସଙ୍ଗୀତ ଗାନ କରିଥିବା ବେଳେ ତହସିଲଦାର ଶ୍ରୀମତୀ ନାୟକ ପତାକା ଉତୋଳନ କରିଥିଲେ । ସେହିପରି ଖଜୁରୀପଡା ଥାନା ଅଧିକାରୀ ଶ୍ରୀ ରମାକାନ୍ତ ପାତ୍ର ପୋଲିସ କର୍ମଚାରୀଙ୍କ ସହ ଏବଂ ବିଭିନ୍ନ ସଂଗଠନ କ୍ଲବ ଏବଂ କାର୍ଯ୍ୟାଳୟରେ ସମାଜିକ ଦୁରତା ବଜାୟରଖି ମାସ୍କ ପିନ୍ଧି ୭୪ତମ ସ୍ୱାଧିନତା ଦିବସ ପାଳନ କରିଛନ୍ତି ।

# ଅଟଳ ବିହାରୀ ବାଜପେୟୀଙ୍କ ପୂଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଜଣାଇଲା ରାଜ୍ୟ ବିଜେପି

## ଓଡିଶାର ବିକାଶ କ୍ଷେତ୍ରରେ ଅଟଳଜୀଙ୍କ ଅବଦାନ ଅତୁଳନୀୟ : ସମୀର ମହାନ୍ତି

ଭୁବନେଶ୍ୱର,୧୭।୮ (ନି.ପ୍ର): ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଦ୍ୱିତୀୟ ପୂଣ୍ୟତିଥିରେ ରାଜ୍ୟ ବିଜେପି ନେତୃବୃନ୍ଦ ଓ କାର୍ଯ୍ୟକର୍ତା ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ରାଜ୍ୟ ମୁଖପାତ୍ର ଶ୍ରୀ ସୁଦୀପ୍ତ ରାୟଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ରାଜ୍ୟସଭାପତି ସମୀର ମହାନ୍ତିଙ୍କ ସମେତ ରାଜ୍ୟ ନେତୃବୃନ୍ଦ ସ୍ୱର୍ଗତଃ ଅଟଳଜୀଙ୍କ ଫଟୋରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ ଅଟଳଜୀ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ । ଉପସ୍ଥିତ ସମସ୍ତ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତା ଅଟଳଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଓଡିଶାର ବିକାଶ କ୍ଷେତ୍ରରେ ସ୍ୱର୍ଗତଃ ବାଜପେୟୀଙ୍କ ଅବଦାନ ଅତୁଳନୀୟ । ୧୯୯୯ ମହାବାତ୍ୟା ପରେ ଓଡ଼ିଶାବାସୀଙ୍କ ଦୁର୍ଦ୍ଦିନରେ ବାଜପେୟୀଙ୍କ ସାହାଯ୍ୟ ଓ ସମର୍ଥନ ଅବିସ୍ମରଣୀୟ । ସ୍ୱର୍ଗତଃ ବାଜପେୟୀ ରାଷ୍ଟ୍ରୀୟ ରାଜମାର୍ଗ ବିକାଶ (ସ୍ୱର୍ଣ୍ଣ ଚତୁର୍ଭୁଜ) ଯୋଜନାରେ ଦେଶରେ ସବୁଠୁ ଅଧିକ ପ୍ରାଧାନ୍ୟ ଓଡ଼ିଶାକୁ ଦେଇଥିଲେ । ଓଡିଶାକୁ ଅଧିକ ଗୁରୁତ୍ୱ ଦେଇ ୧୬ ଶହ କିମି ବିଶିଷ୍ଟ ରାଜମାର୍ଗକୁ ଦୁଇ ଦୁଣ କରି ୩୨ ଶହ କିମିରେ ପହଂଚାଇଥିଲେ । ଗ୍ରାମ ସଡକ ଯୋଜନା, ଗାଁ ଗାଁରେ ମୋବାଇଲ ସଂଯୋଗ କରାଇବା, ଅନ୍ତୋଦୟ ଏବଂ ଅନ୍ନପୂର୍ଣ୍ଣା ଯୋଜନାରେ ଗରୀବଙ୍କ ପାଖରେ ଅନ୍ନ ପହଂଚାଇବାରେ ସ୍ୱର୍ଗତଃ ବାଜପେୟୀଙ୍କ ଯୋଗଦାନ ଅତୁଳନୀୟ । ଓଡିଶା ବାସୀଙ୍କ ପ୍ରତି ଅଟଳଜୀଙ୍କ ସେହ୍ନ ଓ ଶ୍ରଦ୍ଧା ସର୍ବଦା ଚିରସ୍ମରଣୀୟ ହୋଇ ରହିବ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି । ସ୍ୱର୍ଗତଃ ଅଟଳଜୀଙ୍କ ପୂଣ୍ୟତିଥିରେ ସାରା ରାଜ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଦୀନ ଦୟାଲ ପାର୍କରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ବୃକ୍ଷ ରୋପଣ କରି ଅଟଳଜୀଙ୍କୁ ମନେ ପକାଇଛନ୍ତି । ଶ୍ରଦ୍ଧାଞ୍ଜଳି ସଭାପରେ ଅଟଳଜୀଙ୍କ ଉଦ୍ଦେଶ୍ୟରେ ଏକ କବିତା ପାଠୋତ୍ସବ କାର୍ଯ୍ୟକ୍ରମକୁ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଶ୍ରୀମତୀ କାନନବାଳା ପଟ୍ଟନାୟକଙ୍କ ସଂଚାଳନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ କୋଭିଡ ନିୟମକୁ ପାଳନ କରି କରାଯାଇଛି । ଏହି ଅବସରରେ ବିଧାୟିକା କୁସୁମ ଟେଟେ, ପୂର୍ବତନ ସାଂସଦ ବଳଭଦ୍ର ମାଝୀ, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର ଓ ପ୍ରଭାତି ପରିଡା, ରାଜ୍ୟ ସାଧାରଣ ସଂପାଦକ (ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ରାଜ୍ୟ ମୁଖପାତ୍ର ଡ. ଯତିନ ମହାନ୍ତି, ବିରଂଚି ନାରାୟଣ ତ୍ରିପାଠୀ, ଠାକୁର ରଂଜିତ ଦାସ, ଉମାକାନ୍ତ ପଟ୍ଟନାୟକ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ ଆଚାର୍ଯ୍ୟ, ବରିଷ୍ଠ ନେତା ମହେଶ ମହାନ୍ତି, ଶାରଦା ଶତପଥୀ, କୃଷକ ମୋର୍ଚ୍ଚା ସାଧାରଣ ସଂପାଦକ ସୁରଥ ବିଶ୍ୱାଳ, ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ, ଜଗନ୍ନାଥ ପ୍ରଧାନଙ୍କ ସମେତ ରାଜ୍ୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦୁଝର ରେ ବିଚ ରାସ୍ତା ଉପରେ ପୋଲିସ ର ସମ୍ମୁଖରେ ସାମାଜିକ ଦୂରତାର ଧଜିଆ ଉଡିଲା

## ପୋଲିସର କାର୍ଯ୍ୟଶୈଳୀ ଉପରେ ଉଠିଲା ପ୍ରଶ୍ନ

କେନ୍ଦୁଝର,୧୭।୮ (ନି.ପ୍ର): କରୋନା ମହାମାରି ପରି ମାହା ବିପତି ସମୟରେ ସରକାରୀ ନିୟମ କୁ ଫୁ କରି କେନ୍ଦୁଝର ସହରର ବିଚ ରାସ୍ତା ଉପରେ ପୋଲିସ ର ଆଖି ସାମନାରେ ପୁରୁଷ ଓ ମହିଳାମାନେ ସାମାଜିକ ଦୂରତାର ଖୋଲା ଖୋଲି ଧଜିଆ ଉଡାଇବା ଦେଖିବାକୁ ମିଳଥିଲା । କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରେ ରେ ୭୪ ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ରେ ମୁଖ୍ୟ ଅତିଥୀ ଭାବେ ଓଡିଶାର ମନ୍ତ୍ରୀ କୃଷି ଓ କୃଷକ ସଶକ୍ତିକରଣ , ମତ୍ସ ,ପଶୁ ସମ୍ପଦ ବିକାଶ ଓ ଉଚ୍ଚ ଶିକ୍ଷା ବିଭାଗ ର ମନ୍ତ୍ରୀ ଡଃ ଅରୁଣ ସାହୁ ଶୁକ୍ରବାର ଦିନ ରାତିରେ ଆସି ସର୍କିଟ ହାଉସ ଯିବା ପୂର୍ବରୁ କେନ୍ଦୁଝର ସହର ର ମହାବୀର ଛକ ନିକଟରେ ପହଞ୍ଚିବା ସଙ୍ଗେ ସଙ୍ଗେ ସେଠାରେ ଉପସ୍ଥିତ ଶତାଧିକ ଲୋକ ମନ୍ତ୍ରୀ କୁ ସ୍ୱାଗତ କରିବା କୁ ଯାଇ ସାମାଜିକ ଦୂରତାକୁ ଭୁଲିଯାଇଥିଲେ । କରୋନା ସମୟରେ ହେଲେ ବି ସରକାରଙ୍କର ସାମାଜିକ ଦୂରତା ଭଳି କଠୋର କଟକଣା କୁ ସମସ୍ତେ ଯେଭଳି ଉପହାସ କରିବା ପାଇଁ ପ୍ରସ୍ତୁତ ହୋଇ ଆସିଥିବା ଭଳି ପ୍ରଦର୍ଶନ କରିଥିଲେ । ସାମାଜିକ ଦୂରତା ଭଙ୍ଗ କରୁଥିବା ଲୋକମାନଙ୍କ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରି ଜୋରିମାନା ଆଦାୟ କରିବାରେ ହେଳା କରୁ ନଥିବା ସେହି ପୋଲିସ ବାବୁ ମାନଙ୍କର ଉପସ୍ଥିତ ରେ ହିଁ ଖୋଲା ଖୋଲି ଲୋକମାନେ ସମାଜିକ ଦୂରତା ଭଳି କଟକଣା କୁ ଫୁ ରେ ଉଡାଇଦେଇଥିବା ଦେଖିବାକୁ ମିଳିଥିଲା । ହେଲେ ପୋଲିସ ବାବୁମାନେ ଯେଭଳି ସେମାନଙ୍କୁ ବାରଣ କରିବାକୁ ସାହାସ ଜୁଟାଇ ପାରୁ ନଥିଲେ । ତେବେ କଣ ନିରୀହ ଲୋକଙ୍କ କ୍ଷେତ୍ରରେ ହିଁ କେବଳ କଟକଣା ? ଖୋଦ ସରକର ଙ୍କର ଜଣେ ବରିଷ୍ଠ ମନ୍ତ୍ରୀ ଓ ପୋଲିସ ଉପସ୍ଥିତ ରେ ସରକାର ଙ୍କ କଟକଣା ର ଖୋଲା ଖୋଲି ଧଜିଆ ଉଡାଯିବା ଘଟଣାକୁ ନେଇ ସହର ରେ ଚର୍ଚ୍ଚା ଯୋର ଧରିବା ଥିବା ବେଳେ ଅନ୍ୟ ପକ୍ଷରେ ଏହି ଘଟଣାରେ ସରକାରଙ୍କ ନିଷ୍ପତି ତଥା ନିର୍ଦ୍ଦେଶ ର ସଫଳ ରୂପାୟନ କ୍ଷେତ୍ରରେ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଆନ୍ତରିକତା ଉପରେ ସ୍ୱଭାବିକ ଉଠିଛି ପ୍ରଶ୍ନ ।

# ନିଦକୁ ନେଇ ଭ୍ରମ

**ଏକ ସୁସ୍ଥ ଶରୀର ଲାଗି ଖାଦ୍ୟ, ପାଣି ଏବଂ ଶାରୀରିକ କାର୍ଯ୍ୟକଳାପ ସହ ପର୍ଯ୍ୟାପ୍ତ ନିଦ ନିହାତି ଜରୁରୀ । ନିଦର ଅଭାବ ମଣିଷର ମାନସିକତାକୁ ପ୍ରଭାବିତ କରିପାରେ । ବେଳେବେଳେ ଦୀର୍ଘଦିନ ଧରି ଠିକ୍ ଭାବେ ନିଦ ନହେବା ହୃଦ୍‌ଘାତ, ମଧୁମେହ, ମେଦବହୁଳତା, ଏପରିକି ଅକାଳ ମୃତ୍ୟୁର କାରଣ ହୋଇଥାଏ । ନିଦକୁ ନେଇ ଅନେକଙ୍କ ମନରେ କେତେକ ଭ୍ରାନ୍ତ ଧାରଣା ରହିଛି । ଏହାକୁ ତୁରନ୍ତ ଦୂରେଇଦେବା ଉଚିତ ।**



**କେଇଘ[ା ଶୋଇପଡିଲେ ଯଥେଷ୍ଟ :**
ବ୍ୟକ୍ତିଙ୍କ ବୟସ ଅନୁସାରେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ନିଦ ଆବଶ୍ୟକ । ଉ ମ ସ୍ୱାସ୍ଥ୍ୟ ପାଇଁ ମଣିଷ ୭ରୁ ୯ଘ[ା ଶୋଇବା ଜରୁରୀ ହୋଇଥାଏ । ପର୍ଯ୍ୟାପ୍ତ ନିଦ ଓ ବିଶ୍ରାମ ଶରୀରର ମାଂସପେଶୀକୁ ମରାମତି କରିବା ସହ ଶକ୍ତି ଯୋଗାଇବା ଏବଂ ମସ୍ତିଷ୍କ ଶାନ୍ତ ରଖିବାରେ ସହାୟକ ହୋଇଥାଏ । ଏହା ମଧ୍ୟ ସଠିକ୍ ନିଷ୍ପ ି ନେବାରେ ମସ୍ତିଷ୍କକୁ ସହାୟତା କରେ ତଥା ଶରୀରର ରୋଗପ୍ରତିରୋଧକ ବ୍ୟବସ୍ଥା ସୁସ୍ଥ ରଖେ । ତେଣୁ ଶାରୀରିକ ଏବଂ ମାନସିକ ସୁସ୍ଥତା ଲାଗି ଅତି କମ୍‌ରେ ୭ରୁ ୯ ଘ[ା ଶୋଇବା ଜରୁରୀ ।

**ଅନିଦ୍ରା କିଛି ବଡ କଥା ନୁହେଁ:**
ଅନେକେ ଭାବନ୍ତି, ଯଦି କେହି ସହଜରେ ଶୋଇପାରୁ ନଥାନ୍ତି ବା ଅନିଦ୍ରାର ଶିକାର ହୋଇଥାନ୍ତି, ତେବେ ଏହା କିଛି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ନୁହେଁ । ଅସଲରେ ଅନିଦ୍ରା ବା ଇନ୍‌ସୋମ୍‌ନିଆ ତଥା ଏହାର କାରଣ ପୀଡିତ ବ୍ୟକ୍ତିଙ୍କ ଜୀବନଶୈଳୀକୁ ପ୍ରଭାବିତ କରିପାରେ । କାର୍ଯ୍ୟକ୍ଷେତ୍ରରେ ଏଥିରେ ଆକ୍ରାନ୍ତ ବ୍ୟକ୍ତି ସଠିକ୍ ପ୍ରଦର୍ଶନ କରି ନପାରିବା ସହ ନିଦୁଆ ରହିଥାନ୍ତି ଏବଂ ତାଙ୍କ ମୁଡ୍ ପ୍ରାୟତଃ ଖରାପ ରହିଥାଏ । ତେଣୁ ନିଦ ସଂକ୍ରାନ୍ତ କୌଣସି ସମସ୍ୟା ହେଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

**ଛୁଟି ଦିନରେ ନିଦ ପୂରଣ:**
କିଛି ଲୋକ କାର୍ଯ୍ୟବ୍ୟସ୍ତତା ଯୋଗୁ ଶୋଇବାକୁ ଖୁବ୍ କମ୍ ସମୟ ପାଇଥାନ୍ତି । ତେଣୁ ସେମାନଙ୍କ ନିଦ ପୂରଣ ହୁଏନାହିଁ । ସପ୍ତାହାନ୍ତ କିମ୍ବା ଛୁଟିଦିନରେ ଶୋଇ ସେମାନେ ଏହି ବଳକା ନିଦ ପୂରଣ କରିଦେବେ ବୋଲି ଭାବନ୍ତି । ଯଦିଓ ଛୁଟିଦିନରେ ଅଧିକ ସମୟ ପର୍ଯ୍ୟନ୍ତ ଶୋଇବା ସତେଜ ଅନୁଭବ କରାଏ, ତେବେ ଏହା ମାତ୍ର କିଛି ସମୟ ପାଇଁ । ତେଣୁ ପ୍ରତ୍ୟେକ ରାତିରେ ପର୍ଯ୍ୟପ୍ତ ସମୟ ଶୋଇବାକୁ ଚେଷ୍ଟା କରନ୍ତୁ । ନିୟମିତ ସ୍ଲିପ୍ ଟ୍ରାକ୍ (ଶୋଇବା ଶୈଳୀ)କୁ ଫେରିବା ଲାଗି କିଛି ଦିନ ଛୁଟିରେ ଯାଇପାରିବେ ।

**କିଛି ସମୟ ବିଛଣାରେ ପଡିଯିବା ହିଁ ନିଦ:**
ପର୍ଯ୍ୟାପ୍ତ ବିଶ୍ରାମ ନିଦର ବିକଳ୍ପ ହୋଇପାରେ ବୋଲି ଭାବିବା ଭୁଲ୍ । ଚେଇଁ ରହିଥିବା ଅପେକ୍ଷା ଶୋଇଥିବା ସମୟରେ ମସ୍ତିଷ୍କ, ଫୁସ୍‌ଫୁସ୍ ଭଳି ଶରୀରର ଅନ୍ୟ ସମସ୍ତ ଅଙ୍ଗ ଆରାମ କରନ୍ତି ଏବଂ ନିଜର ଚିରାଚରିତ କାର୍ଯ୍ୟଠାରୁ ପୃଥକ କାର୍ଯ୍ୟ କରି ଶରୀରକୁ ପରବ ୀ ସମୟ ପାଇଁ ଶକ୍ତି ଯୋଗାଇଥାନ୍ତି । ମଣିଷ କେବଳ ବିଶ୍ରାମ ନେବା ବାହାନାରେ ଚେଇଁ ରହିଲେ ଏସବୁ ଅଙ୍ଗ ମଧ୍ୟ ଜାଗ୍ରତ ଥା'ନ୍ତି । ତେଣୁ ଏମାନଙ୍କୁ ବିଶ୍ରାମ ମିଳିପାରେ ନାହିଁ ।

**ଶୋଇବା ପାଇଁ ଦିନ - ରାତିରେ ଫରକ୍ ନାହିଁ:**
ଯେଉଁମାନେ ଶୀଘ୍ର ଶୋଇପଡନ୍ତି, ସେମାନେ ପ୍ରକୃତରେ ଭଲରେ ଶୋଇପାରନ୍ତି ବୋଲି ଅନେକଙ୍କର ବିଶ୍ୱାସ । ଅସଲରେ, ଏହାଦ୍ୱାରା ସେମାନେ ପର୍ଯ୍ୟାପ୍ତ ନିଦ ପାଆନ୍ତି ନାହିଁ । ସେହିପରି ରାତି ସିଫ୍ଟରେ କାମ କରୁଥିବା ବ୍ୟକ୍ତି ସକାଳେ କିମ୍ବା ଦ୍ୱିପ୍ରହର ସମୟରେ ଶୋଇଲେ ମଧ୍ୟ ସାର୍କାଡିଆନ୍ ରିଦ୍‌ମ ଡିସିଙ୍କ୍ରୋନାଇଜେସନ୍ ପରି ଲକ୍ଷଣ ଏବଂ ଖରାପ ନିଦର ଶିକାର ହୋଇପାରନ୍ତି । ଏହା ମଧ୍ୟ ଅବସାଦ ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୋଇଥାଏ ।

# କୁକୁର କାରଣରୁ ଘରେ ହେଲା ଅଗ୍ନିକାଣ୍ଡ



ପାଶ୍ଚାତ୍ୟ ରାଷ୍ଟ୍ର ଆମେରିକା, ଇଂଲଣ୍ଡରେ କୁକୁର, ବିଲେଇ ପାଳନରେ ଲୋକେ ବିଶେଷ ସଉକ୍ ରଖନ୍ତି । ଏମାନଙ୍କ ମଧ୍ୟରୁ ଅନେକ ଯାତ୍ରା ସମୟରେ ମଧ୍ୟ ନିଜ ପୋଷା ଜନ୍ତୁଙ୍କୁ ନେବାରେ ରୁଚି ରଖନ୍ତି । ବ୍ରିଟେନ୍‌ସ୍ଥିତ ଜନୈକ ବ୍ୟକ୍ତି ହେଲେ ପିଟର୍ । ସବୁଦିନ ପରି ସେଦିନ ମଧ୍ୟ ସେ କାର୍ଯ୍ୟାଳୟକୁ ଯିବା ନିମନ୍ତେ ପ୍ରସ୍ତୁତ ହେଲେ । ଘରର ସଦସ୍ୟ ହେଲେ ପିଟର୍ ଓ ତାଙ୍କ ପୋଷା କୁକୁର ଫରଚ୍ୟୁନ୍ । ଦିନ ୧୦ ଟାବେଳକୁ ପିଟର୍ କାର୍ଯ୍ୟାଳୟ ଚାଲିଗଲେ । ଏଣେ କୁକୁର ଫରଚ୍ୟୁନ୍ ଘରେ ଏକାଏକା ଏପାଖସେପାଖ ହେଉଥାଏ । ରୋଷେଇଘରେ ଥିବା ମାଇକ୍ରୋଓ୍ୱେଭ ଭିତରେ ପିଟର୍ ଗୋଟିଏ କେକ୍ ରଖିଦେଇଯାଇଥିଲେ । କୁକୁରଟି ଅଜାଣତରେ ମାଇକ୍ରୋଓ୍ୱେଭ ଚାଲୁ କରିଦେଲା । ଅଧିକ ସମୟ ମାଇକ୍ରୋଓ୍ୱେଭ୍ ଚାଲିବା କାରଣରୁ କେକ୍ ପୋଡି, ରୋଷେଇ ଘରେ ନିଆଁ ଲାଗିଗଲା । ପଟର୍ ଅଫିସ୍‌ରେ ଥିବାବେଳେ ନିୟମି ତ ସିସିଟିଭିର ଭିଡିଓ ନିଜ ମୋବାଇଲ୍‌ରେ ଯା ଁ କରନ୍ତି । ଯଥା ସମୟରେ ସେ ମୋବାଇଲ୍ ଭିଡିଓରେ ଦେଖିଲେ, ରୋଷେଇ ଘରୁ ଧୂଆଁ ବାହାରୁଛି । ଆଉ ବିଳମ୍ବ ନକରି ସେ ତୁରନ୍ତ ସ୍ଥାନୀୟ ଦମକଳ କେନ୍ଦ୍ରକୁ ଫୋନ୍ କରି ସହାୟତା ଲୋଡିଲେ । ଦମକଳ ବାହିନୀ ପହ ଁ ଯଥା ସମୟରେ ପରିସ୍ଥିତିକୁ ଆୟ କରିବା ସହ କୁକୁରକୁ ମଧ୍ୟ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ଏବେ ଆପଣ ମଧ୍ୟ ଯଦି ଘରେ କୁକୁର, ବିଲେଇକୁ ଏକା ଛାଡିଯାଉଛନ୍ତି, ତେବେ ସାବଧାନ ହୋଇ ରହନ୍ତୁ ।

# ଭ୍ରମଣ କରି ସୁସ୍ଥ ରହନ୍ତୁ

ମାନସିକ ଚାପ କମ୍ କରବାକୁ ଚାହୁଁଥିଲେ କିମ୍ବା କିଛି ସମୟ ଶାନ୍ତିରେ ରହିବାକୁ ଚାହୁଁଥିଲେ, ସାଙ୍ଗସାଥି ହେଉ କିମ୍ବା ପରିବାରଲୋକଙ୍କ ସହ ଭ୍ରମଣ କରିବାକୁ ଯୋଜନା କରନ୍ତୁ । ଟେନ୍‌ସନ୍ କମ୍ କରବାକୁ ଚାହୁଁଥିଲେ, ଭ୍ରମଣ ଏକ ସୁନ୍ଦର ଉପଚାର ବୋଲି ବିଶେଷଜ୍ଞଙ୍କ ମତ । କୌଣସି ମହାନଗରୀ ବୁଲିବାକୁ ଯୋଜନା କରିବା ପରିବ େ ହିଲ୍-ଷ୍ଟେସନ୍ ଯିବା ଆମକୁ ମାନସିକ ଶାନ୍ତି ଦେଇଥାଏ । ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସ୍ଥାନୀୟ ପରିବେଶ ହିଁ ମୁଖ୍ୟ ଆକର୍ଷଣ ପାଲଟିଥାଏ ।

- ♦ ଇ[ରନେଟ୍‌ରୁ ଖୋଜି ହ୍ରଦ ଥିବା ସ୍ଥାନ ଖୋଜିବା ସହ ୨-୩ ଦିନ ନିମନ୍ତେ ହୋଟେଲ୍ ବୁକିଂ କରନ୍ତୁ ।
- ♦ କାମର ଚାପରୁ ବାହାରି ବୁଲିବାକୁ ଯାଉଥିଲେ ପ୍ୟାକିଂ ଅଧିକ ନ କରି ବରଂ କମ୍ ପୋଷାକପତ୍ର ନେଇ ଯିବା ଉଚିତ ।
- ♦ ଯାତ୍ରା କରିବାର ସମୟ ଅଳ୍ପ ଥିଲେ, ଫ୍ଲାଇଟ୍‌ରେ ବୁକିଂ କରନ୍ତୁ । ନଚେତ୍ ରେଳରେ ଯାତ୍ରା କରିବାର ମଜା ମଧ୍ୟ ବେଶ୍ ନଆରା ଅଟେ ।

# ଖାଦ୍ୟର ପୋଷକତତ୍ତ୍ୱ

**ଆଜିକାଲି ସମସ୍ତ ବର୍ଗର ଲୋକ ନିଜ ଖାଦ୍ୟପାନୀୟକୁ ନେଇ ଖୁବ୍ ସଚେତନ । ବିଶେଷଜ୍ଞଙ୍କ ମତରେ କେତେକ ନିୟମ ପାଳନ କଲେ, ଖାଦ୍ୟପାନୀୟର ସଠିକ୍ ପୋଷକତ⃞ ଶରୀରକୁ ମିଳିଥାଏ ।**

- ଚୋପା ସହ ପ୍ରତ୍ୟେକ ପରିବାକୁ ରାନ୍ଧିବା ଉଚିତ । ଏହା ଦ୍ୱାରା ପରିବାର ପୋଷକତତ୍ତ୍ୱ ନଷ୍ଟ ହୋଇନଥାଏ ଓ ଚୋପାର ଭିଟାମିନ୍ ମଧ୍ୟ ବ୍ୟଞ୍ଜନରେ ରହିଥାଏ ।
- ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ପରିବା ରଖନ୍ତୁ ନାହିଁ ।




ଫ୍ରିଜ୍‌ରେ ମଧ୍ୟ ବଜାରରେ ଉପଲବ୍ଧ ହେଉଥିବା 'ଜିପର୍ ପାଉଚ୍' ପରିବାର ରଖନ୍ତୁ କାରଣ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ରଖିଲେ ଏହାର ବିଷତତ୍ତ୍ୱ ପରିବା ସହ ମିଶିଯାଏ ।

- ପରିବା ସିଝିବାକୁ ଥିଲେ, ପ୍ରଥମେ ପାଣି ଗରମ କରି ପରେ ସେଥିରେ ପରିବା ପକାନ୍ତୁ । ଏପରି କଲେ ପରିବା ଶୀଘ୍ର ସିଝିବା ସହ ସେଥିରେ ଥିବା ଭିଟାମିନ୍ ନଷ୍ଟ ହୁଏନାହିଁ ।



# ମଧୁମେହ ପାଇଁ ପା ଁ ଉପକାରୀ ଅଭ୍ୟାସ

**ଅବ୍ୟବସ୍ଥିତ ଜୀବନଶୈଳୀ ଯୋଗୁ ମଧୁମେହ ଏବେ ସବୁଠାରୁ ଗୁରୁତର ଅସୁସ୍ଥତାରେ ପରିଣତ ହୋଇଛି । ଜାଣେ କିନ୍ତୁ ଚାହିଁଲେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଜୀବନରେ କାର୍ଯ୍ୟଚାପରୁ ନିଜକୁ ମୁକ୍ତ ରଖିପାରିବେ ନାହିଁ । ତେବେ ଏପରି ପା ଁଟି ଉପାୟ ନିଜ ପାଇଁ ଆପଣାଇ ପାରିବେ ।**




√ ଠିକ୍ ସମୟରେ ଖାଦ୍ୟ ଖାଇବା ସହ ଖାଇବା ମଝିରେ ଉଠନ୍ତୁ ନାହିଁ । ବେଳେବେଳେ ଖାଇବାକୁ ଇଛା ହେଉନଥିଲେ ଫଳରସ କିମ୍ବା ସୁପ୍ ପିଇପାରନ୍ତି । ସକାଳ ଜଳଖିଆରେ କମ୍ କ୍ୟାଲୋରୀଯୁକ୍ତ ଖାଦ୍ୟ ଖାଇବା ସହ ରାତିରେ ହାଲ୍‌କା ଖାଦ୍ୟ ଖାଆନ୍ତୁ । ଏଥିରେ ଅଧିକ ତେଲ, ଘିଅ ନଥିବା ଜରୁରୀ । ଜଙ୍କଫୁଡ୍, ମିଠା, ଭାତ ଆଦି ଖାଇବା କମାନ୍ତୁ । ଅଳ୍ପ ପରିମାଣରେ ଫଳ ଖାଇବା ସହ ଛୋଟ ଗ୍ଲାସ୍‌ରେ ସର ନଥିବା କ୍ଷୀର ଏକ ଗ୍ଲାସ୍ ପିଇପାରିବେ ।

√ ନିଦ ସମ୍ପୂର୍ଣ୍ଣ ହେବା ମଧୁମେହ ରୋଗୀଙ୍କ ଲାଗି ନିହାତି ଜରୁରୀ । ବେଶୀ ରାତି ପର୍ଯ୍ୟନ୍ତ ଉଜାଗର ରହିବା ଦ୍ୱାରା ଶରୀରରେ ଶର୍କରାସ୍ତର ବଢିଯାଏ । ଦିନସାରା କ୍ଳାନ୍ତ ଲାଗେ । ତେଣୁ ରାତିରେ ଶୀଘ୍ର ଶୋଇ ସକାଳୁ ଉଠି ହାଲ୍‌କା ବ୍ୟାୟାମ କରିବା ଉପକାରୀ ହୋଇପାରିବ ।

√ମଧୁମେହ ରୋଗୀ ନିଜ ପାଦର ବିଶେଷ ଯତ୍ନ ନେବା ଉଚିତ । କାରଣ, ଏହି ରୋଗରେ ପାଦରେ ବୀଭିନ୍ନ ପ୍ରକାର ସଂକ୍ରମଣ ହେବାର ଆଶଙ୍କା ରହିଛି । ଆରାମଦାୟକ ଜୋତା ପିନ୍ଧିବା ସହ ପାଦରେ ତେଲ ମାଲିସ୍ କରନ୍ତୁ ଏବଂ ଡାକ୍ତରଙ୍କ ପରାମର୍ଶରେ ଆ[ିବାୟୋଟିକ୍ କ୍ରିମ୍ ଲଗାଇ ପାରିବେ । ମଧୁମେହ ଯୋଗୁ ଚାଲିବାରେ କଷ୍ଟ ଅନୁଭବ କରୁଥିଲେ ରାତିରେ ଗରମ ପଟି ପିନ୍ଧି ଶୋଇବା ଉପକାରୀ ।



√ସୁସ୍ଥ ରହିବା ଲାଗି କିଛି ସମୟ ଷ୍ଟ୍ରେଚିଂ ଏବଂ ଏରୋବିକ୍ ଏକ୍‌ସରସାଇଜ ନଚେତ ଯୋଗ କରନ୍ତୁ । ଏହା ଫ୍ୟାଟ୍ କମାଇବା ସହ କ୍ୟାଲୋରୀ କମାଇଥାଏ । ଫୋନ୍‌ରେ କଥା ହେବା ସମୟରେ ଗୋଟିଏ ଜାଗାରେ ନବସି ଚାଲନ୍ତୁ, ସପିଙ୍ଗ କରିବାକୁ ହେଲେ ଚାଲିଚାଲି ଷ୍ଟୋର ପର୍ଯ୍ୟନ୍ତ ଯାଆନ୍ତୁ, ଲିଫ୍ଟ ବଦଳରେ ସିଡି ବ୍ୟବହାର କରିବା ସହ ଖାଇବା ପରେ କିଛି ସମୟ ବଗିଚାରେ ଚଲାବୁଲା କରିବାର ଅଭ୍ୟାସ କରିପାରିବେ ।

√ ତେବେ ଖାଦ୍ୟ ନିୟନ୍ତ୍ରଣ କରିବା ସହ ଡାକ୍ତରଙ୍କ ସହିତ ନିୟମିତ ପରାମର୍ଶ ଜାରି ରଖିବା ସବୁଠାରୁ ଜରୁରୀ ।

# କ୍ରୋଧ ଦୂର କରିବାର ନୂଆ ଉପାୟ



ସ୍ମାର୍ଟ ଯୁଗରେ ଆମ ଭାରତୀୟ ଲୋକ ମଧ୍ୟ ଅତ୍ୟାଧୁନିକ ପଦକ୍ଷେପ ନେଉଥିବାର ଦେଖାଯାଉଛି । ଏହାର ଏକ ପ୍ରକୃଷ୍ଟ ଉଦାହରଣ ହେଲା: ଇନ୍ଦୋର ସହରରେ ନୂଆ କରି ଖୋଲିଥିବା 'ଭଡାସ୍ କେଫେ' । କେଫେକୁ ପ୍ରବେଶ କରିବା ପୂର୍ବରୁ ଆପଣଙ୍କୁ ପ୍ରଥମେ ଦେୟ ଭରଣା କରିବାକୁ ପଡିବ । ପରେ ଭିତରକୁ ଯାଇ ଏକ ସ୍ୱତନ୍ତ୍ର କକ୍ଷ ଗ୍ରାହକଙ୍କୁ ମିଳିଥାଏ । ସେହି କକ୍ଷରେ ଆପଣ ନିଜ ଇଚ୍ଛାରେ ଜୋର୍‌ରେ ଚିତ୍କାର କରିପାରିବେ, କାନ୍ଦିପାରିବେ କାହାକୁ ମନ ଭରି ଗାଳି ମଧ୍ୟ ଦେଇପାରିବେ । କେଫେ ମାଲିକଙ୍କ କହିବାନୁସାରେ, କ୍ରୋଧ ଦୂର କରିବା ନିମନ୍ତେ ଏହା ଏକ ସୁନ୍ଦର ତଥା ସରଳ ଉପାୟ । ସେହି କକ୍ଷରେ ଯଦି କିଛି ଜିନିଷ ଅଛି, ମନ ଶାନ୍ତି କରିବାକୁ ତାହା ମଧ୍ୟ ଭାଙ୍ଗିପାରିବେ । ଏସବୁ ଭିତରେ ବ୍ୟକ୍ତିଙ୍କୁ କ୍ଷତି ଯେପରି ନ ପହଂଚେ, ସେଥିପାଇଁ ସେ ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ । ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ । କେଫେ ମାଲିକ କହିଛନ୍ତି, କକ୍ଷ ଭିତରେ ଯେପରି କେହି ଆତ୍ମହତ୍ୟା କରିବାକୁ ଚେଷ୍ଟା ନ କରନ୍ତି, ସେସବୁ ପ୍ରତି ମଧ୍ୟ ଭଲଭାବେ ଧ୍ୟାନ ଦିଆଯାଇଛି । ସ୍ଥାନୀୟ ଲୋକ କିନ୍ତୁ ଏଇ କେଫେ ଯଥା ଶୀଘ୍ର ବନ୍ଦ ହେବା ଉଚିତ ବୋଲି ଯୁକ୍ତି ବାଢିଛନ୍ତି ।

# ମେକ୍-ଅପ୍ ପରର ତ୍ୱଚା ଚର୍ଚ୍ଚା

ପ୍ରତ୍ୟେକ ଯୁବତୀ ଓ ମହିଳାଙ୍କର ମେକ୍-ଅପ୍ ପ୍ରତି ଅହେତୁକ ଦୁର୍ବଳତା ରହିଛି । ବିଶେଷ ଅବସରରେ ସଜ ହେବାର ମଜା ଅଲଗା ଥାଏ । ତେବେ ମେକ୍-ଅପ୍ ପରେ ଆପଣ କେବେ ଚିନ୍ତା କରଛନ୍ତି କି ତ୍ୱଚା ଆପଣଙ୍କର ରାସାୟନିକ ତ ୍ୱରେ ବାନ୍ଧି ହୋଇରହିଛି । ଆପଣଙ୍କ ତ୍ୱଚା ମଧ୍ୟ ଅମ୍ଳଜାନ ନେବା ଜରୁରୀ । ଏଣୁ ମେକ୍-ଅପ୍ ପରେ ହିଁ ନିଜ ତ୍ୱଚାର ସୁନ୍ଦର ଚର୍ଚ୍ଚା କରନ୍ତୁ । ଡାକ୍ତର ପ୍ରିୟଙ୍କା ରେଡ୍ଡୀଙ୍କ ମତରେ ମେକ୍-ଅପ୍‌କୁ ଭଲଭାବରେ ପୋଛିବା ପରେ ଆର୍ଗାନିକ୍ ଯୋନର୍‌ରେ ତ୍ୱଚାକୁ ଭଲଭାବେ ପୋଛିନେବେ । ଏହା ଦ୍ୱାରା ତ୍ୱଚାରେ ଚମକ ଆସିଥାଏ । ନିୟମିତ ଭାବେ କାର୍ଯ୍ୟାଳୟ ପାଇଁ ହାଲ୍‌କା ମେକ୍-ଅପ୍ କରୁଥିଲେ, ଘରକୁ ଫେରିବା ପରେ ଅଲିଭ ତେଲ କିମ୍ବା ନଡିଆ ତେଲରେ ତ୍ୱଚାର ମାଲିସ୍ କରନ୍ତୁ ।

- ମେକ୍-ଅପ୍ କାରଣରୁ ଆମ ତ୍ୱଚାରେ ବ୍ରଣ ହୋଇଥାଏ । ଏଥିରୁ ରକ୍ଷା ପାଇବାକୁ ହେଲେ ସପ୍ତାହକୁ ୨-୩ ଥର ଘରୋଇ ଫେସପ୍ୟାକ୍ ଲଗାନ୍ତୁ । ସମସ୍ତ ସମସ୍ୟା ଦୂର ହୋଇଯିବ ।
- ମେକ୍-ଅପ୍ କାରଣରୁ ଆଲର୍ଜି ହେଉଥିଲେ ପୋଛିବା ପରେ ତ୍ୱଚାରେ ଘିକୁଆଁରି ରସ, କେବି ଅଏଲର ପ୍ରୟୋଗ କରିବା ଉଚିତ୍ ।



- ଲିପ୍‌ଷ୍ଟକ୍ ପୋଛିବା ପରେ ଓଠରେ ଘିଅ ନଚେତ୍ ନଡିଆ ତେଲ ତୁରନ୍ତ ଲଗାନ୍ତୁ ।

# ପ୍ରଦୂଷଣର ପ୍ରଭାବ

ଏଇ କିଛିଦିନ ତଳେ ସ୍ପେନ୍‌ର ରାଜଧାନୀ ମାଦ୍ରିଦ୍‌ରେ ଅନ୍ତର୍ଜାତୀୟ ସ୍ତରରେ ଏକ ସମ୍ମିଳନୀ ଆୟୋଜିତ ହୋଇଥିଲା । ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଗବେଷକ ଓ ବିଶେଷଜ୍ଞ ଦଳ ସାମିଲ ହୋଇଥିଲେ । ଆଲୋଚନାର ମୁଖ୍ୟ ପ୍ରସଙ୍ଗ ଥିଲା ପରିବ ି ତ ପରିବେଶ ଓ ଏହାର ପ୍ରଭାବ । ୨୦୦ ରାଷ୍ଟ୍ରର ସ୍ଥିତି ଏଥିରେ ସାମିଲ ହୋଇଥିଲାବେଳେ ଭାରତର ଅବସ୍ଥା ସବୁଠୁ ଜଟିଳ ବୋଲି ଗବେଷକଙ୍କ ଅନୁଧ୍ୟାନରୁ ଜଣାପଡିଥିଲା । ପ୍ରଦୂଷଣର ମାତ୍ରା ଏଠାରେ ନିୟନ୍ତ୍ରିତ ହେଉନଥିବାବେଳେ ଲୋକ ମଧ୍ୟ ସଚେତନ ହେଉନାହାନ୍ତି । ପାଶ୍ଚାତ୍ୟ ରାଷ୍ଟ୍ରର ଲୋକ ଉଭୟ ଜନସଂଖ୍ୟା ଓ ପ୍ରଦୂଷଣ ରୋକିବାକୁ ଯଥେଷ୍ଟ ଚେଷ୍ଟା କରୁଥିବାବେଳେ ଭାରତରେ ଏ ନେଇ ସେଭଳି କଡାକଡି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଦିଲ୍ଲୀ ଏଇ ସ୍ଥାନଟି କ୍ରମଶଃ ବିଷାକ୍ତ ହେବାରେ ଲାଗିଛି ବୋଲି ଜନୈକ ନେଦରଲ୍ୟାଣ୍ଡର ଗବେଷକ କହିଥିଲେ । ଏହା ଜାଣିବା ସ ୍ୱେ ଦିଲ୍ଲୀରେ କାର୍ ଓ ଆପାର୍ଟମେ[ ସଂଖ୍ୟା ଉଭୟ ତାଳ ଦେଇ ବଢିବାରେ ଲାଗିଛି ।



- ପ୍ରଦୂଷଣ କାରଣରୁ ୨୦୧୮ ରେ ୩୦ ହଜାରରୁ ଅଧିକ ଲୋକ କେବଳ ଦିଲ୍ଲୀରେ କକର୍ଟ ଓ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି । ଖାଦ୍ୟପାନୀୟ କିମ୍ବା କସରତ କଲେ ଆପଣ ଯେ ପ୍ରଦୂଷଣରୁ ବ ର୍ଯିବେ, ତାହା ଭାବିବା ଭୁଲ୍ । ସୁସ୍ଥ ରହିବାକୁ ହେଲେ ଜରୁରୀ ବୋଲି ବିଶେଷଜ୍ଞଙ୍କ ମତ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୮ ଅଗଷ୍ଟ ୨୦୨୦, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଆତ୍ମନିର୍ଭରଶୀଳତା...

ଆମ ଦେଶର ପବିତ୍ର ସ୍ୱାଧୀନତା ଦିବସ ପାଳନ ଅବସରରେ ଲାଲକିଲ୍ଲା ପ୍ରାଚୀରରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ପତାକା ଉତ୍ତୋଳନପୂର୍ବକ ଦେଶବାସୀଙ୍କୁ ଯେଉଁ ଉଦ୍‌ବୋଧନ ଦେଇଛନ୍ତି, ସେଥିରେ ନୂତନ ଭାରତ ପାଇଁ ଦିଶା ନିର୍ଦ୍ଦେଶ ମିଳିଛି । ୭୪ ତମ ସ୍ୱାଧୀନତା ଦିବସ ପାଳନ ଏମିତିରେ ଜାତୀୟ ପର୍ବ ରୂପେ ଦେଶବାସୀଙ୍କ ପାଇଁ ଯଥେଷ୍ଟ ମହତ୍ତ୍ୱ ରଖେ । ମାତ୍ର ତାହାରି ଭିତରେ ବର୍ଷର ଅର୍ଦ୍ଧାଂଶରୁ ଅଧିକ କାଳ ବ୍ୟଥାରେ ଅତିକ୍ରାନ୍ତ ହୋଇସାରିଥିବାରୁ ତାଙ୍କଦ୍ୱାରା ଯେଉଁ ସଂଜୀବନୀ ମନ୍ତ୍ର ଦିଆଯାଇଛି, ତାହାକୁ ଦେଶବାସୀ ଯଥେଷ୍ଟ ଗୁରୁତ୍ୱ ସହକାରେ ଗ୍ରହଣ କରିଛନ୍ତି । କୁହାଯାଉଛି, ୨୦୨୦ର ଆଦ୍ୟଭାଗରୁ ବୈଶ୍ୱିକ ମହାମାରୀ କରୋନା ସଂକ୍ରମଣ ହେତୁ ଆମ ଦେଶର ଅର୍ଥନୀତି, ରାଜନୀତି ଓ ସମାଜ ବ୍ୟବସ୍ଥାରେ ଦେଖାଦେଇଥିବା ଅସନ୍ତୁଳନକୁ ଅତିକ୍ରମ କରିବା ଦିଗରେ ମୋଦିଙ୍କ ମନ୍ତ୍ର ସହାୟକ ସାବ୍ୟସ୍ତ ହେବ । ଶହ ଶହ ବର୍ଷର ପରାଧୀନତାର ଶୃଙ୍ଖଳ ଛିଣ୍ଡାଇ ଦେଶବାସୀ ମୁକ୍ତ ହେବାପରେ ଯେଉଁ ରାଷ୍ଟ୍ର ନିର୍ମାଣ ଅରମ୍ଭ ହୋଇଥିଲା, ତାହା କୋଭିଡ୍ ସଂକ୍ରମଣ ପାଇଁ ଦୂରନ୍ତ ସଙ୍କଟର ସମ୍ମୁଖୀନ ହୋଇଛି । ବିଶ୍ୱ ସ୍ଥିତି ମଧ ବିଗିଡ଼ି ଯାଇଛି । ସବୁକିଛି ନହେଲେ ମଧ୍ୟ ଜାତୀୟ ଆର୍ଥିକ ଓ ସାମାଜିକ ସ୍ଥିତିକୁ ସଜାଡ଼ିବାରେ ମୋଦିଙ୍କ 'ଆତ୍ମନିର୍ଭର ଭାରତ' ଘୋଷଣା ପ୍ରଭାବୀ ସାବ୍ୟସ୍ତ ହେବ ବୋଲି ସମାଜବିତ୍‌ମାନେ ମତ ଦେଉଛନ୍ତି । କରୋନା ବିରୋଧରେ ସଂଗ୍ରାମ ପାଇଁ ଦେଶର ରାଜକୋଷରୁ ବିପୁଳ ପରିମାଣର ଧନରାଶି ବ୍ୟୟ ହେଉଛି । ଏହି ପ୍ରକ୍ରିୟା ତୁରନ୍ତ ସରିଯିବ ବୋଲି କେହି କହିପାରୁନାହାନ୍ତି । ସେଥିପାଇଁ କୃଷି, ଶିଳ୍ପ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପଡୁଛି । ଜାତୀୟ ଅଭିବୃଦ୍ଧି ହାର ତଳମୁହାଁ ହୋଇଛି, କୃଷି ବ୍ୟବସ୍ଥା ପୂରା ବିଗିଡ଼ିବାକୁ ବସିଲାଣି । ସ୍ୱାସ୍ଥ୍ୟ ବଜେଟ୍‌ର ବିପୁଳାଂଶ ଯାଉଛି କରୋନା ବିରୋଧରେ କଥିତ ସଂଗ୍ରାମ ପାଇଁ ଶିକ୍ଷା ବ୍ୟବସ୍ଥା ଉପରେ କରୋନା ପ୍ରହାର ସମଗ୍ର ଦେଶର ଶୈକ୍ଷିକ ପରିବେଶକୁ ଅସ୍ତବ୍ୟସ୍ତ କରିଦେଇଥିବାରୁ ଅଭିଭାବକ ଓ ଛାତ୍ରଛାତ୍ରୀ ମନସ୍ତାପ ଭିତରେ କାଳ କାଟୁଛନ୍ତି । ଏହା ଭିତରେ ଆମ ଦେଶର ସୀମାନ୍ତରେ ଚୀନର ଅନଧିକାର ପ୍ରବେଶ ପାଇଁ ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ସଜାଡ଼ିବାକୁ ହୋଇଛି । ପାଞ୍ଚ ପାଞ୍ଚଟି ରାଫେଲ୍ ଯୁଦ୍ଧ ବିମାନ ଫ୍ରାନ୍ସଠାରୁ ଖରିଦ କରାଯିବା ସହ ସୀମାନ୍ତରେ ଜାଗ୍ରତ ସ୍ଥିତି ଜାହିର କରିବା ସକାଶେ ସଶକ୍ତ ପଦକ୍ଷେପ ନିଆଯାଇଛି । ସେ ଦିଗରେ ପ୍ରତିରକ୍ଷା କ୍ଷେତ୍ରରେ ଥିବା ପରନିର୍ଭରଶୀଳତାକୁ ହ୍ରାସ କରିବା ଲାଗି ବାହାରୁ ଯେତେ ସମ୍ଭବ ଆମଦାନୀ କମ୍ କରାଯିବ । ଏହାଦ୍ୱାରା ଆମ ଦେଶରେ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରକୁ ଅଧିକ ଶକ୍ତ କରାଯିବ ବୋଲି ସୂଚିତ ହୋଇଛି । ପୂର୍ବଦିନରେ ପ୍ରଧାନମନ୍ତ୍ରୀ ୨୦ ଲକ୍ଷ କୋଟି ଟଙ୍କାର ସହାୟତା ଘୋଷଣାପୂର୍ବକ ଆତ୍ମନିର୍ଭର ଭାରତର ନିଅଁ ପକାଇଥିଲେ । ବର୍ଷର ଶେଷାଂଶ ଓ ପରବର୍ତ୍ତୀ ସମୟରେ କିଭଳି ଆତ୍ମନିର୍ଭର ଭାରତର ପ୍ରଗତି କରାଯାଇପାରିବ, ତାହା ଲାଲକିଲ୍ଲା ଭାଷଣରେ ସୂଚିତ କରିଛନ୍ତି ପ୍ରଧାନମନ୍ତ୍ରୀ । କରୋନା ବିରୋଧରେ ସଂଗ୍ରାମରେ ଟିକା ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି ଏବଂ ଏହାର ସୁଫଳ ପ୍ରାପ୍ତି ଆସନ୍ନ ବୋଲି କହି ଦେଶବାସୀଙ୍କୁ ଆଶ୍ୱସ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ । ଏହି ଅସରରେ ଦେଶର ସମସ୍ତ ନାଗରିକଙ୍କ ପାଇଁ ଡିଜିଟାଲାଇଜ୍ ହେଲ୍‌ଥ କାର୍ଡର ପ୍ରବର୍ତ୍ତନ ବିଷୟ ନେଇ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରି ମୋଦି ଜଣାଇଛନ୍ତି କି, ସମସ୍ତେ ଆପଣା ସ୍ୱାସ୍ଥ୍ୟ ବିଷୟକ ସୂଚନା ଆପ୍ ମାଧ୍ୟମରେ ପାଇପାରିବା ସମ୍ଭବ ହେବ । ଯିଏ ଯେଉଁଠି ଥାଆନ୍ତୁ ପଛେ, ନିଜର ସ୍ୱାସ୍ଥ୍ୟ ତତ୍ ସମ୍ପର୍କିତ ସବୁ ତଥ୍ୟ ପାଇବାରେ କିଛି ଅସୁବିଧା ହେବନାହିଁ । ବିଜ୍ଞାନ ତଥା ପ୍ରଯୁକ୍ତି କୌଶଳର ପ୍ରୟୋଗ ବଳରେ ଏହି ବ୍ୟବସ୍ଥା ଉପଲବ୍ଧ ହେବ । ଯୁବପିଢ଼ି ପାଇଁ ସ୍ୱାବଲମ୍ବୀ ଜ୍ଞାନକୌଶଳର ବିନିଯୋଗ ପାଇଁ ଆତ୍ମନିର୍ଭର ଭାରତ ଯୋଜନା ଜରିଆରେ ବହୁକିଛି ବ୍ୟବସ୍ଥା ହେଉଛି ବୋଲି ଜଣାଇବା ସହ ପ୍ରଧାନମନ୍ତ୍ରୀ ପାଣିପାଗରେ ପରିବର୍ତ୍ତନଜନିତ ଜଟିଳତାର ସମାଧାନ ପାଇଁ ଭାରତ କିଭଳି ଉନ୍ନତ ଜ୍ଞାନକୌଶଳର ଉପଯୋଗ ହେଉଛି ତାହା ବର୍ଣ୍ଣନା କରିଛନ୍ତି । ଉଭୟ ପଡ଼ୋଶୀ ଚୀନ ପାକିସ୍ତାନ କିମ୍ବା ପାକିସ୍ତାନର ନାମ ନନେଇ ସୀମାନ୍ତରେ ହେଉଥିବା ହମ୍‌ଲାର କଡ଼ା ଜବାବ ଦିଆଯାଉଛି ବୋଲି ଜଣାଇଛନ୍ତି । ସଂକ୍ଷେପରେ କହିଲେ, ସ୍ୱାଧୀନତା ଦିବସ ଉଦ୍‌ବୋଧନ ଅବସରରେ ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ଭାରତର ରୂପରେଖ ନେଇ ଯାହା ସୂଚିତ କରିଛନ୍ତି, ତାହା ଆଗାମୀ ଦିନ ପାଇଁ ପ୍ରଗତିର ବାସ୍ତବ ରାସ୍ତା ଦେଖାଇବ ବୋଲି କୁହାଯାଇପାରିବ ।




## ଆସ ଗଢ଼ିବା ସୁନ୍ଦର ପୃଥିବୀ....


ଅମରନାଥ ବାରିକ୍


ଆସ କରିଦେବା ସବୁଜ ବନାନୀ
ମିଳିମିଶି ଜଗତକୁ
ଅମ୍ଳଜାନ ହେବ ଭରପୁର ଭାବେ
ନିରୋଗରେ ରହିବାକୁ ।

କରିଲେ ରୋପଣ ବୃକ୍ଷ ଗୋଟି ଗୋଟି
ବାଡ଼ି ବଗିଚାରେ କ୍ରମେ
ହୋଇବ ବରଷା ଉଚିତ ସମୟେ
ଉପକୃତ ହେବା ଆମେ ।

ସବୁଜ ବନାନୀ ପାଟ ଶାଢ଼ୀ କରି
ପିନ୍ଧେଇଲେ ବସୁଧାକୁ
ଦେବ ତା ପରଶ ନିର୍ମଳ ପବନ
ସୁସ୍ଥ ପୁଣି ରହିବାକୁ ।

ଖାଇବାକୁ ଦେବ ମିଠା ମିଠା ଫଳ
ପିଇବାକୁ ଦେବ ଜଳ
ବଞ୍ଚିବାକୁ ଦେବ ସୁନ୍ଦର ପୃଥିବୀ
ସବୁଜ ଗାଲିଚା ତଳ ।

ସବୁଜ ବନାନୀ ଚାଦର ବିଛେଇ
ମହୀକୁ କଲେ ସୁନ୍ଦର
ଆସୁଥିବା ପିଢ଼ି ସରସ କରିବ
ପ୍ରଦୂଷଣ ହେବ ଦୂର ।

ଆସ ପ୍ରତିଦିନ ଗୋଟିଏ ଲେଖାଏଁ
ଲଗେଇବା ଆମେ ବୃକ୍ଷ
ମହାପ୍ରଭୁଙ୍କର ରଥଯାତ୍ରା ପାଇଁ
ଚକରେ ଲାଗିବ ଅଖ ।

କାଟିବାନି କେବେ ତରୁଲତା ବଣ
ପ୍ରାକୃତିକ ସୌନ୍ଦର୍ଯ୍ୟର
କରିବା ଶପଥ ସଜାଇବା ପାଇଁ
ଲଗାଇ ଚାରା ବୃକ୍ଷର ।

ପାରିବାନି ଯଦି ଲଗାଇ ଗଛଟେ
କାଟିବା କାହିଁକି ପୁଣି
କ୍ଷେତ ପାଇଁ ଆଉ ଖୋଜିବା କାହିଁକି
ଟୋପାଏ ବରଷା ପାଣି ।

କରିଲେ କରମ ମିଳିବଟି ଫଳ
ଏକଥା ରଖିବା ମନେ
ପରିବେଶ ପାଇଁ ଗଢ଼ିବା ଜଙ୍ଗଲ
ହସିବ ଧରଣୀ ଦିନେ ।

ପଢ଼ିଥିଲେ ପରା ପିଲାଟି ଦିନରୁ
"ରହ ଆରେ କାଠୁରିଆ"
ସେ କଥାକୁ ପୁଣି ମନରୁ ପାସୋରି
ଭୁଲିଯିବା ଆଜି କିଆଁ ।

ଗଢ଼ିବା କୋମଳ ସବୁଜ ବନାନୀ
ପରିବେଶ ପାଇଁ ସୃଷ୍ଟି
କ୍ଷେତ ପାଇଁ ଜଳ ଋତୁ ପାଇଁ କାଳ
ନିର୍ଦ୍ଧାରଣ ହେଉ ବୃଷ୍ଟି ।

ଚାଲିଯିବେ ଛାଡ଼ି ରୋଗ ମହାମାରୀ
ଅଗଣିତ ହେଲେ ବୃକ୍ଷ
ଜୀବନ ହୋଇବ ଅମୃତ ସମାନ
ବଢ଼ାଇଲେ ପ୍ରାଣେ ଦକ୍ଷ ।


+ କୟାଁ, ମଙ୍ଗଳପୁର, ଯାଜପୁର
ମୋ:୯୫୪୦୩୦୮୦୯୫


# କୃଶବିଦ୍ଧ କୃଷିସଂସ୍କୃତି


ମାୟାଧର ନାୟକ




କୃଷି ହିଁ କୃଷ୍ଟି । ଇତିହାସ ଇସାରା କରିଥାଏ ଯେ କାସ୍ପିୟାନ ହ୍ରଦ କୂଳରୁ ହିମାଦ୍ରି-ବିନ୍ଧ୍ୟାଦ୍ରି-ସହ୍ୟାଦ୍ରି-ଶେଷାଦ୍ରିର ପୁଣ୍ୟ ଭୂମି ଭାରତକୁ ଆସିଥିଲେ ଆର୍ଯ୍ୟମାନେ । ଏଇଠି ହିଁ ସେମାନେ ଆଦିମ ଅଧିବାସୀ, ବନବାସୀ ଓ ଦ୍ରାବିଡମାନଙ୍କ ସହିତ ସାମିଲ ହୋଇଗଲେ ଏକ ମହାଭାରତୀୟ ଜନସ୍ରୋତରେ । ଚାରଣ କ୍ଷେତ୍ରରୁ କୃଷିକ୍ଷେତ୍ର - ସଭ୍ୟତାରୁ ସଂସ୍କୃତି - ଏଇଠି ଭାରତ ହେଲା ଆଗାମୀ ମାନବ ସଭ୍ୟତାର ଏନ୍ତୁଡିଶାଳ । ଚୀନ୍ ଓ ଜାପାନ୍ ମଧ ଏଇ କୃଷିକୁ କେନ୍ଦ୍ରବିନ୍ଦୁ କରି କୃଷ୍ଟି ଚରନା କଲେ । ଏସିଆ ମହାଦେଶର ଏଇ ଏନ୍ତୁଡିଶାଳକୁ ଅନ୍ୟ ମହାଦେଶୀୟ, ବିଦେଶୀୟ ବଣିକ ତନ୍ତ୍ରର ବିତବୁଭୁକ୍ଷୁ ଶିଳ୍ପସଂସ୍ଥାନଗୁଡିକ ଆଜି କିନ୍ତୁ ମଶାଣିପଦା କରିବା ମତଲବରେ ବ୍ୟସ୍ତ । ଆମର ଦେଶୀ ଶିଳ୍ପର ସୌଦାଗରମାନେ ମଧ ସେମାନଙ୍କ ମାୟାରେ ବାୟା - ମଣିଷ ଓ ମୂଲ୍ୟବୋଧ ଉପରୁ ଆଖି ଫେରାଇ ସେମାନେ ମୁନାଫା ଓ ମୂଲ୍ୟ ଉପରେ ଲାଖ ବିନ୍ଧୁଛନ୍ତି ।

ସମୟ ଥିଲା, ଏତେ କଳକାରଖାନା କି ଯନ୍ତ୍ରଶିଳ୍ପ ନ ଥିଲା - ଥିଲା କେବଳ କୌଳିକ କର୍ମ ଆଧାରିତ କୁଟୀରଶିଳ୍ପ । ଲୋକେ ସେତେବେଳେ ମଣିଷ ଥିଲେ । ମାଟିକୁ ମା' ମଣିଷ ଚାଷ କରିଖାଦ୍ୟ ଉତ୍ପାଦନ କରି ବଂଚୁଥିଲେ । ଶିଳ୍ପବିପ୍ଲବ ପରେ କୃଷି ଧୀରେ ଧୀରେ କ୍ଷୟିଷ୍ଣୁ ହେବାକୁ ଆରମ୍ଭ କଲା । ଯନ୍ତ୍ର ସାହାଯ୍ୟରେ କୃତ୍ରିମ ଉପାୟରେ ଖାଦ୍ୟ ଉତ୍ପାଦନ ହେଲା । କୃଷିକ୍ଷେତ୍ରରେ ନିଯୁକ୍ତ ଶ୍ରମଜୀବୀମାନେ ବାଧ୍ୟ ହୋଇ ଶିଳ୍ପକ୍ଷେତ୍ରରେ ନିଯୁକ୍ତି ପ୍ରାପ୍ତି ପାଇଁ ସହରାଭିମୁଖୀ ହେଲେ । ଗାଁ ହେଲା ଖାଁଖାଁ । ହୁତା, ହିଡ, ହାଡର ହାହାକାର ଆଉହା' ଅନ୍ନର ଆର୍ତନାଦରେ ହଜିଗଲା ସରଳସବୁଜ ସ୍ୱପ୍ନ - ସ୍ୱଚ୍ଛନ୍ଦ, ସ୍ୱତଃସ୍ଫୂର୍ତ ଜୀବନ ।

ଧୀରେ ଧୀରେ ଦେଶୀବିହନ, ଜୈବିକସାର ଲୋପପାଇ ବିଦେଶୀ ବିହନ, ବିଦେଶୀ ସାର ପ୍ରବେଶକଲା । ସବୁଜବିପ୍ଳବର ମେଢ ଦେଖାଇ ଦିଆଗଲା । ଅଧିକ ଅମଳ ପାଇଁ କୀଟନାଶକ, ବିଷାକ୍ତସାର ଜମିରେ ପ୍ରୟୋଗ କରାଗଲା - ମାଟି ହରାଇବସିଲା ନିଜର ମହଜୁଦ ଉର୍ବରତା । ଫସଲ ହେଲା ବିଷାକ୍ତ । ଏତେରୋଗ ନ ଥିଲା - ବିଷାକ୍ତଖାଦ୍ୟ ଖାଇ ଲୋକେ ରୋଗାକ୍ରାନ୍ତ ହେଲେ, ଏଣେଲୋକଜୀବନ ଓ ଲୋକ ସଂସ୍କୃତିର ଲୋକସାନି କରାଇ ତେଣେ ଦେଶୀବିଦେଶୀ କମ୍ପାନୀମାନେ କୋଟିକୋଟି ଟଙ୍କା ଲାଭକଲେ । କୃଷିଭିତିକ ସଂସ୍କୃତିର ମେରୁହାଡ ଦୋହଲିଗଲା - ମାନସିକତା ଭାଙ୍ଗିଗଲା । କୃଷକ ହେଲା କରାଳ କ୍ଲେଶର କଂଟକରେ କ୍ରୁଶବିଦ୍ଧ ।

ଆଜି ଅସଲ ଚାଷୀ କାନ୍ଦୁଛି ଫୁଙ୍ଗୁଳା ଫଟା ଭୂଇଁରେ ଆଉ ଶୁନଶାନ୍ କ୍ଷେତରେ । ଉପରେ ଧୂମ ଛାୟାଚ୍ଛନ୍ନ ଆକାଶ, ତଳେ ଚୁଲି ନାହିଁ କି ଚାଳ ନାହିଁ - ଚାଷୀ ବସିଛି ବାଟଚାହିଁ । ନକଲି ଚିନାବାଦାମ, ଧାନ ଓ ଗହମ, ମକା, ସୂର୍ଯ୍ୟମୁଖୀ, ହଳଦୀ, ଅଦା, ସୋରିଷ, ବିରି, ମୁଗ - ବିହନ ଦୁର୍ନୀତିରୁ ଆରମ୍ଭ କରି ଅଭାବୀ ଧାନରବିକ୍ରି ପର୍ଯ୍ୟନ୍ତ ସରକାରୀ ମହାଦୁର୍ନୀତିର ନାଗଫାଶରେ ଓଡିଶା ଚାଷୀର ଭବିଷ୍ୟତ ନୟାନ୍ତ ଭାବରେ ଅଣନିଃଶ୍ୱାସୀ । କମଳା ରଙ୍ଗର ଗ୍ରହ ଆମର ଏ ପୃଥିବୀରେ ଚାଷୀର ଜୀବନ ଆଜି କାମଳଗ୍ରସ୍ତ । ଶୀତଳ ଭଣ୍ଡାରରେ ଶସ୍ୟସଂରକ୍ଷଣ ବେଳେ ବିଚରା ଅରକ୍ଷିତ ଚାଷୀର ଜୀବନ ଗ୍ୟାସ୍‌ଚାମ୍ବରରେ ।

ମଣ୍ଡି ଖୋଲୁନି, ବିହନ ଯୋଗାଣରେ ହେରଫେର, ଫସଲ ବୀମାକ୍ଷତି ପୂରଣ ପାଇବାରୁ ବଂଚିତ, ଜଳସେଚନର ଅଭାବ, ପ୍ରାକୃତିକ ବିପର୍ଯ୍ୟୟ ପ୍ରମୁଖ ବିଷୟବସ୍ତୁ ଉପରେ ବାସ୍ତବଜ୍ଞାନ ଅଭାବରୁ ଜନପ୍ରତିନିଧିମାନେ ମୂଳ ସମସ୍ୟାର ସମାଧାନ ସୂତ୍ର ବାହାର କରିପାରୁନାହାଁନ୍ତି । ଏପର୍ଯ୍ୟନ୍ତ ସରକାର ମଧ ଆଦର୍ଶ କୃଷିନୀତିଟିଏ ପ୍ରଣୟନ କରିପାରିଲେ ନାହିଁ ।

ଗରିବମାନଙ୍କ ଗଡଜାତ, ଗାଉଁଲୀମାନଙ୍କ ଗାଆଁ, ମୁର୍ଖମାନଙ୍କ ମଫସଲ, ମୂଢମାନଙ୍କ ମୋଗଲ ବନ୍ଦି, ଜନଜାତିମାନଙ୍କ ଜଙ୍ଗଲଜମିକୁ ନେଇ ସମୁଦ୍ରଠାରୁ ପାହାଡ ପର୍ଯ୍ୟନ୍ତ ପ୍ରସାରିତ ଏକ ପ୍ରବଂଚିତ ପ୍ରକୃତି ପ୍ରତିମା ଏ ଓଡିଶା ଭୂଇଁ । କେନ୍ଦୁପତ୍ରଠୁ କୁନ୍ଦପୁଷ୍ପ ଯାଏଁ, ତାଳବଣେଇଠୁ ଶାଳବଣଯାଏଁ, ଘାଟଘେରିଠୁ ଘାଟିମୁଲକ ଯାଏଁ ବାଟିବାଟି ବିଲବାସ୍ନାର ବିହ୍ୱଳ ଭୂଚିତ୍ରଟିଏ ଏ ଓଡିଶା । ଏଠିଖଣି ଅଛି, ମଣି ଅଛି, କ୍ଷେତ ଅଛି, ନେତ ଅଛି, ନଦୀ ଅଛି, ବେଦୀ ଅଛି, ମଠ ଅଛି, ପୀଠ ଅଛି, ମୂର୍ତି ଅଛି, କୀର୍ତି ଅଛି - ନାହିଁ କ'ଣ? ନାହିଁଖାଲି ମନ । ଓଡିଶାକୁ ଓଡିଆମାନଙ୍କର ବୁକୁଭରି ଭଲପାଇବାର ଭରପୁର ମନ ।

ଓଡିଶାକୁ ମହାଜନମାନେ ଏବେବି ଅଣ୍ଡାଳି ଚାଲିଛନ୍ତି ଖାତକର ଖତଗଦାରେ । ବେଠି-ବେକାରି-ବେରୋଜଗାରିରେ ବେଦମ୍ ଏ ବାଦାମୀଭୂଇଁ । ଝଡି-ବଢି-ମରୁଡିରେ ଝୋଲାମେରା ଏ ଖୋଲାମାଟି । ବନ୍ଧ ନାହିଁ, ବାଡ ନାହିଁ - ନଈନାଳର ଏ ନୁଆଣିଆ ନୈରାଜ୍ୟରେ । କେନ୍ଦ୍ରର କବାଟ ସାମ୍ନାରେ କରୁଣ କେନ୍ଦରା ବଜାଉଥିବା ନାଥଯୋଗୀର ଅନାଥ ଅନ୍ତଃସ୍ୱର ପରି ମନେହୁଏ ଆମର ରାଜନୀତିକ 'ରୁଦାଲି' ମାନଙ୍କର ବାହୁନା ସବୁ । ଆମର ଏ ଅନ୍ନପୂର୍ଣ୍ଣା ମାଆ ଓଡିଶା ମାଟି ୧୪୭ ବିଧାୟକଙ୍କ ସୌଖିନ ଡ୍ରଇଂରୁମର କାନ୍ଥରେ କ'ଣ କେବଳ ଫିମ୍ପିମରା ପଟଚିତ୍ର? ମହାପାତ୍ରମାନଙ୍କ ମାର୍ବଲମହଲଗୁଡାକରେ ଟଙ୍ଗା ହୋଇଜଳକା ଜନତାର ଆଖିଆଗେ ଝୁଲି ରହିଥିବାମୌନ ମାନଚିତ୍ର? ଭୋକରଭୂ-ଚିତ୍ର?

ଖଣିଜ ସଂପଦକୁସଫଳ ପରିଚାଳନା କଲେ ଆମ ଓଡିଶା ଯେଭଳି ଏକନମ୍ବର ଧନୀ ରାଜ୍ୟରେ ପରିଣତ ହୁଅନ୍ତା, ସେଇଭଳି ଆମ ଫଟା ଭୂଇଁରେ ପାଣି ଢାଳିଲେ, ଚାଷ ଓ ଚାଷୀଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗଯୋଗାଇ ଦେଲେ - ନିଶ୍ଚିତ ଏକନମ୍ବର ସ୍ୱାବଲମ୍ବୀ ରାଜ୍ୟ ହୋଇପାରନ୍ତା । ଏ ସବୁ କରିନପାରିଲେ, ଚାଷ ଉଜୁଡିଗଲେ, ଚାଷଜମି ଜୋରଜବରଦସ୍ତ ବନ୍ଧୁକମୂନରେ ଦଖଲ କରି ମାଳମାଳ କାରଖାନା ଗଢିତୋଳିଲେ କେବଳ କେଇଖଣ୍ଡି କୁଟୀର ଥିବ; କିନ୍ତୁ ନଥିବ କୁଟୀରଶିଳ୍ପ । ବିସ୍ଥାପିତ ବର୍ଗ ଥିବେ, ମାତ୍ର ନ ଥିବେଶ୍ରମ-ସଂସ୍କୃତିର କର୍ମକୁଶଳୀ ସ୍ଥାପୟିତା ବର୍ଗ ।

ଏବେ କଳକାରଖାନାଗୁଡିକରେ ଛଟେରଛାଟ ମାଡସାଙ୍ଗକୁ ଶିଳ୍ପରେ ମାନ୍ଦାବସ୍ଥା ଭୟଙ୍କର ଭାବେ ଦେଖା ଦେଇଥିବାରୁ ପୁରା ସହରାଭିମୁଖୀ ଶ୍ରମଜୀବୀ କୃଷିକାର୍ଯ୍ୟକୁ ଆପଣାଇ ନେବାହଠାତ୍ ସମ୍ଭବ ନୁହେଁ । ତେବେବଂଚିବା ପାଇଁ ପରିସ୍ଥିତିକୁ ଆପଣେଇ ନେଇ ସରକାରଙ୍କୁ ବାଧ୍ୟ କରିବାକୁ ହେବ ରାଜକୋଷରୁ ଆଖିବୁଜା ଅର୍ଥ ମୁକୁଳାଇ କୃଷି ଜଳସେଚନରେ ଖର୍ଚ୍ଚକର । ନୂଆ କେନାଲଖୋଳ, ପୁରୁଣା କେନାଲ, ପୋତିହୋଇ ଯାଇଥିବା ନଦୀନାଳକୁ ସଜାଡ । ଜଳ ସେଚନ ହେଲେ ଟାଙ୍ଗରା ଭୂଇଁ ସବୁଜ ହୋଇଉଠିବ ପୁରି । ପର୍ଯ୍ୟାପ୍ତ ଖାଦ୍ୟ ଉତ୍ପାଦନ ହୋଇ ଅନ୍ତତଃ ଲୋକେ ଦି' ଓଳି ଦି' ମୁଠା ଖାଇବାକୁ ପାଇବେ ।

ଯଦି ଏକ ସୁସ୍ଥସମାଜର କେନ୍ଦ୍ରବିନ୍ଦୁ କୃଷକର କୃତିକୁ ନେଇସୃଷ୍ଟି କରାଯାଏ, ତା'ହେଲେ ସଭ୍ୟତା ଓ ସଂସ୍କୃତି ସୁରକ୍ଷିତ ରହିବା ଦିଗରେ କୌଣସି ଶ୍ରେଣୀଶତ୍ରୁର ସଇତାନିସ କ୍ରିୟ ହୋଇପାରିବ ନାହିଁ । କୃଷକମାନେ ମାଟିର ମଣିଷ କେବଳ ନୁହନ୍ତି, ସେମାନେ ସ୍ୱାଭାବିକ ଭାବେ ଜନସମାଜର ଜାଗ୍ରତ ପ୍ରହରୀ ।

ଏହି ମହାଭାରତୀୟ ସନ୍ଦେଶରେ ଆମ ପାଇଁ ପ୍ରଚ୍ଛନ୍ନ ରହିଛି ସଂସ୍କୃତି ନିର୍ମାଣର ସୂକ୍ଷ୍ମସୂତ୍ର । କଳକାରଖାନାକୁ ଜମି ଯୋଗାଣ ନାଆଁରେ ଚାଷଜମିକୁ ଚଲୁକରି ନଦେଲେ, ଔଷଧୀୟ ବୃକ୍ଷଲତାର ବିରଳ ଭୂକ୍ଷେତ୍ରଗୁଡିକୁ ବଳି ନ ପକାଇ, ଧାନ-ପାନ-ମୀନର ମହାଧରିତ୍ରୀକୁ କମ୍ପାନୀ - କୁବେରମାନଙ୍କ ହାତକୁ ବଢାଇ ନ ଦେଇ ରାଷ୍ଟ୍ରଶାସକ ଶିଳ୍ପବିସ୍ତାର ନିମନ୍ତେ ଅନ୍ୟୋପାୟ ଅବଲମ୍ବନ କରନ୍ତୁ । ଚାଷ ନାଶ ନ ହେଉ - ଚାଷୀ ଛିନ୍ନବାସୀ ନ ହେଉ - ଦେଶକୁ ବିଦେଶରୁ ଅନ୍ନବସ୍ତ୍ର ଆମଦାନୀ କରିବାର ଲଜ୍ଜା ଓ ଲାଂଛନାର ଦୁର୍ଯୋଗ ଭୋଗିବାକୁ ନ ପଡୁ । ପରିବେଶ ପ୍ରଦୂଷିତ ହୋଇ ଦେଶବାସୀ ବ୍ୟାଧିତବିଭୀଷିକାର ବିଷାକ୍ତବାତାବରଣରେ ଅକାଳବାର୍ଦ୍ଧକ୍ୟ ଗ୍ରସ୍ତ ହୋଇ ନ ପଡନ୍ତୁ । ବିଦେଶରୁ ଆଗେ ଖାଦ୍ୟ ଆସିବା ସହିତ ପରେ ପଥ୍ୟ ବି ଆସିବ, ଇଏ ବି କଣ କମ୍ ଲାଂଛନା ! ବିଦେଶୀ କମ୍ପାନୀଗୁଡିକର ଔଷଧ କ୍ରୟ ପାଇଁ କଂକାଳସାର ଦେଶବାସୀ ଗରାଖ ଧାଡିରେ ଛିଡାହୋଇ ଅପେକ୍ଷା କରିବାର ଆସନ୍ନ ଅଭିଶାପରୁ ଦୂରରେ ରହନ୍ତୁ ।

ଆମେକିନ୍ତୁ ଏବେ କେଉଁଠି? ଏ ଦେଶରେ ଦେଶୀବିହନ ଖୋଜନ୍ତୁ - କାଁଭାଁ କେଉଁଠି କେଉଁ ନାଁ - ନଜଣା ଗାଁକି ଦୂରମୁଲକରେ ମିଳିଲେ ମିଳିପାରେ - ନ ହେଲେ ଆଦିବାସୀର କରୁଣ କୁଡିଆଘରେ! ବିଦେଶୀ ବିହନ, ବିଦେଶୀ ରାସାୟନିକ ସାରର ଚକ୍ରବ୍ୟୂହରେ ଆମ ଦେଶୀଚାଷର ଦୁଃସ୍ଥ ଦୁନିଆ ପ୍ରାୟ ଛିନ୍ନଛତ୍ର, ତଳିତଳାନ୍ତ ! ସୁତରାଂ କୃଷି ସଂସ୍କୃତିର ଆଶୁ ପୁନରୁଦ୍ଧାରହିଁ ଆଜିର ଆହ୍ୱାନ - ଫସଲର ଫଟା ଭୂଇଁରେ ଏ ଆହ୍ୱାନ ଅମୃତ ଧାରା ସିଂଚନ କରିବାରେ ଅସଲ ଅନ୍ତଃସ୍ୱର । କ୍ରୁଶବିଦ୍ଧ କୃଷକ ଶ୍ରେଣୀ ଯେପରି ରକ୍ତାକ୍ତ ଯୀଶୁର ଯନ୍ତ୍ରଣା ଭିତରେ ବି ଆମପରି ଅପର୍ଯ୍ୟାପ୍ତ ଅପକର୍ମୀ ବର୍ଗଙ୍କୁ କ୍ଷମା କରିଚାଲିଛି - ଆମର କୃଷି ବିମୁଖ ଆଜିର ସମାଜବ୍ୟବସ୍ଥା ମଧରେ ଆମେ କ'ଣ ଏତିକି ସୁଦ୍ଧା ବୁଝିବାରେ ଅପାରଗ ନା ଜାଣି ସିଆଣିଆ ଜହ୍ଲାଦବର୍ଗ? କୃଷି ସହିତ କୃଷ୍ଟିର ମହାମଙ୍ଗଳ କର ମିଶ୍ରରାଗ ମୂର୍ଚ୍ଛିତ ହେଉ ଏଇ ମୁହୂର୍ତରୁ - ବିଳମ୍ବରେବିପର୍ଯ୍ୟୟ!


+ ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩


# ନବମ ରାଷ୍ଟ୍ରପତି-ଡକ୍ଟର୍ ଶଙ୍କର୍ ଦୟାଲ୍ ଶର୍ମା


ଅକ୍ଷୟ କୁମାର ରାଉତ




ଦେଶଭକ୍ତ, ଚିନ୍ତାନାୟକ, ମାତୃଭକ୍ତ, ପରୋପକାରୀ, ମାନବପ୍ରେମୀ, ନିର୍ଭିକ ସଂଗ୍ରାମୀ ଜନନାୟକ ଶଙ୍କର ଦୟାଲ ଭୋପାଳ ନଗରୀର ମଧଭାଗରେ ବାଲି ଗଳିର ପଣ୍ଡିତ ଖୁସୀଲାଲ ଶର୍ମା ଓ ସୁଭଦ୍ରା ଦେବୀ ଙ୍କ କୋଳ ମଣ୍ଡନ କରି ୧୯୧୮ ମସିହା ଅଗଷ୍ଟ ୧୯ ତାରିଖରେ ଜନ୍ମ ନେଲେ । ତାଙ୍କର ପିତା ଖୁସିଲାଲ ସବୁବେଳେ ଭଗବାନ ଶଙ୍କର ଙ୍କୁ ପୂଜା ଆରାଧନା କରୁଥିବାରୁ ପ୍ରଥମ ପୁତ୍ର ର ନାମ ଶଙ୍କର ଦୟାଲ ଦେଇଥିଲେ । ପୁତ୍ରର ଜାତକରୁ ପଣ୍ଡିତ ଖୁସିଲାଲ ଜାଣିଥିଲେ ଯେ ପୁଅ ଦିନେ ବଡ ମଣିଷ ହେବ ଓ ଜାତିର ନାମ ଟେକ ରଖିବ । ଶଙ୍କର ଛୋଟ ଥିବା ସମୟରେ ତାଙ୍କର ମା ସୁଭଦ୍ରା ଦେବୀ ଆଖି ବୁଜି ଦେଲେ । ଖୁସିଲାଲ ପରିବାରର ଦାୟିତ୍ୱ ସମ୍ଭାଳିବା ପାଇଁ ଲେଖାରେ ଶାଳୀ ସମ୍ପତ୍ ବାଇ ଙ୍କୁ ଦ୍ୱିତୀୟ ବିବାହ କରିଥିଲେ । ସମ୍ପତ୍ ବାଇ ଚାରୋଟି ପୁଅଜନ୍ମ ଦେଲେ ଶମ୍ଭୁ, ଶିବ, ଇଶ ଓ ସୋମେଶ ଘରର ବଡ ପୁଅ ଶଙ୍କର ପ୍ରତି ଟିକିଏ ହେଲେ ସ୍ନେହ ଶ୍ରଦ୍ଧା , ମା ସମ୍ପତ୍ ଊଣା କରୁ ନଥିଲେ ।

ଶଙ୍କର ଦୟାଲଙ୍କର ପିତା ବୈଷ୍ଣବ ଧର୍ମ ଗ୍ରହଣ କରିଥିବାରୁ , ପରିବାରରେ ସର୍ବଦା ପୂଜା-ପାଠ, ବ୍ରତ, ଉପବାସ, ନାମ କୀର୍ତନ ଚାଲିଥାଏ । ଏହି ଧାର୍ମିକ ଭାବନା ଶଙ୍କରଙ୍କ ଉପରେ ପଡିଥିଲା । ତେଣୁ ଶଙ୍କର କହୁଥିଲେ ଭୋଜନ ଓ ପୂଜା ଦୁଇଟି ଯାକ ଜୀବନ ପାଇଁ ଆବଶ୍ୟକ । ଭୋଜନ ଶରୀରକୁ ଶକ୍ତି ଯୋଗାଏ ଓ ପୂଜା ପାଠ ଆତ୍ମାକୁ ସୁଦୃଢ କରିଥାଏ । ଭୋପାଳର ରାମକୃଷ୍ଣ ପାଠଶାଳାରେ ଶଙ୍କର ଦୟାଲପାଠପଢା ଆରମ୍ଭ କରିଥିଲେ । ପାଠପଢା ସହିତ ଖେଳକୁଦ ଓ କୁସ୍ତିରେ ସେ ଧୁରନ୍ଧର ଥିଲେ । ଭୋପାଳରେ ରହି ସେ ଆଇ.ଏ. ପରିକ୍ଷାରେ ଉତୀର୍ଣ୍ଣ ହେଲେ । ଆଗ୍ରାର ସେଣଟଜୋନସ୍ କଲେଜରେ ନିଜର ପଢାପଢି ସହିତ ସାହିତ୍ୟ,କଳା ସଂସ୍କୃତି ବହିମାନ ପାଠାଗାରରୁ ଆଣି ପଢାପଢି କରୁଥିଲେ । ଆଗ୍ରାରୁ ବି.ଏ. ପାଶ୍ କରି ଲକ୍ଷ୍ନୌ ବିଶ୍ୱ ବିଦ୍ୟାଳୟରେ ପାଠ ପଢିଲେ । ସେଠାରେ ସେ ହିନ୍ଦି,ଇଂରାଜୀ ଓ ସଂସ୍କୃତରେ ଏମ.ଏ ପାଶ୍ କରିଥିଲେ । ତାପରେ ସେ ଏଲ୍.ଏଲ୍.ବି.ଓ ଏଲ୍.ଏଲ୍.ଏମ୍.ଉପାଧି ଲାଭ କଲେ । ପାଠପଢା ପରେ ସେ ସେହି ବିଶ୍ୱ ବିଦ୍ୟାଳୟରେ ଅଧ୍ୟାପନ କରିଥିଲେ । ଚାକିରୀ ପରେ ତାଙ୍କ ପରିବାରର ଆର୍ଥିକ ସମସ୍ୟା ଟିକେ ଦୂର ହୋଇ ପାରିଲା । ଅଧିକ ପଢିବା ଓ ଜାଣିବା ପାଇଁ ଶଙ୍କର ଦୟାଲ ବିଦେଶ ଯାତ୍ରା କରିଥିଲେ । ଲଣ୍ଡନରୁ ବାରିଷ୍ଟରି ସାଧାରଣ ପ୍ରଶାସନରେ ଡିପ୍ଲୋମା, ଏଫ.ଆର.ସି ଉପାଧି ଲାଭ କରି କେମ୍ବ୍ରିଜ ବିଶ୍ୱବିଦ୍ୟଳୟରୁ ଆଇନ ଡକ୍‌ଟରେଟ ଉପାଧି ଲାଭ କଲେ । ହାର୍ୱାର୍ଡ଼ ବିଶ୍ୱବିଦ୍ୟାଳୟରୁ କେତେକ ଡିଗ୍ରୀ ପ୍ରାପ୍ତ ହୋଇଥିଲେ । ବିଦେଶରୁ ଉଚ୍ଚ ଶିକ୍ଷା ଲାଭ କରି ସେ ଭାରତକୁ ଫେରିଆସିଲେ । ଲେକ୍ଷ୍ନୌ ବିଶ୍ୱ ବିଦ୍ୟାଳୟରେ ଅଧାପନା କଲେ ।

ଶଙ୍କର ଦୟାଲ ନିଜ ଜୀବନରେ ଦୁଇ ଥର ବିବାହ କରିଥିଲେ । ପ୍ରଥମେ ବାଲ୍ୟ ବିବାହ ସାବିତ୍ରୀ ଦେବୀଙ୍କ ସହିତ ହୋଇଥିଲା ଗୋଟିଏ ପୁତ୍ର ସନ୍ତାନ ଜନ୍ମ ଦେବା ପରେ ସାବିତ୍ରୀ ଦେବୀ ପ୍ରାଣ ତ୍ୟାଗ କରିଥିଲେ । ତେଣୁ ଶଙ୍କର ଦଳାଲ ଦ୍ୱିତୀୟ ବିବାହ ବିମଳା ଦେବୀ ଙ୍କ ସହିତ କରିଥିଲେ । ବିମଳାଙ୍କ ଗର୍ଭରୁ ଗୋଟିଏ ପୁଅ ଓ ଦୁଇଟି ଝିଅ ଜନ୍ମ ହୋଇଥିଲେ । ବିମଳା ଦେବୀ ରଜସ୍ଥାନର ଏକ ଆଭିଜାତ୍ୟ ଶକ୍ଷିତ ପରିବାରୁ ଆସିଥିଲେ । ସେ ଜଣେ ଧର୍ମ ପରାୟଣା, ପତିବ୍ରତା ନାରୀ ଥିଲେ । ଶଙ୍କର ଦୟାଲ ଙ୍କ ରାଜନୈତିକ ଜୀବନ ସାଥୀ ଥିଲେ । ଶଙ୍କର ଦୟାଲ ବ୍ରାହ୍ମଣ ହୋଇପୂଜା ପାଠ ପ୍ରତିଦିନ କରୁଥିଲେ । ଖାଇବା ପୂର୍ବରୁ ଖାଦ୍ୟକୁ ଇଶ୍ୱରଙ୍କୁ ସମର୍ପଣ କରୁଥିଲେ । ଧର୍ମ ନାମରେ ଛୁଆଁ ଅଛୁଆଁ କୁ ସେ ବିଶ୍ୱାସ କରୁନ୍ତି ନାହିଁ । ଛୋଟ ବେଲୁ ଶଙ୍କର ଦୟାଲଗୁରୁଜନ ମାନଙ୍କୁ ଭକ୍ତି କରୁଥିଲେ । ଯେଉଁ ସମୟରେ ଗାନ୍ଧି ଟୋପି ପନ୍ଧିବାକୁ ଲୋକେଭୟ କରୁଥିଲେ ସେହିସମୟରୁସେ ଟୋପିପିନ୍ଧୁଥିଲେ ।

ଭାରତ ସ୍ୱାଧୀନ ହେଲାପରେ କେତେଗୁଡିଏ ଛୋଟ ଛୋଟ ଦେଶୀୟ ରାଜ୍ୟ ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରୁଥାଆନ୍ତି । ଭୋପାଳରେ ଅତ୍ୟାଚାରି ନବାବ ହମୀଦ୍ ଉଲ୍ଲାହଖାଁ ଶାସନ କରୁଥିଲେ । ନବାବ ସ୍ୱାଧୀନତା ଆନ୍ଦୋଳନକୁ ବିରୋଧ ଓ ଇଂରେଜ ଙ୍କୁ ସମର୍ଥନ କରୁଥିଲେ । ଭି.ପି.ମେନନ୍ ମଧ ଭୋପାଳକୁ ଭାରତରେ ମିଶାଇ ପାରିଲେ ନାହିଁ । ଏହିଭଳି ପରିସ୍ଥିତି ଭିତରେ ପ୍ରଜା ମଣ୍ଡଳ ଆନ୍ଦୋଳନ ଆରମ୍ଭ ହୋଇଗଲା । ଏହି ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ଶଙ୍କର ଦୟାଲ । ଏହିଖବର ପାଇ ମା ସମ୍ପତ୍ ବାଈ ଅଧିକ ବ୍ୟସ୍ତ ହୋଇ ପଡିଲେ । ଅତ୍ୟାଚାରି ନବାବର କଠୋର ଶାସନ ମା ମନକୁ ଶଙ୍କିତ କରୁଥିଲା । ଆନ୍ଦୋଳନରେ ଶଙ୍କର ଦୟାଲ ଙ୍କ ସହିତ ଲାଲ ସିଂହ, ଭୈରବ ପ୍ରସାଦ ଓ ଉଦ୍ଧବ ଦାସ, ମେହେଟ୍ଟା ମଧ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ନବାବ ଆନ୍ଦୋଳନ କାରୀଙ୍କ ଉପରେ ଦମନ ଲୀଳା ଆରମ୍ଭ କରିଦେଲେ । ପୋଲିସ୍ ଗୋଳି ମାଡରେ ଅନେକ ସହିଦ ହୋଇଗଲେ । ଅତ୍ୟାଚାରି ନବାବ ଲୋକ ଶକ୍ତି ଆଗରେ ହାର ମାନିଲେ । ଶଙ୍କର ଦୟାଲ ଜେଲ ଗଲେ କିନ୍ତୁ ତାଙ୍କ ଜନ୍ମ ମାଟି ଭୋପାଳ ରାଜ ଶାସନରୁ ମୁକ୍ତ ହୋଇ ସବୁଦିନ ପାଇଁ ସ୍ୱାଧୀନ ଭାରତରେ ଯୋଗ ହୋଇଗଲା । ୧୯୪୯ ମସିହା ଜୁନ୍ ୧ ତାରିଖରେ ଭୋପାଳ ଦେଶୀୟ ରାଜ୍ୟଟି ବିଧିବଦ୍ଧ ଭାବରେ ଭାରତ ସହିତ ମିଶିଲା ।

ଶଙ୍କର ଦୟାଲ ଭୋପାଳ କଂଗ୍ରେସ କମିଟିର ଅଧ୍ୟକ୍ଷ ହୋଇ ବେସରିୟା ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ହେଲେ । ଭୋପାଳର ନବଗଠିତ ମନ୍ତ୍ରୀ ମଣ୍ଡଳର ନେତା ଭାବେ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ । ଶଙ୍କର ଦୟାଲ ମାତ୍ର ୩୪ ବର୍ଷ ବୟସରେଙ୍କ ଏଭଳି ସୌଭାଗ୍ୟ ପ୍ରାପ୍ତ ହୋଇଥିଲେ । ପରବର୍ତୀ ସମୟରେ ଶଙ୍କର ଦୟାଲ ମଧ୍ୟପ୍ରଦେଶ ରାଜ୍ୟର ଶିକ୍ଷା, ଲୋକନିର୍ମାଣ, ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ହୋଇଥିଲେ । ମଧ୍ୟପ୍ରଦେଶ କଂଗ୍ରେସ କମିଟିର ଅଧ୍ୟକ୍ଷ ଭାବେ ସେ ନିର୍ବାଚିତ ହେଲେ । ଏସ୍.ନିଜଲିଙ୍ଗପା ତାଙ୍କୁ କେନ୍ଦ୍ରିୟ କମିଟିର ମହାମନ୍ତ୍ରୀ ପଦରେ ଅବସ୍ଥାପିତ କରିଥିଲେ । ନିଜଲିଙ୍ଗପା ଓ ଇନ୍ଦିରାଗାନ୍ଧୀ ଙ୍କ ମଧରେ ମତ ପାର୍ଥକ୍ୟ ହେବାରୁ କଂଗ୍ରେସ ଦୁଇ ଭାଗ ହୋଇଗଲା । ଶଙ୍କର ଦୟାଲ ଇନ୍ଦିରା ଗାନ୍ଧୀଙ୍କ ନୀତିକୁ ସମର୍ଥନ କରି କଂଗ୍ରେସ(ଆର)ରେ ଯୋଗ ଦେଲେ । ଏପରି ସମୟ ଆସିଲା ଶଙ୍କର ଦୟାଲ ଦଳର ଅଧକ୍ଷ ହେଲେ । ଏହି ସମୟରେ ବ୍ୟାଙ୍କ ଗୁଡିକ ରାଷ୍ଟ୍ରୀୟକରଣ ହେଲା । ଅଧକ୍ଷ ପଦରେ ଦୁଇବର୍ଷ କାର୍ଯ୍ୟ କରି ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀ ମଣ୍ଡଳରେ ସଂଚାର ମନ୍ତ୍ରୀ ଭାବରେ କାର୍ଯ୍ୟ କଲେ ।

ମନ୍ତ୍ରୀ ଭାବରେ ପଂଚମ ପଂଚବାର୍ଷିକ ଯୋଜନାରେ ୩୧ ହଜାର ନୂଆ ଡାକଘର ଖୋଲାଇଥିଲେ । ଏହାପରେ ଶଙ୍କର ଦୟାଲ ଆନ୍ଧ୍ରପ୍ରଦେଶ, ପାବ ଓ ମହାରାଷ୍ଟ୍ର ର ରାଜ୍ୟପାଳ ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ । ଆନ୍ଧ୍ରର ରାଜ୍ୟପାଳ ଥିବା ସମୟରେ ଉଗ୍ରପନ୍ଥୀ ମାନେ ତାଙ୍କ

ଝିଅ ଗୀତାଳି ଓ ଜ୍ୱାଇଁ ଲଳିତ ମାକନଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ । ଏହି ଦୁଃଖ କୁ ସେ ଧୈର୍ଯ୍ୟ ର ସହିତ ସହିଗଲେ । ୧୯୮୭ ମସିହା ଜୁଲାଇ ମାସରେ ସେ ଭାରତର ଅଷ୍ଟମ ଉପରାଷ୍ଟ୍ରପତି ହେଲେ । ଏହି ସମୟରେ ଭାରତର ପ୍ରଧାନ ମନ୍ତ୍ରୀ ଥିଲେ ରାଜୀବ ଗାନ୍ଧୀ । ମାଆ ସମ୍ପତ୍ ଦେବୀଙ୍କ ମନରେ ଚିନ୍ତା ପଶିଛି । ସେ ଆଉ ପୁଅ ମନ ପସନ୍ଦର ଲଡୁ, ବାଇଗଣ ଭର୍ତା, ଆମ୍ବ ଓ ସୀତାଫଳ ଖୁଆଇ ପାରିବେନି । ସବୁ ଖାଦ୍ୟ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା ଓ ନୀରିକ୍ଷା ହେବ । ସେ ଅବୁଝା ମାଆର ପୁଅ ଆମ ଭାରତର ନବମ ରାଷ୍ଟ୍ରପତ ଡକ୍ଟର . ଶଙ୍କର ଦୟାଲ ଶର୍ମା ।

ଶଙ୍କର ଦୟାଲ ଶର୍ମା ରାଷ୍ଟ୍ରପତି ନିର୍ବାଚନରେ ରାମଜେଠାମାଳିନୀ ଓ ଯୋଗିନ୍ଦର ସିଂହ ଧରତିପାପକଡଙ୍କ ସହିତ ଲଢିଲେ ଏବଂ ୬ ଲକ୍ଷ ୭୫ ହଜାର ୮ ଶହ ଚଉଷଠି ଭୋଟ ପାଇଁ ନବମ ରାଷ୍ଟ୍ରପତି ଭାବେ ୧୯୯୨ ମସିହା ଜୁଲାଇ ୨୫ ତାରିଖରେ ଶପଥ ଗ୍ରହଣ କରିଥିଲେ । ତାଙ୍କର ଅଗାଧ ଜ୍ଞାନ ପାଇଁ ଦେଶ ତଥା ବିଦେଶର ବହୁ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ । ସମୟର ସଦୁପେଯୋଗ ସହିତ ଲେଖିବା ଓ ପଢିବା ଥିଲା ତାଙ୍କ ଜୀବନର ନିଶା । ସେ ଅଧିକ ଶୁଣନ୍ତି କମ୍ କଥା କୁହନ୍ତି । ସେ ସମସ୍ତ ବିଚାର ବିବେକ ଦ୍ୱାରା କାର୍ଯ୍ୟ କରୁଥିଲେ । ଶଙ୍କର ଦୟାଲ ଦେଶ କଥା ବୁଝିବା ସହିତ ନିଜ ପରିବାରର କଥା ମଧ ବୁଝୁଥିଲେ । ନିଜର ମାତୃଭୂମି ପାଇଁ ବହୁ କାର୍ଯ୍ୟ କରି ୧୧୯୭ ମସିହା ଜୁଲାଇ ୨୫ ତାରିଖ ସେ ରଷ୍ଟ୍ରପତି ପଦରୁ ଅବସର ଗ୍ରହଣ କଲେ । ସବୁଦିନପାଇଁ ରାଷ୍ଟ୍ରପତିଭବନର ସୌନ୍ଦର୍ଯ୍ୟକୁ ପଛରେ ପକାଇ ଦିଲ୍ଲୀ ସ୍ଥିତ ତେଇଶି ସଂପଦର ଜଙ୍ଗ ବାସ ଭବନରେ ନିଜର ପରିବାର ସହିତ ରହି ଦେଶ ସେବା ଜନହିତକର କାର୍ଯ୍ୟ ରେମନ ପ୍ରାଣ ଢାଳୀ ଦେଲେ ।

ସେଦିନ ଥିଲା ୧୯୯୯ ମସିହା ଡିସେମ୍ବର ମାସ ୨୬ ତାରିଖ ହଠାତ୍ ତାଙ୍କ ଦେହ ଅସୁସ୍ଥ ହୋଇପଡିଲା ।

ଡାକ୍ତର ଙ୍କର ବହୁ ଚେଷ୍ଟା ସତ୍ତ୍ୱେ ତାଙ୍କର ପ୍ରାଣ ବାୟୁ ଉଡିଯାଇଥିଲା । ତାଙ୍କର ମର ଶରୀରକୁ ଯମୁନା ନଦୀକୂଳରେ ୨୧ ଥର ତୋପ ସଲାମୀ ଓ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟଦାରେ ବେଦ ମନ୍ତ୍ର ପାଠ ଦ୍ୱାରା ଦାହ କରାଗଲା । ତାଙ୍କର ପୁତ୍ର ଆସୁତୋଷ ଶର୍ମା ମୁଖାଗ୍ନି ଦେବା ସମୟରେ ମାଆ ସମ୍ପତ୍ ଦେବୀ ଉପସ୍ଥିତ ଥିଲେ । ଶଙ୍କର ଦୟାଲ ହଜିଗଲେ ସତ ମାତ୍ର ତାଙ୍କର କାର୍ଯ୍ୟ ପାଇଁ ସେ ଚିରଦିନ ଭାରତ ମାତାର ବରପୁତ୍ର ଭାବେ ଅମର ହୋଇ ରହିଗଲେ ।


+ ପାରାଦ୍ୱୀପ ଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ -୯୯୩୭୬୯୧୪୭୫

# ପାଳଙ୍ଗ ମଟନ

**ସାମଗ୍ରୀ:**



-ମଟନ: ଅଧାକେଜି (ବୋନ୍‌ଲେସ୍)
-କଟା ରସୁଣ: ୨ଟା
-କଟା ପିଆଜ: ୧ଟା (ବଡ଼)
-ଟମାଟୋ ବଟା: ଅଧାକପ୍
-ଛେନା: ୧/୪ କପ୍
-ପୋଦିନା ପତ୍ର ବଟା: ଅଧାଚାମଚ
-ଗୋଲମରିଚ ବଟା: ଅଧାଚାମଚ
-ସିଝା ପାଳଙ୍ଗ: ୨ କପ୍
-କଟା ଗାଜର: ୧ଟା
-ଲେମ୍ବୁରସ ବା ଭିନେଗାର: ୧ ଚାମଚ
-ଲୁଣ: ସ୍ୱାଦ ଅନୁସାରେ
-ପ୍ରୟୋଜନ ଅନୁଯାୟୀ ତେଲ

**ପ୍ରଣାଳୀ:**

ପ୍ରଥମେ ଗୋଟିଏ ପାତ୍ରରେ ଲେମ୍ବୁରସ ବା ଭିନେଗାର ନେଇ ସେଥିରେ ଗୋଲମରିଚ ବଟା, ପୋଦିନା ବଟା, ଅଳ୍ପ ଲୁଣ ଓ ତେଲ ମିଶାଇ ସସ୍ ତିଆରି କରି ରଖନ୍ତୁ । ମଟନକୁ ବାଛି ଧୋଇ ଦିଅନ୍ତୁ । ସିଝା ପାଳଙ୍ଗକୁ ଗ୍ରାଇଣ୍ଡିଂ କରି ରଖନ୍ତୁ । ଗ୍ୟାସ୍‌ରେ କଡ଼େଇ ବସେଇ ତେଲ ଦିଅନ୍ତୁ । ତେଲ ଗରମ ହେଲା ପରେ ରସୁଣ, ପିଆଜ ଓ ଗାଜରକୁ ପକାଇ ଛାଣି ରଖନ୍ତୁ । ତା' ପରେ ସେହି ତେଲରେ ମଟନକୁ ପକାଇ ଗୋଳେଇ ଢାଙ୍କୁଣୀ ଦେଇ ୩୦ରୁ ୪୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ । ମଟନ ସିଝିଗଲା ପରେ ଲାଲ୍ ହେବା ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । ତା'ପରେ ସେଥିରେ ଛଣା ରସୁଣ, ପିଆଜ, ଗାଜର ଓ ସସ୍‌କୁ ପକାଇ ତିନିରୁ ଚାରି ମିନିଟ୍ ଘାଣ୍ଟନ୍ତୁ । କିଛି ସମୟ ପରେ ପାଳଙ୍ଗ ବଟା ଓ ଟମାଟୋ ବଟା ଦେଇ ପାଣି ମରିବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ । ପାଣି ମରି ବହଳିଆ ହୋଇଆସିଲେ କଡ଼େଇକୁ ତଳକୁ ଓହ୍ଲେଇ ଦିଅନ୍ତୁ । ଗରମ ଗରମ ପରଟା, ନାନ୍ କିମ୍ବା ଭାତ ସହିତ ନିଜେ ଖାଆନ୍ତ ଏବଂ ଅନ୍ୟମାନଙ୍କୁ ଖାଇବାକୁ ପରଷି ଦିଅନ୍ତୁ ।

# ଢେଙ୍ଗୋ ଡ୍ୟାମ୍

ଘଞ୍ଚ ଜଙ୍ଗଲ, ନଦନଦୀ, ଅନୁଜ ପାହାଡ଼, ମନ୍ଦିର ପରିବେଷ୍ଟିତ ସୁବର୍ଣ୍ଣପୁର ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅନନ୍ୟ । ଏହା ମଧ୍ୟରେ ଢେଙ୍ଗୋ ଡ୍ୟାମ୍ ଅନ୍ୟତମ ଯାହାକି ଏକ ମନଲୋଭା ଜଳସେଚନ ପ୍ରକଳ୍ପ । ଡ୍ୟାମ୍ ଉପର ମୁଣ୍ଡରେ ସୁଦୀର୍ଘ ହ୍ରଦ ସଦୃଶ ବିସ୍ତାରିତ ଜଳରାଶି ଚାଷପାଇଁ ବିନିଯୋଗ ହୋଇଥାଏ । ଏହି ଡ୍ୟାମ୍ ଚତୁର୍ଦ୍ଦିଗରେ ପାହାଡ଼ ଜଙ୍ଗଲ ଘେରା ଶାନ୍ତ ନିଃଶବ୍ଦ ପରିବେଶ । ଆଜି ବି ଏଠାରେ ରହିଛନ୍ତି ଅନେକ ବନ୍ୟଜନ୍ତୁ । ରଙ୍ଗବେରଙ୍ଗୀ ଅସଂଖ୍ୟ ପକ୍ଷୀଙ୍କ କୁହୁତାନରେ ଏଠାକାର ପରିବେଶ ହୋଇଥାଏ ମୁଖରିତ । ବର୍ଷ ତମାମ ଏଠାରେ ବଣଭୋଜି କରାଯାଇଥାଏ । ବିଶେଷକରି ଶୀତ ଋତୁରେ ଏହି ସ୍ଥାନରେ ପର୍ଯ୍ୟଟକମାନଙ୍କ ଅଧିକ ଭିଡ଼ ପରିଲକ୍ଷିତ ହୋଇଥାଏ । ପ୍ରାକୃତିକ ପରିବେଶ ଦୃଷ୍ଟିରୁ ଢେଙ୍ଗୋ ଡ୍ୟାମ୍ ସୁବର୍ଣ୍ଣପୁର ଜିଲ୍ଲାର ଏକ ପ୍ରମୁଖ ପର୍ଯ୍ୟଟନ ଆକର୍ଷଣ । ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ଉଦ୍ୟମ ହେଉନଥିବାରୁ ସ୍ଥାନୀୟ ଲୋକ ସହିତ ପର୍ଯ୍ୟଟକମାନ ଅଭିଯୋଗ କରନ୍ତି । ଦୀର୍ଘ ଦିନରୁ ନିର୍ମିତ ଡାକବଙ୍ଗଳାଟି ଏବେ ଆଉ କାର୍ଯ୍ୟକ୍ଷମ ହେଉ ନାହିଁ । ଏଠରେ ମୃଗ ବିହାର, ଜଳକ୍ରୀଡ଼ା ପାଇଁ ଯନ୍ତ୍ରଚାଳିତ ବୋଟ୍‌ର ବ୍ୟବସ୍ଥା ସହିତ ପାନ୍ଥ ନିବାସ ଏବଂ ହୋଟେଲ ବ୍ୟବସ୍ଥା ଉପଲବ୍ଧ ହୋଇପାରିଲେ ଆହୁରି ଅଧିକ ପର୍ଯ୍ୟଟକ ଏଠାକୁ ଆସିପାରନ୍ତେ । ସେହିପରି ସୋନପୁର (ସୁବର୍ଣ୍ଣପୁର)ରୁ ଡ୍ୟାମ୍ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ପାଇଁ ଦାବି ହେଉଛି । ଗତ କିଛିବର୍ଷ ହେଲା ଏଠାରୁ ବ୍ୟାପକ ଭାବେ ଗଛକଟା ଯାଉଥିବା ବେଳେ ବନ୍ୟଜନ୍ତୁ ମଧ୍ୟ ଶିକାର କରାଯାଉଛି । ଏହି ସ୍ଥାନରୁ ୮ କିମି ଦୂରତ୍ୱରେ ରହିଛି ପାତାଳି ଶ୍ରୀକ୍ଷେତ୍ର । କୋଟ ସମଲାଇ ଗ୍ରାମର ତ୍ରିକୁଟ ପର୍ବତରେ ଜଗତର ନାଥ ମହାପ୍ରଭୁ ଜଗନ୍ନାଥଙ୍କୁ ଜଗନମାନଙ୍କ ଦାଉରୁ ରକ୍ଷା କରିବା ପାଇଁ ଦୀର୍ଘ ୧୪୪ ବର୍ଷ ଧରି ପାତାଳି କରାଯାଇଥିଲା । ପୁରୀ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଏଠାରେ ଚତୁର୍ଦ୍ଧା ମୂର୍ତ୍ତି ସ୍ଥାପନ କରାଯାଇଛି । ଶ୍ରୀମନ୍ଦିର ଭଳି ଏଠାରେ ପ୍ରଭୁଙ୍କ ସବୁ ରୀତିନୀତି ଚାଲି ରହିଛି । ଏହା ଏକ ପବିତ୍ର କ୍ଷେତ୍ର ହୋଇଥିବାରୁ ପ୍ରତ୍ୟେହ ବହୁ ସାଧୁ ସନ୍ଥ ସନ୍ୟାସୀ ଭକ୍ତ ଆସିଥାନ୍ତି । ରାଜ୍ୟ ସରକାରଙ୍କ ଦ୍ୱାରା ଏହି କ୍ଷେତ୍ର ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇଁ ଏହାର ବିକାଶ ଦିଗରେ ଧ୍ୟାନ ଦିଆଯାଉଛି । ସେହିପରି ୨୦ କିମି ଦୂରତ୍ୱରେ ରହିଛି ଜିଲ୍ଲାର ଅନ୍ୟତମ ଆକର୍ଷଣ କେନ୍ଦ୍ର ମାଁ ମେଟାକାନୀଙ୍କ ପୀଠ । ଲୋକକଥା ଅନୁସାରେ କୁତମେଣ୍ଡ ଗାଁ ନିକଟସ୍ଥ ଘଞ୍ଚଜଙ୍ଗଲର ଏକ ଗମ୍ଭାରି ଗଛ



ମୂଳରେ ମାଁ ମେଟାକାନୀ ପୂଜା ପାଉଥିଲେ । କିଛିବର୍ଷ ପୂର୍ବରୁ ଜନୈକ ଭକ୍ତ ଏଠାରେ ଏକ ସୁନ୍ଦର କାରୁକାର୍ଯ୍ୟ ମନ୍ଦିର ତିଆରି କରିଛନ୍ତି । ଏହା ସୁବର୍ଣ୍ଣପୁର ଜିଲ୍ଲାର ଏକ ପ୍ରସିଦ୍ଧ ଶକ୍ତି ପୀଠ । ପର୍ଯ୍ୟଟକ ତଥା ଭକ୍ତମାନେ ଏହି ସ୍ଥାନକୁ ଆସିଲେ ମା'ଙ୍କ କୃପାରୁ ସେମାନଙ୍କ ଦୁଃଖ ଭୁଲିଯିବା ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆତ୍ମବିଭୋର ହୋଇ ଉଠନ୍ତି । ପାର୍ଶ୍ୱରେ ବିରାଟ ଜଳାଶୟ, ଅତିଥି ଗୃହ, ବିଶ୍ରାମ ଗୃହ, ପାନୀୟ ଜଳ ଇତ୍ୟାଦିର ବ୍ୟବସ୍ଥା ଉପଲବ୍ଧ । ଏହା ମଧ୍ୟ ସୁବର୍ଣ୍ଣପୁର ଜିଲ୍ଲାର ଅନ୍ୟତମ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସ୍ଥାନ । ବର୍ଷା ଋତୁ ବ୍ୟତୀତ ଅନ୍ୟ ସମସ୍ତ ସମୟରେ ହଜାର ହଜାର ଲୋକ ବଣଭୋଜି ପାଇଁ ଏହି ସ୍ଥାନକୁ ଆସିଥାନ୍ତି । ସୁବର୍ଣ୍ଣପୁର ଜିଲ୍ଲାରେ ପର୍ଯ୍ୟଟନର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଆଖିଦୃଶିଆ ପ୍ରୟାସ କରାଯାଉନାହିଁ । ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ଉପଯୁକ୍ତ ବିକାଶ ତଥା ରକ୍ଷଣାବେକ୍ଷଣ କରାଯାଇପାରିଲେ ଏହା ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରନ୍ତା । ସୋନପୁର ଠାରୁ ଢେଙ୍ଗୋ ଡ୍ୟାମ୍‌ର ଦୂରତ୍ୱ ୨୭ କିମି ହୋଇଥିବା ହେଲେ ପାତାଳି ଶ୍ରୀକ୍ଷେତ୍ରର ଦୂରତ୍ୱ ୨୨ କିମି ଏବଂ ମେଟାକାନୀର ଦୂରତା ୧୯ କିମି ।

# ବର୍ଷେ ପାଣି ନ ପିଇ ସୁସ୍ଥ

ପ୍ରଚୁର ପାଣି ପିଇବା ଦ୍ୱାରା ଶରୀର ସୁସ୍ଥ ରହେ ବୋଲି ଡାକ୍ତର ଉପଦେଶ ଦିଅନ୍ତି । ଇଣ୍ଡୋନେସିଆର ବାଲି ବାସିନ୍ଦା ନ୍ୟୁଟ୍ରିସନିଷ୍ଟ ସୋଫି ପାର୍ଟିକଙ୍କ



ମତ କିନ୍ତୁ ଭିନ୍ନ । ସେ କହନ୍ତି, ପାଣି ବିନା ଆମେ ବଞ୍ଚିପାରିବା । ବିନା ପାଣିରେ ଆମେ ସୁସ୍ଥ ରହିବା ସହିତ ସୁନ୍ଦର ତ୍ୱଚା ମଧ୍ୟ ପାଇପାରିବା । ୩୫ ବର୍ଷୀୟା ସୋଫି ପ୍ରାୟ ୧ ବର୍ଷ ପୂର୍ବରୁ ଗଣ୍ଠି ଯନ୍ତ୍ରଣା, ଆଖି ଫୁଲା, ଆଲର୍ଜି ସହିତ ଆହୁରି ଅନେକ ଶାରୀରିକ ରୋଗରେ ପୀଡ଼ିତ ଥିଲେ । ଏଥିପାଇଁ ତାଙ୍କର ଦୁଶ୍ଚିନ୍ତା ବଢ଼ିଯାଇଥିଲା ଏବଂ ମୁହଁର ସୌନ୍ଦର୍ଯ୍ୟ ଖରାପ ହେବାକୁ ଲାଗିଲା । ଚିକିତ୍ସା ପାଇଁ ଅନେକ ଡାକ୍ତରଙ୍କ ନିକଟରୁ ଦୌଡ଼ୁଥିଲେ । କିନ୍ତୁ କୌଣସି ସୁଫଳ ମିଳୁନଥିଲା । କିଛି ଡାକ୍ତର ତାଙ୍କୁ ପ୍ଲାଷ୍ଟିକ୍ ସର୍ଜରୀ ପାଇଁ ଉପଦେଶ ଦେଲେ । ଥରେ 'ଡ୍ରାଏ ଫାଷ୍ଟିଂ' କରିବା ପାଇଁ ସୋଫିଙ୍କର ଜଣେ ବନ୍ଧୁ ତାଙ୍କ ପରାମର୍ଶ ଦେଲେ । ଡ୍ରାଏ ଫାଷ୍ଟିଂର ଅର୍ଥ ପାଣି ବିନା ରହିବା । ସୋଫି ଡ୍ରାଏ ଫାଷ୍ଟ ଆରମ୍ଭ କରିଦେଲେ । ପାଣି ବଦଳରେ ପଇଡ଼ ପାଣି, ତରଭୁଜ ରସ, ଆମ୍ବ ରସ ଆଦି ବିଭିନ୍ନ ଫଳ ରସ ପିଇଲେ । କିଛି ଦିନ ମଧ୍ୟରେ ତାଙ୍କର ଶରୀର ଯନ୍ତ୍ରଣା, ଆଖି ଓ ମୁହଁ ଫୁଲା କମିଗଲା । ଚର୍ମ ରୋଗ ମଧ୍ୟ ଭଲ ହେବାକୁ ଲାଗିଲ । ଏହାଦେଖି ସୋଫି ନିଜକୁ ସମ୍ପୂର୍ଣ୍ଣ ସୁସ୍ଥ କରିବା ପାଇଁ ବର୍ଷେ କାଳ ପାଣି ପିଇଲେ ନାହିଁ । ଆଜୀବନ ବିନା ପାଣିରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି । ଏବେ 'ଡ୍ରାଏ ଫାଷ୍ଟିଂ'ର ଲାଭ ବିଷୟରେ ଲୋକଙ୍କୁ ଜଣାଇବା ସହିତ ସୋସିଆଲ ମିଡିଆରେ ଏ ନେଇ ତଥ୍ୟ ପୋଷ୍ଟ କରୁଛନ୍ତି ।

# ୧୦୩ ବର୍ଷ ବୟସରେ ଟାଟୁ

ଇଚ୍ଛା କିମ୍ବା ଲକ୍ଷ୍ୟ ହାସଲ କରିବାର କୌଣସି ସମୟସୀମା ନାହିଁ । ଏହା ପ୍ରମାଣ କରିଛନ୍ତି ଜଣେ ୧୦୩ ବର୍ଷୀୟ ମହିଳା । ସେ ନିଜ ଶରୀରରେ ଟାଟୁ କରି ଇଚ୍ଛା ପୂରଣ କରିଛନ୍ତି । ଡୋରୋଥି ପୋଲାକ୍ ମାସ ମାସ ଧରି ମିଶିଗାନ ସ୍ଥିତ ମୁସ୍କେଗନ୍‌ର ଏକ ନର୍ସିଂହୋମ୍‌ରେ ଆଇସୋଲେସନ୍‌ରେ ରହି ହତୋତ୍ସାହିତ ମନେକରୁଥିଲେ । କୋଭିଡ୍-୧୯ ତାଙ୍କୁ ବନ୍ଦୀ ଘରେ ରଖିଦେଲା ବୋଲି ଡୋରୋଥିଙ୍କ ନାତୁଣି ଟେରେସା ଜାଭିଜ-ଜୋନ୍ସ କହିଛନ୍ତି । ନର୍ସିଂହୋମ୍‌ର ନର୍ସ ତାଙ୍କୁ କହିଲେ ଯେ ସେ ଅତିଶୟ ଭାବେ ଅବସାଦର ଶିକାର ହୋଇଛନ୍ତି । ତେଣୁ ତାଙ୍କୁ ଏଥିରୁ ଉଦ୍ଧାର କରିବା ବହୁତ ଜରୁରୀ । ପରିବାର ଲୋକେ ଡୋରୋଥିଙ୍କୁ ଦେଖିପାରୁନଥିଲେ । ତେଣୁ ତାଙ୍କ ଅବସ୍ଥା ବିଷୟରେ ସେମାନଙ୍କର କୌଣସି ଧାରଣା ନଥିଲା । ଡୋରୋଥିଙ୍କ ଶ୍ରବଣଶକ୍ତି ହ୍ରାସ ପାଇଥିବାରୁ ଫୋନ୍‌ରେ ମଧ୍ୟ କଥାବାର୍ତ୍ତା ସମ୍ଭବ ନଥିଲା । ଗତ ଜୁନ୍ ୧୬ ତାରିଖରେ ନର୍ସିଂହୋମ୍‌ରୁ ଡିସ୍‌ଚାର୍ଜ ହେବା ପରେ ଡୋରୋଥି



ନିଜ ଦେହରୁ ଟାଟୁ କରାଇଛନ୍ତି । ଏହା ଖୁବ୍ ଭଲ ଅନୁଭବ ବୋଲି ସେ କହିଛନ୍ତି । ଦୀର୍ଘ ବର୍ଷ ପୂର୍ବେ ସେ ଏକ ଟାଟୁ କରନ୍ତୁ ବୋଲି ତାଙ୍କ ନାତି ଚାହୁଁଥିଲେ । କିନ୍ତୁ ସେତେବେଳେ ସେ କରିନଥିଲେ । ଏବେ ସେ ନାତିଙ୍କ ଇଚ୍ଛା ପୂରଣ କରିଛନ୍ତି । ସେ ବେଙ୍ଗକୁ ଖୁବ୍ ପସନ୍ଦ କରନ୍ତି । ତେଣୁ ଏକ ଟାଟୁ ପାର୍ଲର ଯାଇ ବେଙ୍ଗ ଟାଟୁ କରାଇଛନ୍ତି । ଟାଟୁ କରାଇଥିବା ରେ ରିଜନର୍, ତାଙ୍କ ପାଖରେ ଟାଟୁ କରାଯାଇଥିବା ଗ୍ରାହକଙ୍କ ମଧ୍ୟରେ ଡୋରୋଥି ସବୁଠୁ ବୟସ୍କ । ଟାଟୁ ଆଙ୍କିବା ସମୟରେ ଡୋରୋଥି ଟିକିଏ ବି ଯନ୍ତ୍ରଣା ଅନୁଭବ କରିନଥିଲେ ବୋଲି ରିଜନର୍ କହିଛନ୍ତି । ଟାଟୁ କରାଇବା ପରେ ଡୋରୋଥି ନିଜ ମୋଟରସାଇକେଲରେ ବୁଲିବା ଇଚ୍ଛା ପୂରଣ କରିବାକୁ ନିଷ୍ପତ୍ତି ନେଲେ । ଡୋରୋଥିଙ୍କ ମୋଟରସାଇକେଲରେ ଭ୍ରମଣର ଫଟୋ ତାଙ୍କ ନାତୁଣି ସେୟାର କରିଛନ୍ତି ।

# ମହୁରେ ତ୍ୱଚା ଚର୍ଚ୍ଚା

ଶୁଷ୍କ ତ୍ୱଚା ନିମନ୍ତେ ମହୁ ଏକ ଉତ୍ତମ ମଏଶ୍ଚରାଇଜର୍ ପରି କାମ କରିଥାଏ । ବ୍ରଣ, ଦାଗ ସହ ସନ୍-ଟ୍ୟାନ୍ ଦୂର କରିବାରେ ମଧ୍ୟ ମହୁ ପ୍ୟାକ୍ ସାହାଯ୍ୟ କରେ । ସପ୍ତାହକୁ ୨-୩ଥର ମହୁ ପ୍ୟାକ୍ ଲଗାଇଲେ ଏହାର ଫରକ ଜାଣିପାରିବେ ।

➢ମହୁ ୧ ଚାମଚ, କଞ୍ଚା କ୍ଷୀର ୧ ଚାମଚ, ବେସନ ୧ ଚାମଚ, ତୁଳସୀ ରସ ଅଧ ଚାମଚ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାଇ ଶୁଖିବା ପରେ ଧୋଇନେବେ । ଏହି ପ୍ୟାକ୍ ତ୍ୱଚା କୋମଳତା ନିମନ୍ତେ ସହାୟକ ।

➢ସନ୍-ଟ୍ୟାନ୍ ନିମନ୍ତେ ମୁଲତାନି ମାଟି, ମହୁ ଓ ଗୋଲାପଜଳର ପ୍ୟାକ୍ ୨୦ ମିନିଟ୍ ତ୍ୱଚାରେ ଲଗାନ୍ତୁ । ରଙ୍ଗ ସଫା ପାଇଁ ମଧ୍ୟ ଏହି ପ୍ୟାକ୍ ନିୟମିତ ଲଗାଇଲେ ଲାଭ ମିଳେ ।

➢ତ୍ୱଚା ଅଧିକ ଶୁଷ୍କ ଥିଲେ, ଶୁଦ୍ଧ ମହୁ ଲଗାଇ ୩୦ ମିନିଟ୍ ପରେ ଥଣ୍ଡା ପାଣିରେ ଧୋଇନେବେ । ଦୈନିକ ଏଇ ଉପାୟ କଲେ ଶୀଘ୍ର ଫରକ୍ ଜାଣିପାରିବେ ।

➢ତ୍ୱଚା ସହ କେଶର ଘନତ୍ୱ ଓ କେଶ ଝଡ଼ା ବନ୍ଦ କରିବାରେ ମହୁର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦହି ଓ ମହୁ ମିଶାଇ ପ୍ୟାକ୍ ଭଳି କେଶ ମୂଳରେ ଲଗାଇ ୩୦ ମିନିଟ୍ ପରେ ଶ୍ୟାମ୍ପୁ କରିନେବେ । ଏହି ଉପାୟରେ ରୁପି ଓ କେଶ ଝଡ଼ା ସମସ୍ୟା କମ୍ ହୋଇଥାଏ ।



# ଜଳଖିଆରେ ଖାଆନ୍ତୁ ଦହି-ଚିନି



ଦେଶୀ ଖାଦ୍ୟ ଖାଇ ପ୍ରତ୍ୟେକ ସୁସ୍ଥ ଜୀବନ ଅତିବାହିତ କରିପାରିବେ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ । ଉପମା, ଚୂଡ଼ା, କଦଳୀ, ରୁଟି-ତରକାରୀ ଇତ୍ୟାଦିକୁ ପ୍ରତ୍ୟେକ ବର୍ଗର ଲୋକ ସକାଳ ଜଳଖିଆ ଭାବେ ଖାଇବା ଉଚିତ । ନାମୀ ଖାଦ୍ୟ ବିଶେଷଜ୍ଞ ରୁଜୁତା ଦିୱେକର୍‌ଙ୍କ କହିବାନୁସାରେ 'ଫ୍ୟାନ୍ସି ଫୁଡ୍' ଯେପରି ପାସ୍ତା, ମାକ୍ରୋନି, ପୁଡ଼ିଙ୍ଗ ଇତ୍ୟାଦି ଆପଣ ନିୟମିତ ଖାଇଲେ, ଆମ ଜଳବାୟୁ ଅନୁସାରେ ଭଲଭାବେ ହଜମ ହୋଇନଥାଏ । ବରଂ ଦେଶୀ ଖାଦ୍ୟ ଖାଇ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇହେବ । ଭାରତର ପ୍ରମୁଖ ପ୍ରାନ୍ତରେ ଚୂନାକୁ ବିଭିନ୍ନ ପ୍ରକାରରେ ରନ୍ଧାଯାଇ ଖିଆଯାଏ । ଆମ ଓଡ଼ିଶାରେ ଚୂଡ଼ା-ଚିନି-ଦହି-କଦଳୀ ଏକ ମୁଖ୍ୟ ଜଳଖିଆ କହିଲେ ଭୁଲ୍‌ହେବନାହିଁ । ଗାଁ ଗହଳିରେ ଆଜିର ସମୟରେ ମଧ୍ୟ ମା'ମାନେ ପିଲାଙ୍କୁ ଜଳଖିଆରେ ଚୂଡ଼ାଗୁଣ୍ଡ ଖାଇବାକୁ ଦେଉଛନ୍ତି । ଚୂଡ଼ାରେ ଥିବା ପୋଷକତତ୍ତ୍ୱ ଶରୀରକୁ ଶକ୍ତି ଯୋଗାଇଥାଏ ।

♦ସକାଳବେଳା ଖାଇବାରେ ଦହି-ଚିନି ଖାଇବା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ । ଏସବୁ ଖାଇବା ଦ୍ୱାରା ପେଟ ଥଣ୍ଡା ରହିବା ସହ ଶୀଘ୍ର ଭୋକ ଲାଗେ ନାହିଁ । ରୁଜୁତାଙ୍କ ମତରେ ଚୂଡ଼ା-ଦହି-ଚିନି ଚକଟା ଏକ ସୁପର୍‌ଫୁଡ୍ ।

♦ଦହି-ଚିନିକୁ ନିୟମିତ ଖାଇଲେ ଆପଣଙ୍କ ବଦ୍‌ହଜମ ହେବାର ଭୟନାହିଁ । ଏହା ସହ ଖାଦ୍ୟ ଶୀଘ୍ର ମଧ୍ୟ ହଜମ ହୋଇଥାଏ ।

♦କ୍ଷୀର ହଜମ ହେବାରେ ଅସୁବିଧା ହେଉଥିବାବେଳେ ଦହିରେ ସେସବୁ ଅସୁବିଧା ଉପୁଜିନଥାଏ । ଯଦି ଥଣ୍ଡା, ସର୍ଦ୍ଦି ହେବାର ଭୟ କରୁଛନ୍ତି, ତେବେ ଫ୍ରିଜ୍ ଦହି ବ୍ୟବହାର କରନ୍ତୁନାହିଁ ।

# ଗଳିକନ୍ଦିକୁ ଯିବ ୩ ଚକିଆ ଆମ୍ବୁଲାନ୍ସ

କୋଭିଡ୍-୧୯ ରୋଗୀଙ୍କୁ ଡାକ୍ତରଖାନା ନେବା ଉଦ୍ଦେଶ୍ୟରେ ଏକ ଶସ୍ତା ୩ ଚକିଆ ଆମ୍ବୁଲାନ୍ସ ରାଜକୋଟଠାରେ ଡିଜାଇନ୍ ହୋଇଛି । ଅତୁଲ ଅଟୋ ଏହାକୁ ଲଞ୍ଚ କରିଛି । କମ୍ପାନି ନିଜର ପ୍ରଥମ ଆମ୍ବୁଲାନ୍ସ ରାଜକୋଟ ସିଭିଲ ହସ୍‌ପିଟାଲକୁ ଦାନ କରିଛି । ବ୍ୟବସାୟିକ ସ୍ତରରେ ଏହାର ବ୍ୟାପକ ଉତ୍ପାଦନ କରିବାକୁ ଏବେ ଯୋଜନା ଚଳାଇଛି । କମ୍ପାନି ସୂଚନା ଅନୁସାରେ, ଡିଜେଲରେ ପରିଚାଳିତ ଏହି ଆମ୍ବୁଲାନ୍ସ କମ୍ପାନିର ନିଜ ଉତ୍ପାଦ ୩ ଚକିଆ କାର୍ଗୋର ଉନ୍ନତ ସଂସ୍କରଣ । ଅଣଓସାରିଆ କିମ୍ବା ଗଳିକନ୍ଦିରେ ପ୍ରବେଶ କରି ଏହା ଯେମିତି ରୋଗୀଙ୍କ ନିକଟରେ ପହଞ୍ଚିପାରିବ, ତାକୁ ଦୃଷ୍ଟିରେ ରଖି ଆମ୍ବୁଲାନ୍ସ ଡିଜାଇନ୍ କରାଯାଇଛି । ରାଜକୋଟ ଜିଲ୍ଲା ପ୍ରଶାସନର ସ୍ୱତନ୍ତ୍ର ଅନୁରୋଧ କ୍ରମେ କମ୍ପାନି ଏହି ଆମ୍ବୁଲାନ୍ସ ଡିଜାଇନ୍ କରିଛି । ସହଜରେ ଦୁର୍ଗମ ଅଞ୍ଚଳରେ କିଭଳି ଭାବେ ପହଞ୍ଚିହେବ, ସେହି ଆବଶ୍ୟକତାକୁ ଦୃଷ୍ଟିରେ ରଖାଯାଇଥିଲା ବୋଲି ଅତୁଲ ଅଟୋର ଜେନେରାଲ ମ୍ୟାନେଜର ଯୋଗେଶ ରଞ୍ଜନ କହିଛନ୍ତି । ଜିଲ୍ଲାରେ ସଫଳ ହେଲେ, ଆମ୍ବୁଲାନ୍ସ ମଡେଲକୁ ସର୍ବ ଭାରତୀୟ ସ୍ତରକୁ ନେଇଯିବାକୁ କମ୍ପାନି ଯୋଜନା କରୁଥିବା ଯୋଗେଶ କହିଛନ୍ତି । ପାରମ୍ପରିକ ୧୦୮। ଆମ୍ବୁଲାନ୍ସ ଅଣଓସାରିଆ ଓ ଗଳିରେ ପ୍ରବେଶ କରିପାରେ ନାହିଁ । ତେଣୁ ରୋଗୀଙ୍କୁ ଷ୍ଟ୍ରେଚରରେ ଗାଡ଼ି ପର୍ଯ୍ୟନ୍ତ ଆଣିବାକୁ ପଡ଼େ । ବେଳେବେଳେ ଏହି ସମସ୍ୟା ରୋଗୀଙ୍କୁ ସଙ୍କଟରେ ପକାଇଥାଏ । ତେଣୁ



ତିନି ଚକିଆ ଆମ୍ବୁଲାନ୍ସ ତା'ର ବିକଳ୍ପ ହୋଇପାରିବ ବୋଲି କମ୍ପାନି ଲକ୍ଷ୍ୟ ରଖିଛି । ନିର୍ଦ୍ଦିଷ୍ଟ ଅଞ୍ଚଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ୟବସାୟିକ କଷ୍ଟମାଇଜ୍‌ଡ ଆମ୍ବୁଲାନ୍ସ ଲଞ୍ଚ କରିବାକୁ ଏହା ଯୋଜନା କରୁଛି । ଆମ୍ବୁଲାନ୍ସର ଲମ୍ବ ୬ ଫୁଟ । ଏହାର ଷ୍ଟିଅରିଂ ନାହିଁ, କିନ୍ତୁ ଅଟୋ ଭଳି ହ୍ୟାଣ୍ଡେଲବାର୍ ରହିଛି । ଏଥିରେ ଷ୍ଟ୍ରେଚର୍ ଓ ଅକ୍ସିଜେନ୍ ସିଲିଣ୍ଡର ରହିଛି । ରୋଗୀ, ତାଙ୍କ ସମ୍ପର୍କୀୟ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଇଁ ବସିପା ସ୍ଥାନ ରହିଛି । ଏହାର ମୂଲ୍ୟ ପ୍ରାୟ ୩ ଲକ୍ଷ ।

# ଟ୍ୱିଟ୍ କରି ଆଲିୟାଙ୍କୁ ପରିହାସ !

ବଲିଉଡ୍‌ର ବିବାଦ-ରାଣୀ ଭାବେ କୁଖ୍ୟାତ କଂଗନା ରନୌତ ପୁଣି ଥରେ କଟୁ ଭାଷାରେ କିଚିରିମିଚିରି କରିଛନ୍ତି । ଏଥର ଆଲିୟା ଓ ରଣବୀର କପୂରଙ୍କ ବିରୋଧରେ । 'ସଡ଼କ ୩'ର ଟ୍ରାଏଲର୍ ଦେଖିବା ପରେ କଂଗନା, 'ଟ୍ୱିଟର୍'ରେ ନିଜର ପ୍ରତିକ୍ରିୟା ଏହି ଭାଷାରେ ପ୍ରକାଶ କରିଛନ୍ତି; "କେହି ଜଣେ ଲୁଚିଥିବା ଆର୍ ବାଲକୀଙ୍କୁ ଖୋଜିବା ଦରକାର । ସେ କହିଥିଲେ, ଆଲିୟା ଓ ରଣବୀରଙ୍କଠାରୁ ଭଲ କଳାକାର ନାହାନ୍ତି । ଲଜ୍ଜିତ ହୁଅ । ଆରେ ଟିକିଏ ଲଜ୍ଜିତ ହୁଅ । ଅନ୍ୟମାନଙ୍କୁ ବିଭ୍ରାନ୍ତ କରିବାର ବି ଗୋଟିଏ ସୀମା ଅଛି । ଦୁଇ ପପ୍ପୁଙ୍କ ଅଭିନୟ ଅତି ନିମ୍ନମାନର । ହେଲେ, ମାଫିଆ ଗଣମାଧ୍ୟମ, ସେମାନଙ୍କ ବନ୍ଧୁ-ବାନ୍ଧବୀ, ଦୁହିଁଙ୍କ ପ୍ରଶଂସାରେ ଶତମୁଖ । ନକଲି ପୁରସ୍କାର ପାଉଥିବା ଏହି ଦୁଇଙ୍କ ପପ୍ପୁଙ୍କ ପତନ ସମୟ ଆସିଗଲା ।"

ଉଲ୍ଲେଖଯୋଗ୍ୟ ଯେ, 'ସଡ଼କ ୨'ର ଟ୍ରାଏଲର୍ 'ୟୁଟ୍ୟୁବ୍'ରେ ମୁକ୍ତିଲାଭ କଲା ପରେ ଷାଠିଏ ଲକ୍ଷ ଲୋକ ନାପସନ୍ଦ' କରିଛନ୍ତି । ଏହି ଖବର ଶୁଣିବା ପରେ ସଂଭବତଃ କଂଗନା, ଏ ପରି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । 'ସଡ଼କ ୨'ରେ ଅବଶ୍ୟ ରଣବୀର ଅଭିନୟ କରିନାହାନ୍ତି ।



# ସ୍ୱାସ୍ଥ୍ୟ ଟିପ୍ସ

ଭାରତ ସହରାଞ୍ଚଳରେ କରାଯାଇଥିବା ଏକ ସର୍ବେକ୍ଷଣ ଅନୁଯାୟୀ ତିରିଶ ଅଧିକ ବୟସ୍କ କୋଡ଼ିଏ ପ୍ରତିଶତ ମଣିଷ ଏକ ସଙ୍ଗେ ମଧୁମେହ ଓ ଉଚ୍ଚ ରକ୍ତଚାପ ଭୋଗୁଛନ୍ତି । ଏହି ଦୁଇଟି ରୋଗ ଏକତ୍ର ଭୋଗିଲେ, ହୃତ୍‌ପିଣ୍ଡ ଓ ବୃକକ୍‌ର କାର୍ଯ୍ୟ-କ୍ଷମତା ହ୍ରାସ ପାଏ । ମଧୁମେହ, ଧମନିକୁ ନଷ୍ଟ କରେ । ଏଥେରୋସ୍କେଲ୍‌ରୋସିସ୍ ଯୋଗୁଁ ହେଉଥିବା ଉଚ୍ଚ ରକ୍ତ ଚାପର ଠିକ୍ ସମୟରେ ଚିକିତ୍ସା କରା ନଗଲେ, ଧମନିର କ୍ଷତି ଘଟିବା ସହ ହୃଦ୍‌ଘାତଠାରୁ ଆରମ୍ଭ କରି ବୃକକ୍ ଅକାମୀ ହେବା ପର୍ଯ୍ୟନ୍ତ ନାନା ଗୁରୁତର ସ୍ୱାସ୍ଥ୍ୟବସ୍ଥା ଦେଖାଦେଇପାରେ । ଅନେକ ଉଚ୍ଚ ରକ୍ତଚାପ ଜନିତ ସମସ୍ୟା ଭୋଗୁଥିଲେ ହେଁ ପରୀକ୍ଷା କରୁନଥିବାରୁ ଜାଣିପାରନ୍ତିନାହିଁ ଏବଂ ସେମାନଙ୍କ ଅଜ୍ଞାତରେ ରୋଗ ବଢ଼େ । ଆଉ ଏମାନେ ମଧୁମେହ ଭୋଗୁଥିଲେ, ବିପଦ ଦୁଇ ଗୁଣ ଅଧିକ । କେତେକ ଉଚ୍ଚ ରକ୍ତଚାପ ଔଷଧ, ରକ୍ତ ଶର୍କରା ଓ ଲିପିଡ୍ ସ୍ତରକୁ ନକାରାତ୍ମକ ଭାବେ ପ୍ରଭାବିତ କରେ, ପୁରୁଷକୁ ନପୁଂସକ ମଧ୍ୟ କରିପାରେ । ତେଣୁ, ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ଖାଇବା ଅନୁଚିତ ।

# ପାରାଦ୍ୱୀପର ନୂଆ ଏଏସ୍‌ପି ଭାବେ ଦାୟିତ୍ୱ ନେଲେ ନିମାଇଁ ଚରଣ ସେଠୀ

## ଏସ୍‌ୟୁଜେ ସମତେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ସ୍ୱାଗତ



ପାରାଦ୍ୱୀପ,୧୭।୮ (ନି.ପ୍ର): ପାରାଦ୍ୱୀପର ନୂଆ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବରିଷ୍ଠ ପୋଲିସ ଅଧିକାରୀ ନିମାଇଁ ଚରଣ ସେଠୀ । ଗତ ଜୁନ୍ ୩୦ ତାରିଖରେ ବିଷ୍ଣୁ ଚରଣ ମିଶ୍ର ଅବସର ଗ୍ରହଣ କରିବା ପରେ ଜଗତସିଂହପୁର ଏଏସ୍‌ପି ବିଶ୍ୱନାଥ ମିଶ୍ର ଦାୟିତ୍ୱରେ ଥିଲେ । ଗତ ଶୁକ୍ରବାର ଦିନ ଶ୍ରୀ ସେଠୀ ପାରାଦ୍ୱୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିଥିଲେ । ଏହା ପରେ ପାରାଦ୍ୱୀପ ଅଞ୍ଚଳରେ ବିଭିନ୍ନ ଥାନା ଅଧିକାରୀଙ୍କ ସହିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ନବନିଯୁକ୍ତ ଏଏସ୍‌ପିଙ୍କୁ ବିଭିନ୍ନ ବ୍ୟକ୍ତି ବିଶେଷ ସ୍ୱାଗତ ଜଣାଇଥିଲେ । ଶନିବାର ଦିନ ଏସ୍‌ୟୁଜେ ପାରାଦ୍ୱୀପ ଶାଖା ପକ୍ଷରୁ ଏସ୍‌ୟୁଜେ ସାମ୍ବାଦିକ କଲ୍ୟାଣ ବୋର୍ଡର ଅଧକ୍ଷ ଗଗନ ବିହାରୀ ସାହୁଙ୍କ ନେତୃତ୍ୱରେ ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ଆଚାର୍ଯ୍ୟ, ସଞ୍ଜୟ କୁମାର ମିଶ୍ର, ଜଗନ୍ନାଥ ଶତପଥି ପ୍ରମୁଖ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ । ପାରାଦ୍ୱୀପ ରେ ଆଇନ୍ ଶୃଙ୍ଖଳା ପରିସ୍ଥିତିରେ ଦୃଢତା ଆଣିବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଯଥାସମ୍ଭବ ସହଯୋଗ କରିବାକୁ ଶ୍ରୀ ସେଠୀ କହିଥିଲେ । ଏସ୍‌ୟୁଜେ ପାରାଦ୍ୱୀପ ପକ୍ଷରୁ ଶ୍ରୀ ସେଠୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ।

# କୋଭିଡ ଗାଇଡଲାଇନ ଉଲ୍ଲଂଘନ ପାଇଁ ଗତ ୨୪ ଘଂଟାରେ ୬ଟି ମାମଲା ରୁଜୁ

ଭୁବନେଶ୍ୱର,୧୭।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କୋଭିଡ ଗାଇଡଲାଇନ ଉଲ୍ଲଂଘନ ପାଇଁ ମୋଟ ୫ଟି ମାମଲା ରୁଜୁ କରାଯାଇଛି । ଏଗୁଡିକୁ ମଧ୍ୟରୁ ୪ଟି ମାମଲା ଲକଡାଉନ ଉଲ୍ଲଂଘନ ସମ୍ପର୍କିତ ହୋଇଥିବା ବେଳେ ଦୁଇଟି ଅନ୍ୟ ମାମଲା ରହିଛି । ରାଜ୍ୟ ପୋଲିସ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆଯାଇଛି ।

# 'ଓଡ଼ିଶା ମୋ ପରିବାର' ସପ୍ତାହବ୍ୟାପୀ ରକ୍ତଦାନ କାର୍ଯ୍ୟକ୍ରମରେ ୧୪,୮୩୯ ୟୁନିଟ୍ ରକ୍ତ ସଂଗୃହୀତ

ଭୁବନେଶ୍ୱର,୧୭।୮ (ନି.ପ୍ର): ଓଡ଼ିଶା ମୋ ପରିବାର-ଜୀବନ ବିନ୍ଦୁ ପକ୍ଷରୁ ରାଜ୍ୟରେ ଯେଉଁ ସପ୍ତାହବ୍ୟାପୀ ରକ୍ତଦାନ କାର୍ଯ୍ୟକ୍ରମ ଚାଲିଥିଲା ସେଥିରେ ୧୪,୮୩୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଗତ ଅଗଷ୍ଟ କ୍ରାନ୍ତି ଦିବସ (ଅଗଷ୍ଟ ୯) ରୁ ସ୍ୱାଧୀନତା ଦିବସ (ଅଗଷ୍ଟ ୧୫) ପର୍ଯ୍ୟନ୍ତ ଏକ ସପ୍ତାହ ଧରି ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମା ଏବଂ ଅନ୍ୟାନ୍ୟ ସ୍ଥାନରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୋଭିଡ୍ କଟକଣା ଯୋଗୁଁ ରାଜ୍ୟରେ ଯେଉଁ ରକ୍ତ ସଂକଟ ଦେଖାଦେଇଥିଲା ତାହାର ଭରଣା ପାଇଁ ଏହି ଅଭିଯାନ ଅଭିପ୍ରୀତ ଥିଲା ବୋଲି ଓଡ଼ିଶା-ମୋ ପରିବାର ପକ୍ଷରୁ କୁହାଯାଇଛି । ଏଠାରେ ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ସମଗ୍ର ରାଜ୍ୟରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ ସ୍ୱେଚ୍ଛାକୃତ ରକ୍ତଦାନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ କାର୍ଯ୍ୟକ୍ରମ ୨୦୧୫ ମସିହାରୁ ସାରା ରାଜ୍ୟରେ ଚାଲୁଛି । କୋଭିଡ୍ ସମୟରେ ରକ୍ତର ଯେଉଁ ଉତ୍କଟ ଅଭାବ ଦେଖାଦେଇଥିଲା ତାହାର ଦୂରୀକରଣ ପାଇଁ କୋଭିଡ୍ ନିୟମାବଳୀର ଅନୁପାଳନ କରାଯାଇ ରାଜ୍ୟର ବିଭିନ୍ନ ସଦର ମହକୁମା ସମେତ ଅନ୍ୟ କେତେକ ସ୍ଥାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ସଂଗୃହୀତ ତଥ୍ୟ ଅନୁସାରେ କଟକ ସହରରେ ସର୍ବାଧିକ ୧୧୬୬ ୟୁନିଟ୍, କଳାହାଣ୍ଡିରେ ୧୦୮୨ ୟୁନିଟ୍, ବଲାଙ୍ଗୀରରେ ୧୦୫୨ ୟୁନିଟ୍, ମୟୁରଭଂଜରେ ୯୮୭ ୟୁନିଟ୍, ବାଲେଶ୍ୱରରରେ ୮୭୮ ୟୁନିଟ୍, କେନ୍ଦୁଝରରରେ ୬୫୦ ୟୁନିଟ୍, ବରଗଡ଼ରେ ୬୨୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଗଂଜାମ ଭଳି ସମ୍ବେଦନଶୀଳ ଅଂଚଳରେ କୋଭିଡ୍ ନିୟମ ଅନୁପାଳନ କରି ୩୫୪ ୟୁନିଟ୍ ରକ୍ତ ସଂଗ୍ରହ ଉଲ୍ଲେଖନୀୟ ବିଷୟ । ଓଡ଼ିଶା-ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ, ମୁଖ୍ୟ ସଂଯୋଜକ ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ରାଜ୍ୟର ବିଭିନ୍ନ ସ୍ଥାନରେ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଜନ ପ୍ରତିନିଧି ମାନେ ଉପସ୍ଥିତ ରହି ଏହି ମହତ୍ କାର୍ଯ୍ୟକୁ ପ୍ରୋତ୍ସାହିତ କରିଥିଲେ । ସମସ୍ତ ରକ୍ତଦାତା, ଶିବିର ଆୟୋଜନକାରୀ ଏବଂ ଜିଲଲା ସଂଯୋଜକ ମାନଙ୍କୁ ଓଡ଼ିଶା-ମୋ ପରିବାର କୃତଜ୍ଞତା ଜଣାଉଛି । ଆଗାମୀ ଦିନରେ ଆବଶ୍ୟକ ମୁତାବକ ରକ୍ତ ସଂଗ୍ରହ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଆବାହକ ଶ୍ରୀ ପଟ୍ଟନାୟକ ମତ ରଖିଛନ୍ତି ।

# ବୀର ସୁରେନ୍ଦ୍ର ସାଏ ନଗରରେ ୭୪ତମ ସ୍ୱାଧୀନତା ଦିବସ ପାଳିତ

ଭୁବନେଶ୍ୱର,୧୭।୮ (ନି.ପ୍ର): ବୀର ସୁରେନ୍ଦ୍ର ସାଏ ନଗର ସ୍ଥିତ ପାର୍କରେ ୭୪ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । କରୋନା ପାଇଁ ସରକାରଙ୍କ କଟକଣାକୁ ସମ୍ମାନ ଜଣାଇବା ସହିତ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ପୂର୍ବତନ କର୍ପୋରେଟର ରଶ୍ମିତା ମହାନ୍ତି ପତାକା ଉତୋଳନ କରିଥିବା ବେଳେ ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ପରିଷଦର ଯୁଗ୍ମ-ସମ୍ପାଦକ ତ୍ରିଲୋଚନର ରଥ ପରିଚାଳନା କରିଥିବା ବେଳେ ରାମଚନ୍ଦ୍ର ସାମଲ ଓ ନଳିନୀ କୁମାରକର ତାଙ୍କୁ ସହଯୋଗ କରିଥିଲେ । ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଉମା ବଲ୍ଲଭ ମିଶ୍ର, ଅଜୟ ଜେନା, ରାମାନୁଜ ଷଡ଼ଙ୍ଗୀ, ଉତ୍କଳ କୁମାର ପାଣିଗ୍ରାହୀ ଓ ସୁନିତା ସରକାର ପ୍ରମୁଖ ଯୋଗ ଦେଇଥିଲେ । ପତାକା ଉତୋଳନ ପରେ ମିଷ୍ଟାନ୍ନ ବଂଟନ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

# କିଛି ଦିନର ନୀରବତା ପରେ ସ୍ଥିତି ଜାହିର କଲା କେକେବିଏନ ମାଓ ସଂଗଠନ : ବ୍ୟାନର ଜରିଆରେ ମୃତ ମାଓବାଦୀଙ୍କ ପାଇଁ ସହୀଦ ସପ୍ତାହ ପାଳିବାକୁ ଆହ୍ୱାନ

## ଅଘଟଣର ଆଶଙ୍କାରେ ଲୋକେ ଆତଙ୍କିତ

କନ୍ଧମାଳ,୧୭।୮ (ନି.ପ୍ର): କନ୍ଧମାଳ ଜିଲ୍ଲାର କ.ନୁଆଗାଁ ଥାନା ଅଂଚଳରେ ଥିବା ବ୍ରହ୍ମପୁର ରାୟପୁର ୫୯ ନମ୍ବର ଜାତୀୟ ରାଜପଥ କଡରେ କଞ୍ଚାମେଣ୍ଡି ଠାରେ ଥିବା ରାସ୍ତାରେ ଆଜି ମାଓ ବ୍ୟାନର ଦେଖିବାକୁ ମିଳିଛି । ସେଥିରେ ଗତ କିଛି ଦିନ ପୂର୍ବେ ପୋଲିସ ଜବାନ ମାନଙ୍କ ସହିତ ହୋଇଥିବା ଗୁଳିବିନିମୟରେ ମୃତ ମାଓବାଦୀ ମାନଙ୍କ ଉଦେଶ୍ୟରେ ଆସନ୍ତା ୧୮ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ସହୀଦ ଦିବସ ପାଳନ କରିବାକୁ ଆହ୍ୱାନ ଦିଆଯାଇଛି । କେକେବିଏନ ମାଓ ସଂଗଠନ ତରଫରୁ ଜାରୀ କରାଯାଇଥିବା ଏହି ବ୍ୟାନରରେ ଜନସାଧାରଣଙ୍କୁ ଏହି ସହୀଦ ଦିବସ ପାଳନ କରିବାକୁ କୁହାଯାଇଛି । ସଂଗଠନ ତରଫରୁ ସହୀଦ ହୋଇଥିବା କମ୍ରେଡ ରୁପେଶ, ଅରୁଣ, ସଂନୁ, ମୁକେଶ ଏବଂ ଚାନ୍ଦିନିଙ୍କୁ ଲାଲସଲାମ ଜଣାଇବା ସହିତ ଫାସିବାଦର ସମାଧାନ ଏବଂ ଦମନକୁ ବିରୋଧ କରିବା ସହିତ ଲୋକଙ୍କୁ ସମର୍ଥନ କରିବାପାଇଁ ଆହ୍ୱାନ ଦେଇଛି ଜୁଲାଇ ୨୮ ତାରିଖରୁ ୩ ଅଗଷ୍ଟ ପର୍ଯ୍ୟନ୍ତ ଦିଆଯାଇଥିବା ମାଓସହୀଦ ସପ୍ତାହରେ ମଧ୍ୟ ସଂଗଠନ ପକ୍ଷରୁ କୌଣସି ହିଂସା ଘଟାଇନଥିବା କେକେବିଏନ ମାଓବାଦୀ ମାନେ ବର୍ତ୍ତମାନ ସଂଗଠନର କେନ୍ଦ୍ରୀୟ ନେତାମାନଙ୍କର ନେତୃତ୍ୱରେ ପୋଲିସ ବିପକ୍ଷରେ ଜିଲ୍ଲାରେ କୌଣସି ବଡ ଅଘଟଣ ଘଟାଇପାରନ୍ତି ବୋଲି ଲୋକେ ଆତଙ୍କିତ ଥିବା ଜଣାପଡିଛି । ତେବେ ଖବର ପାଇବାପରେ ଘଟଣା ସ୍ଥଳରେ କ,ନୁଆଗାଁ ଥାନା ପୋଲିସ ପହଂଚି ମାଓ ବ୍ୟାନରକୁ ଜବତ କରିବା ସହିତ ଘଟଣାର ତଦନ୍ତ କରୁଥିବା ଏବଂ ଜିଲ୍ଲାରେ ସମସ୍ତ ଅଘଟଣକୁ ମୁକାବିଲା କରିବାକୁ ପୋଲିସ ପ୍ରସ୍ତୁତ ରହିଛି ସେଥିପାଇଁ ଲୋକଙ୍କୁ କୌଣସି ଭୟ ନକରିବା ପାଇଁ ପୋଲିସ ତରଫରୁ କୁହାଯାଇଛି ।

# ବିନ୍ଦୁ ସାହିତ୍ୟ ସମାଜ ପକ୍ଷରୁ କବିତା ଆସର

ଭୁବନେଶ୍ୱର,୧୭।୮ (ନି.ପ୍ର): ବିନ୍ଦୁ ସାହିତ୍ୟ ସମାଜ ପକ୍ଷରୁ ଅନ୍‌ଲାଇନ୍ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପବିତ୍ର ୭୪ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଦେଶଭକ୍ତି କବିତାର ଏହି ଆସରକୁ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ପ୍ରଫେସର ନିତ୍ୟାନନ୍ଦ ମିଶ୍ର ଉଦ୍‌ଘାଟନ କରି ଏକ ଦେଶପ୍ରେମ କବିତା ଆବୃତି କରିଥିଲେ । ଏଥିରେ ସେ ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ଓ ଆଜିର ଭାରତ ଭିତରେ ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ । ଏହି କବିତା ପାଠୋତ୍ସବରେ ପଚିଶରୁ ଉର୍ଦ୍ଧ୍ୱ କବି ଓ କବୟତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ । ସେମାନଙ୍କ ମଧ୍ୟରେ ରାଜଲକ୍ଷ୍ମୀ ତ୍ରିପାଠୀ, ସୁଷମା ପରିଡ଼ା, ଅଜିତା ମିଶ୍ର, ଶୁଭବ୍ରତ ମହାପାତ୍ର, ରଣଜୀତ ଦାସ, ଯୁଧିଷ୍ଠିର ଲେଙ୍କା, ଡ. ଶଶିଭୂଷଣ ମହାପାତ୍ର ପ୍ରମୁଖ ଥିଲେ ।

# ଭୁବନ ସିଏଚସି ରେ ପଂଚମ ଦିବସରେ ମାତ୍ର ୩୨ ଜଣ ଆଂଟିଜେନ ଟେଷ୍ଟିଂ କଲେ

ଭୁବନ,୧୭।୮ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଗତକାଲି ପଂଚମ ଦିନରେ ମାତ୍ର ୩୨ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ନାମ ପଞ୍ଜିକରଣ କରିଥିବା ବ୍ୟକ୍ତିମାନେ ଆସିପାରିନଥିଲେ । ଫଳରେ ମାତ୍ର ୩୨ ଜଣଙ୍କର ଟେଷ୍ଟିଂ ହୋଇଥିଲା । ଲ୍ୟାବ ଟେକ୍ନିସିଆନ ସୁଶାନ୍ତ କୁମାର ସାହୁ (କୋଭିଡ-୧୯) ସ୍ୱାବ ସଂଗ୍ରହ କରିଥିଲେ ।

# ଭଞ୍ଜସେନା ପକ୍ଷରୁ ପର୍ଯ୍ୟଟନ ଶିଳ୍ପର ବିକାଶ ଓ ବେକାରୀ ମୁକ୍ତ ମୟୂରଭଞ୍ଜ ଗଠନକୁ ନେଇ ପର୍ଯ୍ୟଟନ ମନ୍ତ୍ରୀଙ୍କ ସହ ଆଲୋଚନା

ବାରିପଦା,୧୭।୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ୭୪ ତମ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିବାକୁ ଆସିବା ସମୟରେ ମନ୍ତ୍ରୀଙ୍କୁ ବାରିପଦା ପ୍ରଦକ୍ଷଣ ଗୃହରେ ଭଞ୍ଜସେନାର ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରି ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପର ବିକାଶକୁ ନେଇ ଆଲୋଚନା କରିବା ସହ ଏ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ସମୟରେ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ମୟୂରଭଞ୍ଜ ଜିଲ୍ଲାର ନ୍ୟାର୍ଯ୍ୟ ଦାବିଗୁଡ଼ିକ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ ହୋଇ ପାରୁନାହିଁ । ମୟୂରଭଞ୍ଜ ଜିଲ୍ଲାର ପ୍ରାକୃତିକ ଶୋଭାରାଜିର ଗନ୍ତାଘର ଶିମିଳିପାଳ ଏବଂ ତାର ଆଖପାଖ ଅଂଚଳଗୁଡ଼ିକରେ ଶତାଧିକ ପର୍ଯ୍ୟଟନ ସ୍ଥଳି ରହିଥିଲେ ମଧ ଜିଲ୍ଲାର କୌଣସି ବିଧାୟକ ଓ ସାଂସଦ ପର୍ଯ୍ୟଟସ୍ଥଳୀର ବିକାଶ ଅଥବା ଉନ୍ନତିକରଣର ସ୍ୱର ସଠିକ୍ ଭାବେ ଭୁବନେଶ୍ୱର ଓ ଦିଲ୍ଲୀରେ ଉପସ୍ଥାପନ କରାଇପାରୁ ନାହାନ୍ତି । ଏଥି ସହିତ ଆଲୋଚନା ସମୟରେ ମୟୂରଭଞ୍ଜ ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପର ବିକାଶ କ୍ଷେତ୍ରରେ ଯଥେଷ୍ଟ ପରିମାଣରେ ଆବଶ୍ୟକୀୟ ଭିତିଭୂମି ରହିଛି ଏବଂ ରାଜ୍ୟ ସରକାର ମଧ ଏ ଦିଗରେ ନିଶ୍ଚିତ ଭାବେ ତତ୍ପରତା ପ୍ରକାଶ କରିବେ ବୋଲି ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଭଞ୍ଜସେନାର ପ୍ରତିନିଧି ମଣ୍ଡଳୀ ସେନା ପକ୍ଷରୁ ଜାରି ରହିଥିବା ବେକାରୀ ମୁକ୍ତ ମୟୂରଭଞ୍ଜ ଗଠନକୁ ନେଇ ଏକ ୧୦ ଦଫା ଦାବିପତ୍ର ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ । ଉକ୍ତ ଆଲୋଚନାରେ ସେନାର ଯୁବ-ଛାତ୍ର ସଂଯୋଜକ ରାକେଶ ବେହେରା, ବାରିପଦା ଉପଖଣ୍ଡ ସଭାପତି ସାମନ୍ତ ଶେଖର ପାଲ ପ୍ରମୁଖ ଯୋଗ ଦେଇଥିଲେ । କରୋନା ମହାମାରୀ ହଟିବା ପରେ ମୟୂରଭଞ୍ଜ ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପର ସାମଗ୍ରୀକ ବିକାଶ ସାଙ୍ଗକୁ ବନ୍ୟଜାତ ଦ୍ରବ୍ୟର ସଠିକ୍ ବ୍ୟବସାୟକରଣ ଓ ବେକାରୀ ମୁକ୍ତ ମୟୂରଭଞ୍ଜ ଗଠନ ଲକ୍ଷ୍ୟ ନେଇ ରାଜଧାନୀ ଭୁବନେଶ୍ୱରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଇବା ଉଦ୍ଦେଶ୍ୟରେ ଭଞ୍ଜସେନା ପକ୍ଷରୁ ଏକ ବିଶାଳ ଯୁବଛାତ୍ର ସମାବେଶର ଆୟୋଜନ କରାଇବ ବୋଲି ନେତୃମଣ୍ଡଳୀ ନିଷ୍ପତି ନେଇଛି ବୋଲି ଭଞ୍ଜସେନା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ପ୍ରେସ ଇସ୍ତାହାରରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# କଟକରେ ଗତ ୨୪ ଘଂଟା ମଧ୍ୟରେ ୮୮ଜଣ ମାସ୍କ ପିନ୍ଧି ନ ଥିବାରୁ ଜୋରିମାନା

ଭୁବନେଶ୍ୱର,୧୭।୮ (ନି.ପ୍ର): କଟକରେ ଗତ ୨୪ ଘଂଟା ମଧ୍ୟରେ ୮୮ ଜଣ ମାସ୍କ ପିନ୍ଧି ନ ଥିବା କାରଣରୁ ଜୋରିମାନା ଆଦାୟ ହୋଇଛି । ସେହିପରି ଏହି ସମୟ ମଧ୍ୟରେ ୨୯୭ ଜଣ ସାମାଜିକ ଦୂରତ୍ୱ ନିୟମ ଅମାନ୍ୟ କରିଥିବା ନେଇ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

# ଲଘୁଚାପ ଜନିତ ଲଗାଣ ବର୍ଷାରେ ୫୩ ନମ୍ବର ଜାତୀୟ ରାଜପଥରେ ୩ ଫୁଟ ପାଣି

## କଲଭର୍ଟ ଭାସିଗଲା, ଭୁବନ-କାମାକ୍ଷାନଗର, ଭୁବନ-ସୁକିନ୍ଦା ଯୋଗାଯୋଗ ବିଚ୍ଛିନ୍ନ

ଭୁବନ,୧୭।୮ (ନି.ପ୍ର): ଗତ ତିନି ଦିନ ହେଲା ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଢ଼େଙ୍କାନାଳ ଜିଲ୍ଲାର ଭୁବନ ଅଂଚଳ ଜଳାର୍ଣ୍ଣବ ହୋଇପଡିଛି । ଯେଉଁଆଡେ ଦେଖିବ ଚାରିଆଡେ ପାଣି ଆଉ ପାଣି । ପାଣ୍ଡରାନାଳରେ ପ୍ରବଳ ବର୍ଷା ପାଣି ଆସିବାରୁ ୫୩ ନମ୍ବର ଜାତୀୟ ରାଜପଥର ବାଉଁଶକଣ ନିକଟରେ ନିର୍ମାଣଧିନ ନୂତନ ରାସ୍ତା ଭସାଇନେଇଛି । ଫଳରେ ଭୁବନରୁ ସୁକିନ୍ଦା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । ଅନୁରୂପ ଭାବେ ଡମଶାଳ ନାଳରେ ବର୍ଷାଜଳ ପ୍ରବାହିତ ହୋଇ ପୋଲ ଉପରେ ୩ ଫୁଟ ଉଚ୍ଚାରେ ପାଣି ଚାଲିଥିବାରୁ ଭୁବନ-କାମାକ୍ଷାନଗର ଯୋଗାଯୋଗ ମଧ ବିଚ୍ଛିନ୍ନ ହୋଇପଡିଛି । ବାଲିବୋ ଠାରୁ ନୟାନୀଳକଣ୍ଠପୁର ରାସ୍ତାର ୮ କିମି ଠାରେ ପୁରୁଣା ପୋଲ ଉଭୟ ପାର୍ଶ୍ୱରେ ୪୦ ଫୁଟର ଘାଇ ହୋଇଥିବା ଫଳରେ ୪ଟି ପଚାଂୟତ ବିଚ୍ଛିନ୍ନ ହୋଇପଡିଛି । ଧନେଇ ନାଳ ପୋଲ ଉପରେ ବର୍ଷାଜଳ ପ୍ରବାହିତ ଯୋଗୁ କୁନିନ୍ଦା, ଧଳପଡା ପଂଚାୟତ ମଧ ବିଚ୍ଛିନ୍ନ ହୋଇପଡିଛି । ହଠାତ ବର୍ଷାଜଳ ମାଡିଆସିବାରୁ ଦଧିସିଙ୍ଗା ଠାରେ ବିଜୁ ସେତୁ କାର୍ଯ୍ୟରେ ନିୟୋଜିତ ଜଣେ ଶ୍ରମିକ ସ୍ରୋତରେ ଭାସିଯାଇ ଏକ ଗଛରେ ଲାଗିଥିବା ବେଳେ ତାଙ୍କ ସହିତ ସମସ୍ତ ୯ ଜଣ ଶ୍ରମିକଙ୍କୁ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀ ମାନେ ପାଣି ଘେରରୁ ଉଦ୍ଧାର କରିଥିଲେ । ହଜାର ହଜାର ହେକ୍ଟର ଚାଷଜମିରେ ଧାନତଳି ନଷ୍ଟ ହୋଇଯାଇଥିବା ବେଳେ ପନିପରିବା ଓ ରବିଫସଲ ମଧ ନଷ୍ଟ ହୋଇଯାଇଥିବାରୁ ଚାଷୀମୁଣ୍ଡରେ ଚଡ଼କ ପଡିଛି । କରୋନା ଜନିତ ଲକଡାଉନ ସଟଡାଉନରେ ପ୍ରକୃତି ମଧ ଦାଉ ସାଧିଲା ବୋଲି ଚାଷୀମାନେ କହୁଛନ୍ତି । ଗଡଗଁପୁର ଗ୍ରାମର ଦୁଇ ପଟରେ ଆଦୌ ଡ୍ରେନ ନଥିବାରୁ ଭାରତ ଗ୍ୟାସ୍ ଗୋଦାମ ଠାରୁ ନୂଆସାହି କେଶବ ପଣ୍ଡା ଘର ପର୍ଯ୍ୟନ୍ତ ଲୋକେ ପାଣିଘେରରେ ରହିଥିଲେ । ଭୁବନ ଏନଏସିରେ ଡାକ୍ତରଖାନାର ଦକ୍ଷିଣପାର୍ଶ୍ୱ ପାଚେରୀ ଭୁଷୁଡି ପଡିଥିଲା ବେଳେ ବ୍ଲକ କଲୋନୀ, ତହସିଲ କଲୋନୀରେ କର୍ମଚାରୀଙ୍କ ଘରେ ଆଣ୍ଠୁଏ ପାଣି ପଶିଥିଲା । କାଳୀବଜାର ସ୍ଥିତ ବସ୍ତିରେ ପାଣି ପଶି ଥିବା ବେଳେ ନୂଆଭୁବନ ସ୍ଥିତ ଅନିଲ ଏଜେନ୍ସି ସିମେଂଟ ଦୋକାନରେ ପ୍ରାୟ ୫ ଫୁଟ ପାଣି ପଶି ହଜାରେ ବସ୍ତା ସିମେଂଟ ନଷ୍ଟ ହୋଇଯାଇଛି । ସୂଚନା କେନ୍ଦ୍ର, ବିଜେଡି କାର୍ଯ୍ୟାଳୟ ପାଣିଘେରରେ ଥିବା ବେଳେ ଶିବାନୀ ଟାୱାରରେ ଫୁଟେ ପାଣି ସାହୁ ନ୍ୟୁଜ ଏଜେନ୍ସି, ଷ୍ଟୁଡେଂଟ କର୍ଣ୍ଣର, ମଙ୍ଗଳା ପ୍ରେସ, ମୋବାଇଲ, ଚଷମା ଦୋକାନ ଭିତରେ ପଶି ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଛି । ବ୍ୟବସାୟୀ ମାନେ ଟୁଲୁପମ୍ପ ଲଗାଇ ପାଣି ନିଷ୍କାସନ କରିଥିଲେ । ଡ୍ରେନେଜ ସିଷ୍ଟମ ଫେଲ୍ ଯୋଗୁ ମୁଖ୍ୟ ରାସ୍ତାରେ ଫୁଟେ, ଦୁଇଫୁଟ ଉଚ୍ଚାରେ ଡ୍ରେନ ପାଣି ସହିତ ବର୍ଷାଜଳ ପ୍ରବାହିତ ହେଉଥିଲା । ସାରା ସହର ପୁତି ଗନ୍ଧମୟ ହୋଇପଡିଛି ।

# ସି.ପି.ଆଇ.(ଏମ) ତରଫରୁ ରାଜ୍ୟ ବ୍ୟାପୀ ସ୍ୱାଧୀନତା ଦିବସ ପାଳନ ଏବଂ ସମ୍ବିଧାନ ସୁରକ୍ଷା ପାଇଁ ଶପଥ ଗ୍ରହଣ

ଭୁବନେଶ୍ୱର,୧୭।୮ (ନି.ପ୍ର): ସର୍ବଭାରତୀୟ ସ୍ତରରେ ବାମପନ୍ଥୀ ଦଳ ମାନଙ୍କ ଆହ୍ୱାନ କ୍ରମେ ସି.ପି.ଆଇ(ଏମ) ତରଫରୁ ସାରା ରାଜ୍ୟରେ ପାର୍ଟି କମିଟିମାନେ ଜାତୀୟ ପତାକା ଉତୋଳନ କରି ସ୍ୱାଧିନତା ଦିବସ ପାଳନ କରିବା ସହିତ ସମ୍ବିଧାନର ମୁଖବନ୍ଧକୁ ପାଠ କରି ସମ୍ବିଧାନ ସୁରକ୍ଷା ପାଇଁ ଶପଥ ଗ୍ରହଣ କରିଥିଲେ । ଭୁବନେଶ୍ୱରସ୍ଥିତ ସି.ପି.ଆଇ(ଏମ) ରାଜ୍ୟ ଅଫିସରେ ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ ଜାତୀୟ ପତାକା ଉତୋଳନ କରିଥିଲେ । ପାର୍ଟିର ବରିଷ୍ଠ ନେତା ଜନାର୍ଦ୍ଦନ ପତି ସମ୍ବିଧାନର ମୁଖବନ୍ଧକୁ ପାଠ କରି ସମ୍ବିଧାନ ସୁରକ୍ଷା ପାଇଁ ସାମୂହିକ ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସି.ପି.ଆଇ(ଏମ) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଜଗନ୍ନାଥ ମିଶ୍ର, ସନ୍ତୋଷ ଦାସ, ଦୁଷ୍ମନ୍ତ କୁମାର ଦାସ, ସୁରେଶ ପାଣିଗ୍ରାହୀ, ପୁଷ୍ପା ଦାଶ ଏବଂ ରାଜ୍ୟ କମିଟି ସଭ୍ୟ ଯତୀନ୍ ମହାନ୍ତି, ଅଭିରରାମ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଠିକ୍ ସେହିଭଳି ରାଜ୍ୟର ୨୧ଟି ଜିଲ୍ଲାରେ ପ୍ରତ୍ୟେକ ସ୍ତରର ପାର୍ଟି କମିଟି ମାନେ ଜାତୀୟ ପତାକା ଉତୋଳନ କରି ସମ୍ବିଧାନ ସୁରକ୍ଷା ପାଇଁ ଶପଥ ଗ୍ରହର କରିଛନ୍ତି । ସ୍ୱାଧୀନତା ଦିବସ ଅବସରରେ ସି.ପି.ଆଇ.(ଏମ) ତରଫରୁ କୁହାଯାଇଛି ଦେଶର କଷ୍ଟାର୍ଜିତ ସ୍ୱାଧୀନତାକୁ ଦୃଢ଼ୀଭୂତ କରିବା ସଂଗେ ସଂଗେ ଜନଗଣଙ୍କ ସ୍ୱାର୍ଥରେ ସାମ୍ବିଧାନିକ ଅଧିକାର ସମୂହର ସୁରକ୍ଷା ପାଇଁ ଐକ୍ୟବଦ୍ଧ ସଂଗ୍ରାମର ଜରୁରୀ ଆବଶ୍ୟକତା ରହିଛି । ସୁତରାଂ ଦେଶର ସ୍ୱାଧୀନତା, ସାର୍ବଭୌମତ୍ୱ ଓ ସାମ୍ପ୍ରଦାୟିକ ସଦ୍‌ଭାବ ରକ୍ଷା କରିବା ସଂଗେ ସଂଗେ ଭାରତ ବର୍ଷର ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ସୁରକ୍ଷା ପାଇଁ ସି.ପି.ଆଇ(ଏମ) ଶପଥ ଗ୍ରହଣକରି ନିଜର ଅଙ୍ଗୀକାରକୁ ପୁର୍ନଘୋଷଣା କରିଛି ।

# ନୂତନ ଟିଭି ଚ୍ୟାନେଲ୍ 'ବଡ଼ ଖବର'ର ଲୋଗୋ ଲୋକାର୍ପିତ

ଭୁବନେଶ୍ୱର,୧୭।୮ (ନି.ପ୍ର): ଦେଶର ୭୪ତମ ସ୍ୱାଧୀନତା ଦିବସରେ ନୂଆ ଓଡ଼ିଆ ଚ୍ୟାନେଲ୍ 'ବଡ଼ ଖବର'ର ଲୋଗୋକୁ ଚ୍ୟାନେଲର ମୁଖ୍ୟ ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ ଲୋକାର୍ପିତ କରିଛନ୍ତି । ଚ୍ୟାନେଲ୍ ପ୍ରତିଷ୍ଠାର ଲକ୍ଷ୍ୟ ସମ୍ପର୍କରେ ମୁଖ୍ୟ ସମ୍ପାଦକ କହିଲେ, ଏହି ଚ୍ୟାନେଲ୍ ପଛରେ ଏକ ମହତ ଆଭିମୁଖ୍ୟ ରହିଛି । ଏହି ଚ୍ୟାନେଲ୍ ଗଣଙ୍କ କଥା କହିବ, ଲୋକଙ୍କ ସୁଖ ଦୁଃଖ ସହ ରହିବ । ଲୋକଙ୍କ କଥାକୁ ସାମ୍ବିଧାନିକ ପଦପଦବୀରେ ବସିଥିବା ଅଧିକାରୀଙ୍କ ନିକଟରେ ପହଁଚାଇ ନ୍ୟାୟ ମାଗିବ । ଏମିତି ଗୋଟେ ସମୟରେ ଯେତେବେଳେ ସମଗ୍ର ମଣିଷ ସମାଜ ବିପଦରେ ଅଛି, ସେତେବେଳେ ଗୋଟିଏ ନ୍ୟୁଜ୍ ଚ୍ୟାନେଲ୍ ଆତ୍ମପ୍ରକାଶ କରିବାକୁ ଯାଉଛି । ଯେ ବି କ'ଣ ଗୋଟେ ସମୟ ହୋଇପାରେ ? ଏ ପ୍ରଶ୍ନର ଉତର ଇତିହାସରେ ହିଁ ରହିଛି । ୧୮୬୬ରେ ନ'ଅଙ୍କ ଦୁର୍ଭିକ୍ଷ ବେଳେ ହିଁ ଜନ୍ମ ନେଇଥିଲା ପ୍ରଥମ ବିଧିବଦ୍ଧ ଓଡ଼ିଆ ଖବର କାଗଜ 'ଉତ୍କଳଦୀପିକା' । ୧୯୧୮ରେ ଭୟାନକ ସ୍ପାନିସ୍ ଫ୍ଲୁର ଠିକ ପରେ ପରେ ୧୯୧୯ରେ ପ୍ରକାଶ ପାଇଥିଲା 'ସମାଜ' । କେବଳ କୋଭିଡ-୧୯ ବା କରୋନା ଯୋଗୁ ସାଧାରଣ ଲୋକଙ୍କ ସ୍ୱାଧୀନତା ପ୍ରଶ୍ନ ଘେରରେ ଅଛି ମଣିଷ ସମାଜ ବିପଦ ଘେରରେ ଅଛି ତାହା ନୁହେଁ, କାରଣ ସମସ୍ତ କୋଭିଡ ଯୋଦ୍ଧା ଅକ୍ଳାନ୍ତ ପରିଶ୍ରମ ଓ ପ୍ରତିଟି ନାଗରିକଙ୍କ ନିଷ୍ଠା ଯଗୁ ବେଶ ସାହସର ସହ ଏହାର ମୁକାବିଲା କରୁଛେ । ତେଣୁ କୋଭିଡ ମାତ୍ର ୬/୮ମାସର କଥା । ଲୋକାର୍ପଣ ଉତ୍ସବକୁ ସଂଚାଳନ କରିଥିଲେ ଡେପୁଟି ଏଡିଟର କିଷନ ବାରାଇ । ଅତିଥି ପରିଚୟ ଦେଇ ସେ କହିଲେ, ଲୋକାର୍ପଣ ଉତ୍ସବର ଅତିଥି ହେଉଛନ୍ତି ଖୋଦ ମହାପ୍ରଭୁ ଶ୍ରୀଜଗନ୍ନାଥ । ସେ ହିଁ ମୁଖ୍ୟ ଓ ସମ୍ମାନୀତ ଅତିଥି । ତାଙ୍କରି ପ୍ରତିନିଧି ଭାବେ ମୁଖ୍ୟ ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ ଲୋଗୋ ଲୋକାର୍ପଣ କରିବାକୁ ସେ ଆମନ୍ତ୍ରଣ କରିଥିଲେ । ଏହି ଅବସରରେ ଅନେକ ଶୁଭେଚ୍ଛୁ, ରାଜ୍ୟରୁ ଆସିଥିବା ବଡ଼ଖବରର ପ୍ରତିନିଧି ମାନେ ସାମିଲ ହୋଇ ବଡ଼ ଖବରକୁ ଲୋକଙ୍କ ସ୍ୱର ଭାବେ ବଳିଷ୍ଠ କରିବା ପାଇଁ ଶପଥ ନେଇଥିଲେ ।

# ପାରାଦ୍ୱୀପ ବିଜେଡି ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ: ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କଲେ ୧୬୭ ଜଣ ସ୍ୱେଚ୍ଛାସେବୀ



ପାରାଦ୍ୱୀପ,୧୭।୮ (ନି.ପ୍ର): କ୍ରାନ୍ତି ଦିବସ ପରିପ୍ରେକ୍ଷୀରେ ବିଜୁ ଜନତା ଦଳ (ବିଜେଡି) ର 'ଓଡିଶା ମୋ ପରିବାର' ଜୀବନ ବିନ୍ଦୁ ପକ୍ଷରୁ ୨୯ଟି ଜିଲ୍ଲା ମୁଖ୍ୟାଳୟ ମାନଙ୍କରେ ସପ୍ତାହ ବ୍ୟାପି ସ୍ୱେଚ୍ଛାକୃତ ରକ୍ତଦାନ ଶିବୀର ଆୟୋଜିତ ହୋଇଯାଇଛି । କୋଭିଡ୍-୧୯ ସଂକ୍ରମଣ ମହାମାରୀ ହେତୁ ବ୍ଲଡ୍‌ବ୍ୟାଙ୍କ ମାନଙ୍କରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ପାରାଦ୍ୱୀପ ବିଜେଡି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବୀର ସ୍ଥାନୀୟ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ଠାରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଶିବୀରକୁ ଜଗତସିଂହପୁର ସାଂସଦ ଡା. ରାଜଶ୍ରୀ ମଲ୍ଲିକ ଉଦ୍‌ଘାଟନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପାରାଦ୍ୱୀପ ବିଧାୟକ ସମ୍ବିତ୍ ରାଉତରାୟ, ଓଡିଶା ମୋ ପରିମାର ଜିଲ୍ଲା ସଂଯୋଜକ ମଧୁସୁଦନ ସାହୁ, ବିଜେଡି ରାଜ୍ୟ ସାଧାରଣ ସଂପାଦକ ପ୍ରମୋଦ କିଶୋର ଜେନା, ରାଜ୍ୟ ପରିଷଦ ସଦସ୍ୟ ତଥା ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକ, ବିଜେଡି ନେତା କୁମରବର ନାୟକ, ଆଇନ୍‌ଜୀବୀ ସୁରେଶ ଚନ୍ଦ୍ର ଦାସ, ଶଙ୍କର ରାଉତ,ଯ୍ୟୋତିକାନ୍ତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ଥର ପ୍ରଥମ ଥର ପାଇଁ ୧୫ଜଣ କିନ୍ନର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏହି ରକ୍ତଦାନ ଶିବିର କଟକ ରକ୍ତ ଭଣ୍ଡାର ସହଯୋଗରେ ଅନୁଷ୍ଠିତ ହୋଇଥିଲା ଏବାଂ ସର୍ବମୋଟ ୧୬୭ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଏହି କାର୍ଯ୍ୟକ୍ରମ ବିଜେଡି ପାରାଦ୍ୱୀପ ନଗର ସଭାପତି ବସନ୍ତ କୁମାର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଆଲୋକ ମହାପାତ୍ର, ନିରଞ୍ଜନ ରାଉତ, ଉଲ୍ଲାସ ବିଶ୍ୱାଳ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

# ଇନ୍ସ୍ୟୁରାନ୍ସ ଏଜେନ୍ସିରେ କର୍ମଚାରୀଙ୍କୁ ଶୋଷଣ ଅଭିଯୋଗ

ବାଲେଶ୍ୱର,୧୭।୮ (ନି.ପ୍ର): 'ଏକ୍ସାଇଡ୍ ଲାଇଫ୍ ଇନସ୍ୟୁରାନ୍ସ ସଂସ୍ଥା'ର ଅଧିକୃତ ଏଜେନ୍ସି ଦ୍ୱାରା ଶୋଷଣର ଶିକାର ହୋଇ ଚାଲିଥିବା କର୍ମଚାରୀମାନେ ଏବେ ପୁଲିସର ଆଶ୍ରୟ ନେଇଛନ୍ତି। ଏହି 'ମଞ୍ଜରାକ୍ ମାର୍କେଟିଂ ଏଲଏଲପି ଇନସ୍ୟୁରାନ୍ସ' ନାମରେ ଏହି ଏଜେନ୍ସି ବାଲେଶ୍ୱର ସହରର ସହଦେବଖୁଣ୍ଟା ଅଞ୍ଚଳରେ ଅଫିସ ଖୋଲିବା ସହ ମାର୍କେଟିଂ ପାଇଁ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ସହର ସମେତ ଗ୍ରାମାଞ୍ଚଳରେ ଲୋକଙ୍କୁ ବୀମାଭୁକ୍ତ କରାଇବା ସହ ସେମାନଙ୍କଠାରୁ ଅର୍ଥ ଆଣି କମ୍ପାନି ଆକାଉଣ୍ଟରେ ଜମା ଦେବା ଏହି କର୍ମଚାରୀଙ୍କର ଦାୟିତ୍ୱ ରହିଛି। ଏହିକ୍ରମରେ ଗତ ଜୁନ୍ମାସରେ ସହଦେବଖୁଣ୍ଟା ଅଫିସରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପାୟ ୨୦/୩୦ ଜଣ ଯୁବକ ଯୁବତୀ ନିଯୁକ୍ତି ପାଇଥିଲେ। ଏନେଇ ହୋଇଥିବା ଇଣ୍ଟରଭ୍ୟୁରେ ଦରମା ହାର ଚୁକ୍ତି ସହ ସଂସ୍ଥା ପକ୍ଷରୁ ସେମାନଙ୍କୁ ନିଯୁକ୍ତି ଦିଆଯାଇଥିଲା ବୋଲି ଅଭିଯୋଗକାରୀମାନେ କହିଛନ୍ତି। କର୍ତ୍ତୃପକ୍ଷ ମାସିକ ୮ ହଜାରରୁ ୧୨ ହଜାର ଟଙ୍କା ଦରମା ପ୍ରଦାନର ପ୍ରତିଶ୍ରୁତି ଦେଇଥିଲେ। ତେବେ କାର୍ଯ୍ୟରେ ଯୋଗ ଦେବାର୨ ମାସ ପରେ ବି ସେମାନଙ୍କୁ ନିଯୁକ୍ତିପତ୍ର କିମ୍ବା ଦରମା ମିଳିନଥିଲା। ଏନେଇ ସହଦେବଖୁଣ୍ଟା କାର୍ଯ୍ୟାଳୟର ଅଧିକାରୀ ଓ ଭୁବନେଶ୍ୱର ଅଞ୍ଚଳିକ ଅଧିକାରୀଙ୍କୁ ସେମାନେ ବାରମ୍ବାର ଆପତ୍ତି ଜଣାଇଥିବା କହିଛନ୍ତି। ମାତ୍ର କାମ କର କରୋନା ପାଇଁ ନିଯୁକ୍ତିପତ୍ର ଓ ଦରମା ପ୍ରଦାନରେ ଟିକେ ବିଳମ୍ବ ହେଉଛି ବୋଲି ଅଧିକାରୀମାନେ କହିଥିଲେ। ତେବେ ଅଗଷ୍ଟମାସରେ ନିଯୁକ୍ତିପତ୍ର ନଦେଇ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟରୁ ସେମାନଙ୍କ ଆକାଉଣ୍ଟକୁ ସାଢ଼େ ୩ ହଜାର ଟଙ୍କା ଟ୍ରାନ୍ସଫର କରାଯାଇଥିଲା। ନିଯୁକ୍ତ ପତ୍ର ଓ ଚୁକ୍ତି ଅନୁସାରେ ଦରମା ଦାବି କରିବାରୁ ସେମାନଙ୍କୁ ଅଧିକାରୀମାନେ ନାଲିଆଖି ଦେଖାଇ ଚାଲିଛନ୍ତି। ଏମିତିକି ଏହା ଏକ କମିଶନ ଭିତ୍ତିକ କାର୍ଯ୍ୟ ଅଟେ, ଏଠାରେ କାହାରିକୁ ନିଯୁକ୍ତି ଦିଆଯାଏ ନାହିଁ ବୋଲି ଅଧିକାରୀମାନେ କାର୍ଯ୍ୟରତ ଯୁବକ ଯୁବତୀଙ୍କୁ କହୁଥିବା ସେମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସେମାନଙ୍କୁ ନିଯୁକ୍ତି ଦିଆଯାଇଥିବା ନେଇ ଆସୁଥିବା ମେଲ୍‌ରେ କମ୍ପାନିର ସର୍ଭିସ କୋଡ୍ ଉଲ୍ଲେଖ ରହୁଥିଲେ ବି ସେମାନଙ୍କୁ ନିଯୁକ୍ତିପତ୍ର ଦିଆଯାଉନାହିଁ। ଅତଏବେ ଏଠାରେ ସେମାନେ ଶୋଷଣର ଶିକାର ହୋଇ ଚାଲିଥିବା ବେଳେ ଲୋକଙ୍କ ଅର୍ଥ ବି ସୁରକ୍ଷିତ ନୁହେଁ ବୋଲି କର୍ମଚାରୀମାନେ କହିଛନ୍ତି। ଏନେଇ ସେମାନେ ସହଦେବଖୁଣ୍ଟା ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି।

## ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦର ନୂତନ ସଦସ୍ୟ

ଭୁବନେଶ୍ୱର, ୧୭ ଅଗଷ୍ଟ (ହି.ସ.) – ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦର ନୂତନ ମନୋନୀତ ସଦସ୍ୟଙ୍କ ନିମନ୍ତେ ଚୟନ ପ୍ରକ୍ରିୟା ଭର୍ଚୁଆଲ ଜୁମ୍ ବୈଠକ ସହାୟତାରେ ସମ୍ପନ୍ନ କରାଯାଇଛି। ଏହି କ୍ରମରେ ନୂତନ ସଭାପତି ଭାବେ ପ୍ରଭାତ କୁମାର ନନ୍ଦ, ଉପ ସଭାପତି ଭାବେ ରବି ନାରାୟଣ ମହାପାତ୍ର, ସମ୍ପାଦକ ନାରାୟଣ ମହାପାତ୍ର, ଯୁଗ୍ମ ସମ୍ପାଦକ ଅଜୟ କୁମାର ହରିଚନ୍ଦନ, କୋଷାଧ୍ୟକ୍ଷ ଅଖିଳ କୁମାର ସାହୁ, କଷ୍ଟ ଚନ୍ଦ୍ର ମହାପାତ୍ର, ରାଜ କିଶୋର ସାହୁ ସହାୟକ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି।

## ଗୋଟିଏ ଦିନରେ ୨୨୪୪ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୬୨୨୯୪କୁ ବୃଦ୍ଧି

ଭୁବନେଶ୍ୱର,୧୭।୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୨୪୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୨୨୯୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୨୨୪୪ ଜଣଙ୍କ ମଧ୍ୟରୁ ୧୩୯୦ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୮୫୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୩୧୧ ନୂଆ ମାମଲା ସାମନାକୁ ଆସିଛି । ସେହିପରି ଗଂଜାମ ଜିଲ୍ଲାରେ ୨୪୩ ଟି ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୧୫ , ବାଲେଶ୍ୱର ଜିଲ୍ଲାରେ ୧୪୨ ଜଣ, ବରଗଡ ଜିଲ୍ଲାରେ ୩୫, ଭଦ୍ରକ ଜିଲ୍ଲାରେ ୧୦୪, ବଲାଙ୍ଗିର ଜିଲ୍ଲାରେ ୩୭ .ବୌଦ୍ଧ ଜିଲ୍ଲାରେ ୪୯,କଟକ ଜିଲ୍ଲାରେ ୧୯୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଢେଙ୍କାନାଳ ଜିଲ୍ଲାରେ ୧୮, ଗଜପତି ଜିଲ୍ଲାରେ ୬, ଜଗତସିଂହପୁର ଜିଲ୍ଲାରେ ୧୬, ଯାଜପୁର ଜିଲ୍ଲାରେ ୯୮. ଝାରସୁଗୁଡା ଜିଲ୍ଲାରେ ୧୨, କଳାହାଣ୍ଡି ଜିଲ୍ଲାରେ ୬୭. କନ୍ଧମାଳ ଜିଲ୍ଲାରେ ୧୨୧, କେନ୍ଦ୍ରାପଡା ଜିଲ୍ଲାରେ ୨୭ ,କେନ୍ଦୁଝର ଜିଲ୍ଲାରେ ୧୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୯୪ ଜଣ, ମାଲକାନଗିରି ଜିଲ୍ଲାରେ ୯୮ , ମୟୁରଭଂଜ ଜିଲ୍ଲାରେ ୯୧, ନବରଙ୍ଗପୁରରେ ୨୧, ନୟାଗଡ ଜିଲ୍ଲାରେ ୧୩, ନୂଆପଡା ଜିଲ୍ଲାରେ ୯, ପୁରୀ ଜିଲ୍ଲାରେ ୬୮, ରାୟଗଡା ଜିଲ୍ଲାରେ ୧୬୦, ସମ୍ବଲପୁର ଜିଲ୍ଲାରେ ୩୫,ସୋନପୁର ଜିଲ୍ଲାରେ ୧୧ ତଥା ସୁନ୍ଦରଗଡ ଜିଲ୍ଲାରେ ୧୩୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟ ସରକାରଙ୍କ ସୂଚନା ଅନୁଯାୟୀ ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୯,୫୮,୯୨୯ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି । ବର୍ତ୍ତମାନ ସୁଦ୍ଧା ସମୁଦାୟ ୬୨,୨୯୪ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ୪୩,୭୭୯ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଥିବା ବେଳେ ୩୫୩ ଜଣ କୋଭିଡ୍?-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି । ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୧୮,୧୦୯ ରହିଛି ଏବଂ ୧୯,୬୧୨ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରାଜ୍ୟରେ ଆଉ ୧୦ ଜଣଙ୍କର...

ପୀଡିତ ଥିଲେ। ଖୋର୍ଦ୍ଧା ଜିଲ୍ଲାର ଜଣେ ୭୦ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୬୦ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେ ମଧୁମେହ ରୋଗ ଓ ଉଚ୍ଚ ରକ୍ତଚାପ ତଥା ଅନ୍ୟ ରୋଗରେ ପୀଡିତ ଥିଲେ । ସେହିପରି ଭାବେ ରାୟଗଡା ଜିଲ୍ଲାର ଜଣେ ୩୯ ବର୍ଷୀୟା କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । ସେହିପରି ସୁନ୍ଦରଗଡ ଜିଲ୍ଲାର ଜଣେ ୫୨ ବର୍ଷ ବୟସ୍କ କରୋନା ପୁରୁଷ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଅନିୟନ୍ତ୍ରିତ ମଧୁମେହ , ରକ୍ତଚାପ ଓ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ ।

### ଦୃଶ୍ୟମ୍ ନିର୍ଦ୍ଦେଶକ...

ଅଭିନେତା ରିତେଶ ଦେଶମୁଖ ଲେଖିଛନ୍ତି, "ମୋର ବନ୍ଧୁ, ମୁଁ ତୁମକୁ ଖୁବ୍ ମନେ ପକାଇବି। ନିଶିକାନ୍ତ ତୁମ ଆତ୍ମାର ସଦ୍‌ଗତି ହେଉ।"ଅଭିନେତା ଅଜୟ ଦେବଗନ ମଧ ଟ୍ୱିଟରରେ ନିର୍ଦ୍ଦେଶକଙ୍କୁ ହରାଇବାରେ ଶୋକ ବ୍ୟକ୍ତ କରିଛନ୍ତି। ଚଳଚ୍ଚିତ୍ର 'ଦୃଶ୍ୟମ'ରେ ଅଜୟ ଦେବଗନ୍‌ଙ୍କୁ ମୁଖ୍ୟ ଚରିତ୍ର ଭାବେ ନେଇ କାମ କରିଥିଲେ ନିର୍ଦ୍ଦେଶକ ନିଶିକାନ୍ତ। ଉଲ୍ଲେଖଯୋଗ୍ୟ ୧୯୭୦ରେ ମହାରାଷ୍ଟ୍ରରେ ଜନ୍ମଗ୍ରହଣ କରିଥିବା ନିଶିକାନ୍ତ ଦୃଶ୍ୟମ୍, ମଦାରୀ ଓ ମୁମ୍ବାଇ ମେରି ଜାନ୍, ଫୋର୍ସ ଭଳି ଲୋକପ୍ରିୟ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ। ମରାଠୀ ସିନେମା ଡୋମ୍ବିଭଲି ଫାଷ୍ଟ ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ । ସେହିପରି ମୁମ୍ବାଇ ମେରି ଜାନ୍ ପାଇଁ ଶ୍ରେଷ୍ଠ ସିନେମା ପୁରସ୍କାର ପାଇଥିଲେ।

### ରାଜ୍ୟର ୫ଟି ମହାନଗର...

ରାଜ୍ୟଜଙ୍ଗଲ ବିଭାଗ ଅନ୍‌ଲାଇନ୍ ଟିମ୍ବର ଟ୍ରାନ୍ସପୋର୍ଟ ପରମିଟ୍ ପୋର୍ଟାଲ୍ ଲୋକାର୍ପିତ କରିସାରିଛି । ଜାତୀୟ ଟ୍ରାନ୍‌ଜିଟ୍ ପାସ୍ ସିଷ୍ଟମ୍ ପୋର୍ଟାଲ୍‌କୁ ପୁଙ୍ଖାନୁପୁଙ୍ଖ ନିରୀକ୍ଷଣ କରି ତା'ସହ ଆମର ପୋର୍ଟାଲ୍‌କୁ ସଂଯୁକ୍ତ କରାଯାଇଛି । ଏହା ଦ୍ୱାରା ରାଜ୍ୟବାସୀ ନିଜ ଜମିରେ ବିଭିନ୍ନ ମୂଲ୍ୟବାନ ବୃକ୍ଷ ଲଗାଇବା ପାଇଁ ଆଗ୍ରହୀ ହେବେ ଓ ସେମାନଙ୍କୁ ଏହା କାଟିବା ଓ ବିକ୍ରି କରିବା ପାଇଁ ମଧ ଅନୁମତି ଦିଆଯାଇପାରିବ । ରାଜ୍ୟରେ ୧୩୧୫ ମେଟ୍ରିକ୍ ଟନ୍ ରକ୍ତ ଚନ୍ଦନ କାଠ ସଂରକ୍ଷିତ ରହିଛି । ଏହାକୁ ବିକ୍ରି କରିବା ପାଇଁ କେନ୍ଦ୍ର ଆବଶ୍ୟକ ଅନୁମତି ପ୍ରଦାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ଆରୁଖ କହିଥିଲେ । ଦେଶର ବୃହତ୍ ନଦୀମାନଙ୍କ ଅବବାହିକା ଓ ସେଗୁଡ଼ିକର ଦୁଇକୂଳରେ ବ୍ୟାପକ ଜଙ୍ଗଲ ସୃଷ୍ଟି କରିବା ପାଇଁ କେନ୍ଦ୍ର ସରକାରଙ୍କ ଯୋଜନା ରାଜ୍ୟର ମହାନଦୀ ଦୁଇପାଶ୍ୱରେ ସଂପ୍ରତି କାର୍ଯ୍ୟକାରୀ କରାଯାଉଛି । କେନ୍ଦ୍ର କାମ୍ପା ପାଣ୍ଠିରୁ ଆବଶ୍ୟକ ଅନୁଦାନ ପ୍ରଦାନକୁ ମନ୍ତ୍ରୀ ଅନୁରୋଧ ଜଣାଇଥିଲେ ।

### ରାଜ୍ୟରେ ହ୍ରାସ ...

ଆକ୍ରାନ୍ତଙ୍କ ସଂଖ୍ୟା ରାଜ୍ୟରେ ଯଥେଷ୍ଟ ଭାବରେ ହ୍ରାସ ପାଇଛି । ଗତ ଜୁଲାଇରେ ଏହି ହ୍ରାସ ପରିମାଣ ୧୦.୭୮ ପ୍ରତିଶତ ଥିବାବେଳେ ଅଗଷ୍ଟ ମାସରେ ଏହା ୫.୨ ପ୍ରତିଶତକୁ ହ୍ରାସ ପାଇପାରିଛି ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ପରୀକ୍ଷଣ କ୍ଷମତା ବୃଦ୍ଧି ଓ ଅନ୍ୟାନ୍ୟ ପଦକ୍ଷେପଗୁଡ଼ିକୁ ତ୍ୱରିତ କରିବାରେ ଓଡ଼ିଶା ଆହୁରି ଗୁରୁତ୍ୱ ଦେବ ବୋଲି ଉଲ୍ଲେଖ କରିଛନ୍ତି ।

### କରୋନା ସମୟରେ...

ନିକଟରେ ବିପୁଳ ପରିମାଣର ଗଞ୍ଜେ ସହ ପିକଅପ ଭ୍ୟାନ ଜବତ କରାଯାଇଛି। ଏହି ଘଟଣାରେ ବିହାର ରାଜ୍ୟର ଦୁଇ ଗଞ୍ଜେ ଚାଲାଣକାରୀକୁ ଗିରଫ କରିବାରେ ସଫଳ ହୋଇଛି ବେତନଟୀ ପୋଲିସ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବେତନଟୀ ପୋଲିସ ଘଟଣାସ୍ଥଳରେ ପହଂଚି ୪ କୁଇଂଟାଲ ୪୭ କେଜି ଗଞ୍ଜେଇ ଜବତ କରିବା ସହ ଥାନାରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। ଗଞ୍ଜେଇ ଆନୁମାନିକ ମୂଲ୍ୟ ୧୫ ଲକ୍ଷରୁ ଅଧିକ ହେବ ବୋଲି ବେତନଟୀ ଏସ ଡି ପି ଓ ଲଳିତ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଧଳାଜହର କାରବାରରେ ସଂପୃକ୍ତ ସମସ୍ତଙ୍କୁ ଗିରଫ ଓ ସିବିଆଇ ତଦନ୍ତ ଦାବିକଲା ବିଜେପି



ଜଳେଶ୍ୱର,୧୭।୮ (ନି.ପ୍ର): ବ୍ରାଉନ୍‌ସୁଗରର ହବ୍ ପାଲଟିଥିବା ଜଳେଶ୍ୱରର ଆଇଆଇସି, ଜଣେ ମଧ୍ୟସ୍ଥି ଏବଂ କାରବାରରେ ଜଣେ ସଂପୃକ୍ତି ଥିବାର ରାଜ୍ୟର ବିଭିନ୍ନ ସ୍ଥାନରେ ଆଲୋଚ୍ୟର ବିଷୟ ହୋଇଛି । କିନ୍ତୁ ଏଥିନେଇ ଆଇଆଇସିଙ୍କୁ ଡିଜିପି କେବଳ ସସ୍‌ପେଣ୍ଡରେ ସୀମିତ ରହିବେ ନା ବହିଷ୍କାର କରିବେ ଏଥିନେଇ ପ୍ରଶ୍ନ ଉଠାଇଛି ବିଜେପି । ଜଳେଶ୍ୱରସ୍ଥିତ ତାରୁଣ୍ୟ କକ୍ଷରେ ବିଜେପିର ଏକ ସାମ୍ବାଦିକ ସମ୍ମିଳନୀରେ ଧଳାଜହର ସଂପୃକ୍ତିରେ ୭ଟି ଅଡିଓ ଭାଇରଲରେ ବାଲେଶ୍ୱର ପୁଲିସ୍ କୌଣସି କ୍ରିମିନାଲ ଏଫଆଇଆର୍ ଦରଜ କରିନଥିବାର ବିଜେପି ପକ୍ଷରୁ ଅଭିଯୋଗ କରାଯାଇଛି । ଅଡିଓରେ ୩ୟ ବ୍ୟକ୍ତି ସଂପର୍କରେ ପୁଲିସ୍ ନିରବ ରହିବା ଯୋଗୁଁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ସେମାନଙ୍କ ସଂପର୍କରେ ଏଫଆଇଆର୍ ଦାଏର କରିବାକୁ ଦାବି କରିଥିବାର ଅରଜି ସାମ୍ବାଦିକ ସମ୍ମିଳନୀରେ ଟାଉନ୍ ସଭାପତି ଫାଲଗୁନୀ ପାଣିଗ୍ରାହୀ, ସାଂସଦ ପ୍ରତିନିଧି ସାନ୍ତନୁ ପଟ୍ଟନାୟକ, ମନୋଜ ସାସମଲ, ତପନ ବିଶ୍ୱାଳ, ସୁବ୍ରତ ଘୋଷ, ରବିନ୍ଦ୍ର ପାତ୍ର, ଅଚ୍ୟୁତ ମହାନ୍ତି ଓ ହରିପଦ ମାନ୍ନା ପ୍ରମୁଖ ଦାବି କରିଛନ୍ତି । ବଡବଜାରସ୍ଥିତ ଏକ କଦଳୀ ଗୋଦାମ ଧଳାଜହର କାରବାରର ଅନ୍ୟଏକ ମାଧ୍ୟମ ହୋଇଥିବାର ଓ ଆନ୍ତରାଜ୍ୟ ସଂପୃକ୍ତି ସଂପର୍କରେ ଘଟଣା ଜଡିତ ଥିବାରୁ ସିବିଆଇ ତଦନ୍ତ ପାଇଁ ଦାବି କରାଯାଇଛି ।

## ଦିବଂଗତ ସମାଜସେବୀ ପଦ୍ମଲୋଚନ ଦେଙ୍କୁ ଶ୍ରଦ୍ଧାଞ୍ଜଳି



ବାଲେଶ୍ୱର,୧୭।୮ (ନି.ପ୍ର): 'ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ' ଓ ସମାଜସେବୀ ସଂଗଠନ 'ସହାୟକ' ପକ୍ଷରୁ ସମାଜସେବୀ ପଦ୍ମଲୋଚନ ଦେ'ଙ୍କ ଦେହାନ୍ତରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଧୀରେନ୍ଦ୍ର ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧାରଣ ସଂପାଦକ ଇଂ. ବନମାଳୀ ନାୟକ ସ୍ୱର୍ଗତଃ ଦେ'ଙ୍କ ସ୍ମୃତିଚାରଣ କରିଥିଲେ। ଗତ ସ୍ୱାଧୀନତା ଦିବସ ଅପରାହ୍ନରେ ସ୍ୱର୍ଗତଃ ଦେ ଚିକିତ୍ସାଧୀନ ଥାଇ ୭୫ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ। ସ୍ୱର୍ଗତଃ ଦେ ରାଜ୍ୟ ସରକାରଙ୍କ ସମବାୟ ବିଭାଗରେ ଜଣେ ସଚ୍ଚୋଟ ଓ ଦକ୍ଷ ମୁଖ୍ୟ କିରାଣୀ ଭାବେ କାର୍ଯ୍ୟକରି ୨୦୦୩ ମସିହାରେ ଅବସର ଗ୍ରହଣ କରିଥିଲେ। ଅବସର ପରେ ସେ ଅବସରପ୍ରାପ୍ତ କର୍ମଚାରୀ ସଂଘ, ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି, ଜିଲ୍ଲା ରକ୍ତଦାତା ସଂଘ, ସାମାଜିକ ସଂଗଠନ ସହାୟକ, ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଓ ଫକୀରମୋହନ ସାହିତ୍ୟ ପରିଷଦ ପ୍ରଭୃତି ବହୁ ସାମାଜିକ, ସାଂସ୍କୃତିକ ସଂଗଠନରେ ସକ୍ରିୟ ସଦସ୍ୟ ଓ ଜଣେ ସୁସଂଗଠକ ଭାବେ କାର୍ଯ୍ୟକରି ସମସ୍ତଙ୍କ ଶ୍ରଦ୍ଧା ଓ ସମ୍ମାନଭାଜନ ହୋଇଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଦୁଇ ସଂଗଠନର ସଦସ୍ୟଙ୍କ ସମେତ ଅନ୍ୟାନ୍ୟ ସଂଗଠନର କର୍ମକର୍ତ୍ତାମାନେ ସ୍ୱର୍ଗତଃ ଦେ'ଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତଃ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତଃ ଦେ'ଙ୍କ ଦିବ୍ୟାଙ୍ଗ ଅବିବାହିତ ପୁତ୍ର ଓ କନ୍ୟାଙ୍କ ସହାୟତା ପାଇଁ ସଂଗଠନର ସଦସ୍ୟମାନଙ୍କ ଠାରୁ ସଂଗ୍ରହ କରି ୫୦ ହଜାର ଟଙ୍କା ପ୍ରଦାନ ନିମିତ୍ତ ଶ୍ରଦ୍ଧାଞ୍ଜଳି ସଭାରେ ନିଷ୍ପତ୍ତିଗ୍ରହଣ କରାଯାଇଛି। ଉକ୍ତସଭାରେ ଶଶାଙ୍କ ଶେଖର ଦତ୍ତ, ବେଣୁଧର ପାଳ, ପଦ୍ମଲୋଚନ ଦତ୍ତ, ଭବେଶ ଚନ୍ଦ୍ର ପଣ୍ଡା, ବସନ୍ତ କୁମାର ନାୟକ, ଶ୍ୟାମସୁନ୍ଦର ଜେନା, ନିରଞ୍ଜନ ପରିଡ଼ା, ଡ. ଇଞ୍ଜିନିୟର ହୃଷିକେଶ ସାହୁ, ଗୌରାଙ୍ଗ ପାଣିଗ୍ରାହୀ, ଅଜିତ୍ କୁମାର ସେନ୍, ପ୍ରକାଶ ଚନ୍ଦ୍ର ମହାପାତ୍ର, ରବୀନ୍ଦ୍ର ପ୍ରହରାଜ, ଉମେଶ ଚନ୍ଦ୍ର ଗୋଛାୟତ, ଶେଖ୍ ଆଲ୍ଲାଉଦ୍ଦିନ୍ ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କରୋନ ଛଡ଼ାଇନେଲା ପାଠ: ମୁକାବିଲା ପାଇଁ ଅଂଟାଭିଡ଼ିଲେ ଜନଜାଗୃତି ମଂଚର ସ୍ୱେଚ୍ଛାସେବକ

ଉଦଳା ,୧୭।୮ (ନି.ପ୍ର): କରୋନା ପାଇଁ ଦୀର୍ଘ ଛଅମାସ ଧରି ବିଦ୍ୟାଳୟ ଗୁଡ଼ିକ ବନ୍ଦ ରହିଛି। ଆଗକୁ ମଧ୍ୟ କେତେ ଦିନ ଏପରି ଅବସ୍ଥା ଲାଗି ରହିବ, ତାହାର ହିସାବ ନାହିଁ। ଏତିକି ବେଳେ ପାଠ ପଢୁଥିବା ପିଲାମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ସହର ବଜାର ମାନଙ୍କରେ ରହୁଥିବା ଧନୀକ ଶ୍ରେଣୀର ଅଭିଭାବକମାନେ ତାଙ୍କର ପିଲାଙ୍କୁ ପାଠ ପଢ଼ାଇବା ପାଇଁ ମୋଟା ଅଙ୍କରେ ଟଙ୍କା ଖର୍ଚ୍ଚ କରି ଟିଉସନ୍ ମାଷ୍ଟର୍ ନିଯୁକ୍ତି କରିଛନ୍ତି। ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ଅନ-ଲାଇନ୍ ପାଠପଢ଼ା ବ୍ୟବସ୍ଥାର ଫାଇଦା ମଧ୍ୟ ଧନୀକ ଘରର ପିଲାମାନେ ନେଉଛନ୍ତି। କିନ୍ତୁ ଗାଁ ଗହଳ ମାନଙ୍କରେ ବସବାସ କରୁଥିବା ଗରୀବ ଘରର ପିଲାମାନଙ୍କର ପାଠପଢ଼ା କଥା କେହି ଚିନ୍ତା ମଧ୍ୟ କରୁନାହାଁନ୍ତି। ଏତିକିବେଳେ ଓଡ଼ିଶା ଶ୍ରମଜୀବୀ ମଂଚ ଓ ମହିଳା ଶ୍ରମଜୀବୀ ମଂଚ, ଭୂବନେଶ୍ୱର ଦ୍ୱାରା ମୟୂରଭଂଜ ଜିଲ୍ଲାରେ ପରିଚାଳିତ ଲୋକସଂଗଠନ ଜନଜାଗୃତି ମଂଚର କର୍ମୀମାନେ ଗାଁ କୁ ଗାଁ ବୁଲି ଗରୀବ ପିଲାମାନଙ୍କୁ ମାଗଣାରେ ପାଠ ପଢ଼ାଇବା ପାଇଁ ସ୍ୱେଚ୍ଛାସେବକମାନଙ୍କୁ ନିଯୁକ୍ତ କରୁଛନ୍ତି। ଏହିପରି ଉଦଳା ବ୍ଲକ୍



ଅନ୍ତର୍ଗତ ଆଡ଼ାଘୁଟୁ ଗ୍ରାମରେ କାରୁକର ମୁର୍ମୁ, ନୂଆଗାଁରେ ସୂର୍ଯ୍ୟମଣି ବେହେରା ଓ ସୁଜାତା ବେହେରା, ଘୁଂଟିବଣିରେ କ୍ରୀଷ୍ଟାକୁମାରୀ ମାର୍ଣ୍ଡି ଓ ଗୋପିନାଥ ମାର୍ଣ୍ଡି, ତେଲଦିହୁଡ଼ିରେ ରୁକ୍ମଣୀ ବେହେରା, କୁଣ୍ଡାବାଇରେ ସଂଜୁଲତା ସିଂ, ଗୋବିନ୍ଦପୁରରେ ରଂଜିତା ବିନ୍ଧାଣି ଓ ଦେବାଶିଷ ନାୟକ, ଜାମୁଡିହାରେ ଭାଗ୍ୟଲତା ସିଂ, ତାଳଡିହାରେ ଶାନ୍ତି ସିଂ, ଶ୍ରୀଦାମଚନ୍ଦ୍ରପୁରରେ ମଂଜୁଲତା ବାରିକ, ଗୋପବଂଧୁ ନଗର ବ୍ଲକ୍ ଅନ୍ତର୍ଗତ ଅତାନଟୀ ଗ୍ରାମରେ ଛବି ହାଁସଦା, ଅନନ୍ତସାହିରେ ରଶ୍ମିପ୍ରଭା ନାୟକ, ନବକିଶୋରପୁରରେ କାପୁରା ହେମ୍ବ୍ରମ୍, ମାଠାସାହିରେ ସୀମା ମହାନ୍ତି, କପ୍ତିପଦା ବ୍ଲକ୍ ଅନ୍ତର୍ଗତ ନଛିପୁର ଗ୍ରାମରେ ସତ୍ୟପ୍ରକାଶ ଦାସ, ମଢ଼େଇ ସାହିରେ ଶିବଶଙ୍କର ଦାସ, ମନଭଙ୍ଗାରେ ଗୋପିନାଥ ବିନ୍ଧାଣୀ, ପଥରଖଣିରେ ରାମାୟ ମୁର୍ମୁ, ବେତନଟୀ ବ୍ଲକ୍ ଅନର୍ଗତ ମଧୁନଣ୍ଡା ଗ୍ରାମରେ ସୁଚିସ୍ମିତା ଘଡ଼େଇ, ଭାଲିଆଡ଼ିହାରେ କୁନି ମାର୍ଣ୍ଡି, ଖୁଂଟା ବ୍ଲକ୍ ଅନ୍ତର୍ଗତ ଆଠପଡ଼ା ଗ୍ରାମରେ ଅନୀତା ଖଣ୍ଡାପାତ୍ର, ଅଣ୍ଡିଆମୁଣ୍ଡିରେ ସସ୍ମିତା ସୋରେନ୍ ସ୍ୱେଚ୍ଛା ସେବକ ଭାବରେ ନିଯୁକ୍ତି ପାଇଥିବାର ଜଣାଯାଇଛି । ସ୍ୱେଚ୍ଛାସେବକମାନେ କରୋନା ପାଇଁ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ ପୂର୍ବକ ପିଲାମାନଙ୍କୁ ପାଠ ପଢ଼ାଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଜନଜାଗୃତି ମଂଚର ଏତାଦୃଶ କାର୍ଯ୍ୟକଳାପ ପାଇଁ ବିଭିନ୍ନ ମହଲରେ ପ୍ରଶଂସା ଶୁଣିବାକୁ ମିଳୁଛି। ମଂଚର ଟିମ୍ ଲିଡର ଗଦାଧର ଦାଶ ଏଥିପାଇଁ ସମସ୍ତ ଶ୍ରେୟ ଗାଁ ଗହଳ ମାନଙ୍କରେ ଥିବା ସ୍ୱେଚ୍ଛାସେବକ ମାନଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଗଣମାଧ୍ୟମକୁ କହିଛନ୍ତି। ସମଗ୍ର ଜିଲ୍ଲାର ୫ଟି ବ୍ଲକ୍‌ରେ ମୋଟ ୧୭୦ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱେଚ୍ଛାସେବକମାନେ ପାଠ ପଢ଼ାଉଛନ୍ତି।

## ଜଗତସିଂହପୁର ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ କ୍ଷେତ୍ରବାସୀ ସ୍ୱାଇଁଙ୍କ ପରଲୋକ

ଜଗତସିଂହପୁର,୧୭।୮ (ନି.ପ୍ର): ଜଗତସିଂହପୁର ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ କ୍ଷେତ୍ରବାସୀ ସ୍ୱାଇଁଙ୍କର ଗତ ଅଗଷ୍ଟ ମାସ ୧୪ ତାରିଖରେ ୭୯ ବର୍ଷ ବୟସରେ ପରଲୋକ ହୋଇଯାଇଅଛି। ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ସ୍ୱର୍ଗତ କ୍ଷେତ୍ରବାସୀ ସ୍ୱାଇଁଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜିଲ୍ଲା ଷ୍ଟାଫ୍ କମିଟି ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଅଛି । ଏହି ଶୋକସଭାରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର ସ୍ୱର୍ଗତ ସ୍ୱାଇଁଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସମସ୍ତଙ୍କ ସହ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ଜିଲ୍ଲାପାଳ କହିଲେ ତାଙ୍କ ବ୍ୟକ୍ତିଗତ ସହାୟକ ସ୍ୱର୍ଗତ କ୍ଷେତ୍ରବାସୀ ସ୍ୱାଇଁ ଜଣେ ଅମାୟିକ,ମିଷ୍ଟଭାଷୀ,ବିଶ୍ୱସ୍ତ ,କର୍ତବ୍ୟ ପରାୟଣ,ସ୍ନେହୀ ଓ ଦରଦୀ ମଣିଷ ଥିଲେ । ଅବସର ନେବା ପରେ ସ୍ୱାଇଁବାବୁ ଅନେକ ଜିଲ୍ଲାପାଳଙ୍କ ନିକଟରେ କାର୍ଯ୍ୟ କରିଛନ୍ତି । ସେ ସବୁବେଳେ କର୍ମଚାରୀ ମାନଙ୍କ ସମସ୍ୟା ସଂପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇ ତାହାର ସମାଧାନ କରୁଥିଲେ । ପରିଣତ ବୟସରେ ମଧ୍ୟ କର୍ତବ୍ୟ ପରାୟଣ ଥିଲେ । ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ଶୋକ ସଭାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସଚିଦାନନ୍ଦ ସାହୁ,ଉପ-ଜିଲ୍ଲାପାଳ ଶ୍ରୀ ଧମେନ୍ଦ୍ର ମଲ୍ଲିକ,ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ,ଡେପୁଟୀ କଲେକ୍ଟର,ସହକାରୀ ଜିଲ୍ଲାପାଳ,ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ରହି ସ୍ୱର୍ଗତ କ୍ଷେତ୍ରବାସୀ ସ୍ୱାଇଁଙ୍କର ସ୍ମୃତି ଚାରଣ କରିଥିଲେ। ଜିଲ୍ଲା ଷ୍ଟାଫ୍ କମିଟିର ଉପ ସଭାପତି ଶ୍ରୀ ନୃସିଂହ ଚରଣ ମଲ୍ଲିକ,ସେକ୍ରେଟାରୀ ଶ୍ରୀ ପ୍ରଶାନ୍ତ କୁମାର ମହାପାତ୍ର ଉପସ୍ଥିତ ଥିଲେ।

## ଭଗବାନପୁରଠାରେ ନୂତନ ପାଠାଗାର ଉଦ୍‌ଘାଟିତ

ଧର୍ମଶାଳା,୧୭।୮ (ନି.ପ୍ର): ବହି ସହିତ ବନ୍ଧୁତା ରହିଲେ ପାଠାଗାର ସଫଳ ହୋଇପାରିବ । ଡିଜିଟାଲ ଯୁଗରେ ପାଠାଗାରମାନଙ୍କରେ ପାଠକଙ୍କ ସଂଖ୍ୟା କମିଛି,ତଥାପି ପରୁଣା ପାଠଙ୍କ ସଂଖ୍ୟ କମି ନାହିଁ । ଏବଂ ପାଠାଗାର ହୋଉଛି ଜ୍ଞାନର ମଞ୍ଜି । ଧର୍ଯ୍ୟ ରହିଲେ ପାଠାଗାରଗୁଡିକ ସଫଳ ସୋପାନରେ ପଂହଚି ପାରିବ ବୋଲି ଆଜି ଧର୍ମଶାଳା ବ୍ଲକ କୋଡପୁର ପଂଚାୟତସ୍ଥ ଭଗବାନପୁରଠାରେ ଆମ ଗାଁ ପାଠାଗାର ଉଦଘାଟିତ ପର୍ବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି । ପାଠାଗାରର ସମ୍ପାଦକ ଅମିୟ ପରିଡାଙ୍କ ସଭାପତିତ୍ୱରେ ଏହି ଉଦଘାଟିତ ପର୍ବରେ ମୁଖ୍ୟ ଅତିଥିଭାବେ ଶିଶୁ ସାହିତ୍ୟିକ ତଥା ସ୍ତମ୍ଭକାର ଡ. ପ୍ରିୟନାଥ ମହାପାତ୍ର,ଜିଲାର ଶ୍ରେଷ୍ଠ ପାଠକ ତଥା ବାରୀଶ୍ରୀ ପତ୍ରିକା ସଂଯୋଜକ ଷ୍ଟାଲିନ ଜେନା, ଉପଦେଷ୍ଟା ଗୋବିନ୍ଦ ସାମଲ ଓ ନିର୍ମଳ ରାୟ ପ୍ରମୁଖ ଯୋଗ ଦେଇ ଏହି ଗ୍ରାମରଂଚଳରେ ପ୍ରତିଷ୍ଠିତ ହୋଇଥିବା ପାଠାଗାରକୁ ଉଚ୍ଚ ପ୍ରଶଂସା କରିବା ସହ ପ୍ରଥମେ ଶିଶୁମାନଙ୍କୁ ଏହି ପାଠାଗାରରେ ସାମିଲ କରାଗଲେ ସେମାନଙ୍କ ଭିତରେ ଲୁଚି ରହିଥିବା ପ୍ରତିଭା ଲୋକାଲୋଚନକୁ ଆସି ପାରିବ ବୋଲି ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ସଭ୍ୟ ଶରତ ଚନ୍ଦ୍ର ପରିଡା, କୋଡପୁର ପଂଚାୟତ ସମିତ ସଭ୍ୟ କୈଳାଶ ଚନ୍ଦ୍ର ଲେଙ୍କା,ପ୍ରଫୁଲ୍ଲ ବେହେରା,ବିକ୍ରମ ସାମଲ ଓ ଅମେରନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ପାଠାଗାର ପ୍ରତି ସେମାନଙ୍କ ଭାବ ପ୍ରକାଶ କରିଥିଲେ । ଶେଷରେ ଶୁଭ୍ରଜିତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପାଠାଗାରରେ ଏବେ ସୁଦ୍ଧା ୧ହଜାରରୁ ଉର୍ଦ୍ଧ ବିଭିନ୍ନ ବର୍ଗର ପୁସ୍ତକ ମହଜୁଦ ରହିଛି । ଫଳରେ ଏହି ପାଠାଗାର ପ୍ରତିଷ୍ଠା ଫଳରେ ସ୍ଥାନୀୟ ୧୦ ଗୋଟି ପଂଚାୟତର ପାଠକପାଠିକା ସହ ବୟୋଜ୍ୟେଷ୍ଠମାନେ ଅବସରକାଳୀନ ସମୟ ପାଇ ପାରିବୋଲି ପାଠାଗାର ସମ୍ପାଦକ ଅମିୟ ପରିଡା ପ୍ରକାଶ କରିଛନ୍ତି ।

# ୭୦ନଂ ଜାତୀୟ ରାଜପଥରେ ପିକ୍‌ଅପ୍-ସ୍କୁଟି ମୁହାଁମୁହିଁ ଧକ୍କା : ୧ ମୃତ

ଜଳେଶ୍ୱର, ୧୭/୮ (ନିପ୍ର.) : ଆଜି ସୋମବାର ୬୦ନଂ ଜାତୀୟ ରାଜପଥର ଟୋଲପ୍ଲାଜାର ଅନତି ଦୂରରେ ଏକ ପିକ୍‌ଅପ୍ ସହିତ ସ୍କୁଟିର ମୁହାଁମୁହିଁ ଧକ୍କା ହେବାରୁ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ, ନଛିମପୁର ଗାଁର ପ୍ରଫୁଲ୍ଲ କୁମାର ହୁଇ ଜଳେଶ୍ୱର ନୂଆବଜାରଛକଠାରେ ପ୍ରତିଦିନ ମାଛବ୍ୟବସାୟ କରିଥାନ୍ତି । ଦିନର ଗୋଟାଏ ବେଳେ ନିଜର ଓଡିଶାଭି-୨୨୩୩ ସ୍କୁଟିରେ ଜଳେଶ୍ୱର ଅଭିମୁଖେ ଆସୁଥିବା ବେଳେ ଜଳେଶ୍ୱରରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଓଡି୦୧ଏଡି-୨୦୬୩ ପିକ୍‌ଅପ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ସ୍କୁଟିଚାଳକ ପ୍ରଫୁଲ୍ଲ ଦୁର୍ଘଟଣାରେ ରକ୍ତାକ୍ତ ଓ ସଂଜ୍ଞାହୀନ ଅବସ୍ଥାରେ ଥିବା ବେଳେ ନଛିମପୁର ସରପଂଚ ପ୍ରତିନିଧି ଓ ଅନ୍ୟ କେତେକ ସ୍ଥାନୀୟ ବ୍ୟକ୍ତି ତାଙ୍କୁ ଜିକେଭଞ୍ଜର ହସ୍‌ପିଟାଲକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପ୍ରକାଶଯୋଗ୍ୟ ପ୍ରଫୁଲ୍ଲ ପ୍ରତିଦିନ ମାଛବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ । ଅତୀତରେ ମାଛଧରି ଫେରୁଥିବା ବେଳେ ଦୁର୍ଘଟଣାରେ ତାର ଗୋଟି ଗୋଡ ଭାଙ୍ଗିଥିଲା ଓ ସେଥିରେ ସେ ଦୀର୍ଘଦିନ ଚିକିତ୍ସିତ ଥିଲେ । ସେ ମ୍ୟୁନିସିପାଲଟିର ୧୫ନଂ ୱାର୍ଡ ନହରାରେ ଭଡାଘରେ ରହୁଥିବା ବେଳେ ତାଙ୍କର ଏକମାତ୍ର ପୁତ୍ର ଓ କନ୍ୟା ରହିଛନ୍ତି । ଜଳେଶ୍ୱର ପୁଲିସ୍ ଏଥିନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।



# ପାରିକୁଳ ହତ୍ୟାକାଣ୍ଡ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବାରେ ନିଷ୍କ୍ରିୟ ପୁଲିସ

## ଜିଲ୍ଲାପାଳଙ୍କଠାରେ ବୁଆଁଳ ଗ୍ରାମବାସୀଙ୍କ ଫେରାଦ



ବାଲେଶ୍ୱର,୧୭।୮ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ବୁଆଁଳ ସମେତ ଆଖପାଖ ୭ ଗୋଟି ପଞ୍ଚାୟତରେ ଅପରାଧିକ କାର୍ଯ୍ୟକଳାପ ଜାରି ରଖିଥିବା ତଥା ନିକଟ ଅତୀତରେ ଛତ୍ରପୁର ଛକରେ ଜନୈକ ଯୁବକଙ୍କୁ ହତ୍ୟା କରିଥିବା ଅପରାଧୀଙ୍କୁ ଗିରଫ କରିବାରେ ପୁଲିସର ନିଷ୍କ୍ରିୟତାକୁ ନେଇ ଆଜି ଜିଲ୍ଲାପାଳଙ୍କଠାରେ ଫେରାଦ ହୋଇଛନ୍ତି ସ୍ଥାନୀୟ ବାସିନ୍ଦା । ବୁଆଁଳ ଅଞ୍ଚଳର ବହୁ ମହିଳା ଓ ପୁରୁଷ ଜିଲ୍ଲାପାଳଙ୍କୁ ସାକ୍ଷାତ ସହ ଗତ ୩ ତାରିଖରେ ଛତ୍ରପୁର ଛକରେ ହୋଇଥିବା ସଂଘବଦ୍ଧ ଆକ୍ରମଣରେ ପାରିକୁଳର ତପନ ପାତ୍ରଙ୍କର ମୃତ୍ୟୁ ଓ ଚିକିତ୍ସାଧୀନ ଥିବା ଗୁରୁତର ଆହତ ପ୍ରିୟବ୍ରତ ମହାପାତ୍ରଙ୍କ ସମ୍ପର୍କରେ ଅବଗତ କରିଛନ୍ତି । ଏହି ହତ୍ୟାକାଣ୍ଡର ଅପରାଧୀମାନଙ୍କୁ ତୁରନ୍ତ ଗିରଫ ପାଇଁ ସେମାନେ ଦାବି କରିଥିଲେ । ସଦର ଥାନା ପୁଲିସ ଚାପରେ ପଡ଼ି ଏହି ହତ୍ୟାକାଣ୍ଡର ମାଷ୍ଟର ମାଇଣ୍ଡ ତଥା ମୁଖ୍ୟ ଅଭିଯୁକ୍ତ ବୁଆଁଳ ଅଞ୍ଚଳର ପରମେଶ୍ୱର ପଣ୍ଡାଙ୍କ ପୁତ୍ର ବସନ୍ତ ପଣ୍ଡା ଓରଫ୍ 'କୁନୁ'କୁ ଗିରଫ କରୁନଥିବା ଗ୍ରାମବାସୀମାନେ ଆରୋପ କରିଛନ୍ତି । ସଦର ପୁଲିସ ଏହି ହତ୍ୟାକାଣ୍ଡକୁ ନେଇ ୨୧୫/୨୦୨୦ ନଂର ମାମଲା ରୁଜୁ କରି ୨ /୪ ଜଣ ଯୁବକଙ୍କୁ ଗିରଫ କରିଥିଲେ ବି ମୁଖ୍ୟ ଅଭିଯୁକ୍ତ କୁନୁ ପଣ୍ଡା ଓ ତାର ୫ ଜଣ ସହଯୋଗୀଙ୍କୁ ଗିରଫ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ ପ୍ରକାଶ କରିଛନ୍ତି । ଗତ ପଞ୍ଚାୟତ ନିର୍ବାଚନରେ ସମିତି ସଭ୍ୟ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ହାରିବା ପରେ କୁନୁ ପଣ୍ଡା ବାଲି ଓ ମଦ ଚୋରା ବ୍ୟବସାୟ କରି ସେ ଅଞ୍ଚଳର ଯୁବକଙ୍କ ଜରିଆରେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛି । ତେବେ ଗତ କିଛିମାସ ପୂର୍ବରୁ ସେ ସଦର ବ୍ଲକ ବିଜେଡି ସଭାପତି ଭାବେ ମନୋନୀତ ହେବା ପରେ ତା'ର ଦୌରାତ୍ମ୍ୟ କ୍ରମଶଃ ବଢ଼ି ଚାଲିଛି । ଏମିତିକି ତାକୁ ଗିରଫ ନ କରିବା ଓ ତା'ର ନାମକୁ ଚାର୍ଜସିଟ୍‌ରୁ କାଟିବା ପାଇଁ ବିଜେଡି ନେତାମାନେ ପୁଲିସ ଉପରେ ଚାପ ପକାଉଥିବା ଗ୍ରାମାବାସୀମାନେ କହିଛନ୍ତି । ଏହି ହତ୍ୟାକାଣ୍ଡରୁ ଯଦି କୁନୁ ପଣ୍ଡାକୁ ମୁକ୍ତ କରାଯାଏ, ତାହାଲେ ଆଗାମୀ ଦିନରେ ବୁଆଁଳ ସମେତ ଆଖପାଖ ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ସାଙ୍ଗକୁ ତପନଙ୍କ ଭଳି ବହୁ ହରିଜନ ଯୁବକ ମୃତ୍ୟୁ ବରଣ କରିବେ ବୋଲି ସେମାନେ କହିଛନ୍ତି । ଆସନ୍ତା ୭ ଦିନ ମଧ୍ୟରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ କୁନୁପଣ୍ଡା ଓ ତା'ର ସାଥୀଙ୍କୁ ଗୁରଫ କରାନଗଲେ ଆଗାମୀ ଦିନରେ ଗ୍ରାମବାସୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସେମାନେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ମୁରଲୀଧର ମହାପାତ୍ର, ସୁଦର୍ଶନ ମହାଳିକ, ଶ୍ରୀକାନ୍ତ ପାତ୍ର, ହରିଶ୍ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଶାନ୍ତ ସମୁଦ୍ରରୁ ୩ ମାଝଧରା ବୋଟ୍‌କୁ ଉଦ୍ଧାର କଲା ତଟରକ୍ଷୀ ବାହିନୀ



ପାରାଦ୍ୱୀପ,୧୭।୮ (ନି.ପ୍ର): ଓଡିଶା ଉପକୂଳ ରେ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ଥିବା କୋଷ୍ଟଗାର୍ଡ ଜାହାଜ ଅମୋଘ ଦ୍ୱାରା ଅଶାନ୍ତ ସମୁଦ୍ରରୁ ୩ଗୋଟି ମାଛଧରା ବୋଟ୍ ଉଦ୍ଧାର କରାଯାଇଥିବା ବେଳେ ସେଥିରେ ଥିବା ମତ୍ସ୍ୟଜୀବୀମାନେ ସୁରକ୍ଷିତ ଭାବେ କୂଳରେ ପହଞ୍ଚାଇଥିବା ତଟରକ୍ଷୀ ବାହିନୀ ଦ୍ୱାରା ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତିରୁ ଜଣାପଡିଛି । ଘଟଣାରୁ ପ୍ରକାଶଯେ, ପେଡ୍ଡାଡେଉରା ନାମକ ଏକ ମାଛଧରା ବୋଟ୍ ଗଭୀର ସମୁଦ୍ରରେ ମାଛଧରୁ ଥିବା ବେଳେ ଅଶାନ୍ତ ସମୁଦ୍ର ଯୋଗୁଁ ଏହାର ଆଙ୍କର (ଲଙ୍ଗର) ଅକାମୀ ହୋଇପଡିଥିଲା । ଅନ୍ୟଉପାୟ ନ ପାଇ ବୋଟ୍ ପକ୍ଷରୁ କୋଷ୍ଟଗାର୍ଡ କୁ ସହାୟତା ମଗାଯାଇଥିଲା । ଓଡିଶା ଉପକୂଳରେ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ଥିବା ଜହାଜ ଅମୋଘ ତୁରନ୍ତ ସେଠାରେ ପହଞ୍ଚିଥିଲା । କମାଣ୍ଡଣ୍ଟ ଏ.ଶ୍ରୀବାସ୍ତବ ଉକ୍ତ ବୋଟ୍ ପାଖରେ ପହଞ୍ଚିବା ବେଳକୁ ସେଠାରେ ୩ଗୋଟି ମାଛବୋଟ୍ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅସହାୟ ଅବସ୍ଥାରେ ଥିଲେ । ଅଶାନ୍ତ ସମୁଦ୍ର ଓ ଲଘୁଚାପ ସତ୍ତ୍ୱେ ତଟରକ୍ଷୀ ବାହିନୀ ଜାହାଜ ସାହାସିକତାର ସହ ବୋଟ୍ ୩ଟିକୁ ଉଦ୍ଧାର କରି ସୁରକ୍ଷିତ ଭାବେ ପାରାଦ୍ୱୀପ ମାଛଧରା ବନ୍ଦରରେ ପହଞ୍ଚାଇଛି । ମତ୍ସ୍ୟଜୀବି ମାନେ କୋଷ୍ଟଗାର୍ଡର ଏହି କର୍ଯ୍ୟକୁ ପ୍ରଶଂସା କରିଛନ୍ତି ।

# ଜଳେଶ୍ୱର ଫେରୁଥିବା ଯୁବକଙ୍କ ଦୁର୍ଘଟଣାରେ ମୃତ୍ୟୁ

ଜଳେଶ୍ୱର, ୧୭/୮ (ନିପ୍ର.) : ଜଳେଶ୍ୱର ନୂଆବଜାରଠାରେ ଥିବା ଏକ ବିଦେଶୀ ମଦଦୋକାନର ମ୍ୟାନେଜର ଧର୍ମେନ୍ଦ୍ର ବାରିକ ଓରଫ ଟୁନା (୩୮) ନିଜ ଗାଁ ବରୁଣ ସିଂ ପଂଚାୟତ ଅଂଚଳରୁ ଫେରୁଥିବା ବେଳେ ଏକ ରାସ୍ତା ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଜଣାଯାଇଛି । ନିଜବାଇକ୍‌ରେ ଫେରୁଥିବା ବେଳେ ନିଧିପଣ୍ଡା ପୋଲ ନିକଟରେ ଅନ୍ୟଏକ ବାଇକ୍ ସହ ଧକ୍କା ହେବାରୁ ରାସ୍ତା ଉପରେ ପଡିଯାଇଇଥିଲେ । ହାତ ଓ ଗୋଡ ଭାଙ୍ଗିଥିବା ବେଳେ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା । ସ୍ଥାନୀୟ ଲୋକେ ପ୍ରଥମେ ବାଲେଶ୍ୱର ମୁଖ୍ୟଡାକ୍ତରଖାନା ଓ ପରେ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେ ସେଠାରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା । ଉକ୍ତ ମଦଦୋକାନଟି ଆଜି ବନ୍ଦ ରହିଛି ।

# କରୋନା ସମୟରେ ରାଜ କରୁଛନ୍ତି ଗଞ୍ଜେଇ ବେପାରୀ



ବାରିପଦା,୧୭।୮ (ନି.ପ୍ର): କରୋନା ସମୟରେ ଲୋକେ ଖାଇବାକୁ ପାଉନାହାନ୍ତି କିନ୍ତୁ ଚୋରା ଗଞ୍ଜେଇ ବେପାରୀ ମାନଙ୍କ ବେପାର କମୁନାହିଁ । ସାଧାରଣ ଜନତା ବରଂ ମରନ୍ତୁ କିନ୍ତୁ ଏମାନେ ତାଙ୍କ ବେପାର ବନ୍ଦ କରୁନାହାନ୍ତି । ରାତା ରାତି କୋଟିପତି ହେବାର ନିଶା ପାଇଁ ଗଞ୍ଜେଇ ନିଶାକୁ ଏହି ଚୋରା ବେପାରୀ ମାନେ ଆପଣେଇ ନେଇଛନ୍ତି । ଏମିତି ଏକ ବଡ ଧରଣର ଆନ୍ତଃରାଜ୍ୟ ଚୋରା ଗଞ୍ଜେ ବେପାରର ପର୍ଦ୍ଦାଫାସ କରିଛି ମୟୁରଭ ଜିଲ୍ଲାର ବେତନଟୀ ପୋଲିସ । କୋଣସି ଏକ ସୂତ୍ରରୁ ଖବର ପାଇ ବେତନଟୀ ପୋଲିସ ଟିମ ଏହି ଚୋରା ଗଞ୍ଜେଇ ବେପାରୀଙ୍କୁ କାବୁ କରିବାରେ ସଫଳ ହୋଇଛି । ସୂଚନା ଅନୁସାରେ ଏହି ଚୋରା ଗଞ୍ଜେଇ ବେପାରୀମାନେ ଭୁବନେଶ୍ୱରରୁ ଟାଟା ଅଭିମୁଖେ ଯାଉଥିବା ବେଳେ ୧୮ ନମ୍ବର ଜାତୀୟ ରାଜପଥର ତାରାକୋଟି ଛକ

▶▶ପୃଷ୍ଠା ୭

# ଦିନକରେ ଚିହ୍ନଟ ୧୪୨ କରୋନା ପଜିଟିଭ୍

## ୨ ହଜାର ଟପିଲା ବାଲେଶ୍ୱର ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୧୭।୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ଗତ ସପ୍ତାହେ ଧରି କ୍ରମାଗତ ଭାବେ ବଢ଼ି ଚାଲିଥିବା କରୋନା ସଂକ୍ରମଣକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଯାଇଛି । ବିଶେଷ କରି ସ୍ଥାନୀୟ ସଂକ୍ରମଣ ବୃଦ୍ଧି ଯୋଗୁଁ ଜିଲ୍ଲାର ସ୍ଥିତି ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଇଛି । ଏହା ଗୋଷ୍ଠୀ ସଂକ୍ରମଣର ରୂପ ନେବାକୁ ଯାଉଛି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ୧୪୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୨୧୧୮ରେ ପହଞ୍ଚିଛି । ଅଦ୍ୟାବଧି ୧୩୧୯ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୭୮୭ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି । ତେବେ ଜିଲ୍ଲାରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୭ରେ ସ୍ଥିର ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ଚିହ୍ନଟ ହୋଇଥିବା ୧୪୨ଜଣ ପଜିଟିଭ୍‌ଙ୍କ ମଧ୍ୟରୁ ଅଧିକାଂଶ ସ୍ଥାନୀୟ ସଂକ୍ରମିତ ବୋଲି ଜଣାପଡ଼ିଛି । ସେମାନଙ୍କ ମଧ୍ୟରେ ବାଲେଶ୍ୱର ପୌରାଞ୍ଚଳରୁ ୨୭ଜଣ ସଂକ୍ରମିତ ହୋଇଥିବା ସରକାରୀ ସୂତ୍ରରୁ ଜଣାଯାଇଛି । ସହଦେବଖୁଣ୍ଟା ଅଞ୍ଚଳର ୨ ଜଣ ପୁରୁଷ ଓ ଜଣେ ମହିଳା, ବାଲୁବଜାରର ୨ ଜଣ ମହିଳା, ରାଣୀପାଟଣାର ୨ ଜଣ ପୁରୁଷ, ବଡ଼ଖୁଆର ଜଣେ ମହିଳା, କଲ୍ୟାଣନଗରର ଜଣେ ପୁରୁଷ, ମୋତିଗଞ୍ଜର ଜଣେ ମହିଳା, ଭୋଇସାହିର ଜଣେ ପୁରୁଷ, ମଠସାହିର ୩ ଜଣ ପୁରୁଷ, ଘୋଷ ମାର୍କେଟର ଜଣେ ମହିଳା, ସରଗଡ଼ିଆର ଜଣେ ପୁରୁଷ, ଅଙ୍ଗାରଗଡ଼ିଆର ୨ ଜଣ ପୁରୁଷ, ସୁନହଟର ଜଣେ ପୁରୁଷ, ବାଲେଶ୍ୱର ଶିକ୍ଷାଞ୍ଚଳରୁ ଜଣେ ପୁରୁଷ, ବାରବାଟୀରୁ ଜଣେ ପୁରୁଷ, ପୁଲିସ କଲୋନିର ଜଣେ ପୁରୁଷ, ଚାନ୍ଦମାରୀ ପଡ଼ିଆରୁ ଜଣେ ପୁରୁଷ, ପୁଲିସ ଲାଇନରୁ ଜଣେ ପୁରୁଷ, ପୁରୁଣାବାଲେଶ୍ୱରରୁ ଜଣେ ପୁରୁଷ ଏବଂ ଆକତପୁରରୁ ଜଣେ ମହିଳା କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଚିକିତ୍ସା ପାଇଁ ଭୁବନେଶ୍ୱରର ସୋମ ହସପିଟାଲ ଯାଇଥିବା ଇଚ୍ଛାପୁର ଅଞ୍ଚଳର ଜଣେ ପୁରୁଷ ଓ ଶ୍ରୀନଗର ଅଞ୍ଚଳର ଜଣେ ମହିଳା ସଂକ୍ରମିତ ଭାବେ ଚିହ୍ନଟ ହୋଇଥିବା ବେଳେ ସ୍ୱର୍ଣ ହସପିଟାଲ ଯାଇଥିବା ବାଲେଶ୍ୱର ଖପରାପଦା ଅଞ୍ଚଳର ଜଣେ ପୁରୁଷ, ସମ୍ପେଇ ଅଞ୍ଚଳର ଜଣେ ମହିଳା ଏବଂ ଜଳେଶ୍ୱରର ପଥୁରାପୁର ଅଞ୍ଚଳର ଜଣେ ପୁରୁଷ ମଧ୍ୟ ସଂକ୍ରମିତ ହୋଇଥିବା ଜଣାପଡ଼ିଛି । ସେହିଭଳି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ଭଦ୍ରକ ଜିଲ୍ଲା ଧାମରା ଅଞ୍ଚଳର ଜଣେ ପୁରୁଷ କରୋନା ପିଜିଟିଭ ଭାବେ ଚିହ୍ନଟ ହୋଇଛନ୍ତି । ନୂଆଭାବେ ଚିହ୍ନଟ ହୋଇଥିବା ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଯୋଗୁଁ କରୋନା ପିଜିଟିଭ୍ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ଶକ୍ତି ମନ୍ତ୍ରୀଙ୍କୁ ଭାରତୀୟ ଅକ୍ଷୟ ଶକ୍ତି ବିକାଶ ସଂସ୍ଥାର ଅଧକ୍ଷଙ୍କ ସାକ୍ଷାତ

ଭୁବନେଶ୍ୱର, ୧୭ ଅଗଷ୍ଟ (ହି.ସ.) – ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କୁ ଭାରତୀୟ ଅକ୍ଷୟ ଶକ୍ତି ବିକାଶ ସଂସ୍ଥା(ଇରେଡ଼ା)ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ କୁମାର ଦାସ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ନିକଟରେ ଓଡ଼ିଶା ସରକାର ଅକ୍ଷୟ ଶକ୍ତି ଉତ୍ପାଦନ ଏବଂ ବ୍ୟବହାର ଉପରେ ଅନେକ ପ୍ରକଳ୍ପର କାର୍ଯ୍ୟାରମ୍ଭ କରିଥିବା ଯୋଗୁଁ ଏ କ୍ଷେତ୍ରରେ ରାଜ୍ୟ ସ୍ୱାବଲମ୍ବୀ ହୋଇପାରିବ ବୋଲି ସେ ଏହି ସାକ୍ଷାତ ସମୟରେ ପ୍ରକାଶ କରିଥିଲେ । ଭାରତ ସରକାରଙ୍କ ଏହି ଉଦ୍ୟୋଗ ରାଜ୍ୟର ଅକ୍ଷୟ ଶକ୍ତି ବିକାଶ କ୍ଷେତ୍ରରେ ସହଯୋଗ ପ୍ରଦାନ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ ।

# ଓଡିଶା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ମାସ୍କ ଓ ସାନିଟାଇଜର ବଣ୍ଟନ

ପାରାଦ୍ୱୀପ ,୧୭।୮ (ନି.ପ୍ର): ପାରାଦ୍ୱୀପସ୍ଥିତ ଓଡିଶା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସୋମବାର ଦିନ ପୌର କାର୍ଯ୍ୟାଳୟ ପରିସରରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଟ୍ରଷ୍ଟର ସମ୍ପାଦକ ସୂର୍ଯ୍ୟନାରାୟଣ ଦାସଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହାମାରୀ କରୋନା ସଂପର୍କରେ ସଚେତନତା କରେଇଥିଲେ ଶ୍ରମିକ ନେତା ଅନନ୍ତ କୁମାର ଦାସ । ଟ୍ରଷ୍ଟ ପକ୍ଷ୍ୟରୁ ପାରାଦ୍ୱୀପ ମ୍ୟୁନିସପାଲଟି ର କର୍ମଚାରୀ ଓ ସଫେଇ କର୍ମଚାରୀ ମାନଙ୍କୁ ମାସ୍କ, ସାବୁନ ଓ ସାନିଟାଇଜର ବଣ୍ଟନ କରାଯାଇଥିଲା । ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ପଟେଲ, ଯନ୍ତ୍ରୀ ପୁରୁଷୋତ୍ତମ ମଲ୍ଲିକଙ୍କ ସମେତ ଟ୍ରଷ୍ଟର ଅଧକ୍ଷ ଅଜିତ କୁମାର ପଟ୍ଟନାୟକ, ସତ୍ୟନାରାୟଣ ଦାସ, ଅରବିନ୍ଦ ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ରାଇବଣିଆ ସେବାସମବାୟ ସମିତିରେ ଚାଷୀ ଲଗାଇଲେ ତାଲା

## ୨୧୧ ଚାଷୀଙ୍କ ୧୬୬୦୦ କ୍ୟୁଣ୍ଟାଲ ଧାନ ହୋଇନି ବିକ୍ରି : ୩୧ରେ ଆମରଣ ଅନଶନ

ଜଳେଶ୍ୱର, ୧୭/୮ (ନିପ୍ର.) : ସରକାର ଚାଷୀମାନଙ୍କ ଲାଗି ବିଭିନ୍ନ ଯୋଜନା କରି ବାହାବା ମାରୁଥିବା ବେଳେ ବାସ୍ତବ କ୍ଷେତ୍ରରେ ଚାଷୀର ଆର୍ଥୀକ ବିକାଶ ଘଟିପାରୁନାହିଁ । ରାଇବଣିଆ ସେବା ସମବାୟ ସମିତିରେ ଅଦ୍ୟାବଧି ୨୧୧ଜଣ ଚାଷୀ ୧୬୬୦୦ କ୍ୟୁଣ୍ଟାଲ ଧାନ ବିକ୍ରିକରିପାରିନଥିବାରୁ ପୂର୍ବ ସୂଚନା ଅନୁଯାୟୀ କାର୍ଯ୍ୟାଳୟରେ ତାଲାବନ୍ଦ କରିଥିଲେ । କୌଣସି ପ୍ରଶାସନୀକ ଅଧିକାରୀ ଘଟଣାସ୍ଥଳକୁ ଆସିନଥିବାରୁ ଆସନ୍ତା ୩୧ ତାରିଖରେ ଆମରଣ ଅନସନ ଧର୍ମଘଟ ଅନିର୍ଦ୍ଦିଷ୍ଟକାଳପାଇଁ ହେବ ବୋଲି ସୂଚନା ମିଳିଛି ।

ଘଟଣାରୁ ପ୍ରକାଶ, ରାଜ୍ୟ ସରକାର ପ୍ରତ୍ୟେକ ସେବାସମବାୟ ସମିତି ମାଧ୍ୟମରେ ଚାଷୀଙ୍କ ଠାରୁ ଧାନ କ୍ରୟ ପାଇଁ ସେମାନଙ୍କ ନାମ ପଂଜିକରଣ କରିଛନ୍ତି । କିନ୍ତୁ ପଂଜିକୃତ ସମସ୍ତ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଉନଥିବାରୁ ଚାଷୀ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି । ରାଇବଣିଆ ଏକ ଆଦିବାସୀ ବହୁଳ ଅଂଚଳ ହୋଇଥିଲେ ମଧ୍ୟ ସରକାରଙ୍କ ନିତୀନିୟମରେ ସ୍ଥାନୀୟ ସେବାସମବାୟ ସମିତି ୪ଶହ ଚାଷୀଙ୍କର ୨୭ହଜାର କ୍ୟୁଣ୍ଟାଲ ଧାନକ୍ରୟ ପାଇଁ ପଂଚିକରଣ କରିଥିଲା । ସେଥିରୁ ୧୮୯ଜଣ ଚାଷୀଙ୍କଠାରୁ ୯୩୯୭ କ୍ୟୁଣ୍ଟାଲ ଧାନ କିଣାଯିବାପରେ ଆଉ କିଣାଯାଇନାହିଁ । ଫଳରେ ୨୧୧ଜଣ ଚାଷୀ ୧୬୬୦୩ କ୍ୟୁଣ୍ଟାଲ ଧାନ କିଣାଯାଇନଥିବାରୁ ଚାଷୀ ଆନ୍ଦୋଳନ ଦେଖା ଦେଇଛି । ଏ ସମ୍ପର୍କରେ ସ୍ଥାନୀୟ ଚାଷୀ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁକୁମାର ଘୋଷଙ୍କ ନେତୃତ୍ୱରେ ଜିଲାପାଳ, ସିଏସ୍‌ଓ, ବିଡିଓ, ତହସିଲଦାର, ଏସ୍‌ଡିପିଓ, ରାଇବଣିଆ ଓଆଇସି, ଜଳେଶ୍ୱର ସମବାୟ ବ୍ୟାଙ୍କର ମ୍ୟାନେଜର ଓ ସ୍ଥାନୀୟ ସଂପାଦକଙ୍କୁ ଏ ସଂପର୍କରେ ସବିଶେଷ ଜଣାଇଥିଲେ । ଜୁନ୍ ୩୦ ତାରିଖ ସୁଦ୍ଧା ଧାନ କ୍ରୟ କରିବାକୁ ସେମାନେ ଅନୁରୋଧ ଜଣାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନଥିଲା । ଗତ କିଛିଦିନ ତଳେ ପୁଣି ଚାଷୀମାନେ ଏକତ୍ରୀତ ହୋଇ ଉପରୋକ୍ତ କର୍ତ୍ତୃପକ୍ଷ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରି ଆଜିସୁଦ୍ଧା ଧାନ କ୍ରୟ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ହେବ ବୋଲି ଲିଖିତଭାବେ ଜଣାଇଥିଲେ । ତେଣୁ ଆଜି ସୁକୁମାର ଘୋଷ, ପଂଚାୟତ ସମିତି ସଦସ୍ୟ ଦିଗମ୍ବର ଦାସ, ପୂର୍ବତନ ଜିଲପରିଷଦ ସଦସ୍ୟ, ସୁଧାଂଶୁ ସେଖର ଘୋଷ, ପୂର୍ବତନ ପଂଚାୟତ ସମିତି ସଦସ୍ୟ ନୃସିଂହ ଚରଣ ଜେନା, ଶଂକର ଘୋଷ, ଚାଷୀ କମିଟି ସଂପାଦକ ସଂଜୟ ଜେନା, ସୁଶୀଲ ପ୍ରଧାନ, ଗୋକୁଳାନନ୍ଦ ଘୋଷ, ରାଧାକୃଷ୍ଣ ଗାନ୍ଧି, ଆଲୋକ କୁମାର ଶୁକ୍ଳ ପ୍ରମୁଖ ୧୦ଜଣ କୋଭିଡ୍ ଆଇନ୍ ଅନୁଯାୟୀ ଧାରଣାରେ ବସିଥିଲେ । କାର୍ଯ୍ୟାଳୟରେ ତାଲା ପଡିଥିବା ବେଳେ ବାହାରେ ଅନ୍ୟ କୃଷକମାନେ ଅପେକ୍ଷାରେ କରି ସହାୟତା କରୁଥିବା ଦେଖିବାକୁ ମିଳିଥିଲା । ଅପରାହ୍ନ ୪ଟା ସୁଦ୍ଧା କେହି ପ୍ରଶାସନୀକ ଅଧିକାରୀ ଘଟଣାସ୍ଥଳକୁ ଆସିନଥିବାର ଆନ୍ଦୋଳନକୁ ବନ୍ଦ ରଖିଥିଲେ । ଆସନ୍ତା ୩୧ ତାରିଖରେ ଆମରଣ ଅନଶନ ହେବ ବୋଲି କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି । ପ୍ରକାଶଯୋଗ୍ୟ ସରକାର କେତେଜଣ ଚାଷୀଙ୍କଠାରୁ କେତେ ଧାନ କ୍ରୟ କରିବେ ସେ ସମ୍ପର୍କରେ ପ୍ରତ୍ୟେକ ସମିତି ଆଗରେ ବିଜ୍ଞାପନ ଜରିଆରେ ପ୍ରକାଶ କରନ୍ତୁ ବୋଲି ଦାବି କରିଥିଲେ ।

# ଭୀମପୁର୍ ଗ୍ରାମରେ୍ ବୃକ୍ଷ ରୋପଣ



ବାଲେଶ୍ୱର,୧୭।୮ (ନି.ପ୍ର): ସଦର ବ୍ଲକ୍ ଅନ୍ତର୍ଗତ ରସାଲପୁର ପଂଚାୟତ ସ୍ଥିତ ଭୀମପୁର ଗ୍ରାମର ଶିକ୍ଷାବୀତ ପରମାନନ୍ଦ ଦାସଙ୍କ ନେତୃତ୍ୱରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ୭୪ ତମ ଅଗଷ୍ଟ ୧୫ ଉତ୍ସବ ପାଳନ ଅବସରରେ ଆୟୋଜିତ ଏହି ଦୁଇଦିନିଆ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ମହିଳାମାନେ ଯୋଗଦେଇ ଗ୍ରାମ୍ୟ ପଡିଆ ମନଙ୍କରେ ଅଧୁନା ବୃକ୍ଷ ଶୁନ୍ୟ ହୋଇଥିବା ସ୍ଥାନ ମାନଙ୍କରେ ବଟବୃକ୍ଷ ଓ ଅସ୍ୱସ୍ଥ ବୃକ୍ଷ ଇତ୍ୟାଦି ରୋପଣ କରିବା ସାଂଗକୁ ଏହିସବୁ ବୃକ୍ଷର ରକ୍ଷଣା ବେକ୍ଷଣ ପାଇଁ କିପରି ସ୍ୱତନ୍ତ୍ର ଦାୟିତ୍ୱ ନିଆ ଯାଇ ପାରିବ ସେଥିପାଇଁ ବିଶେଷ ଗୁରୁତ୍ୱ ଦେଇଥିଲେ । ବଟବୃକ୍ଷ ଏବଂ ଅଶ୍ୱସ୍ତ ବୃକ୍ଷ ଜୀବ ଜଗତ ପାଇଁ ବିଶେଷ କରି ମାନବ ସମାଜ ପାଇଁ ଅତି ଆବଶ୍ୟକ ହୋଇଥାଏ ବୋଲି ଆୟୋଜକ ଜିଲ୍ଲା ଯୁବ ଗାୟତ୍ରୀ ପରିବାରର ସଂଯୋଜକ ଜ୍ୟୋର୍ତିମୟ ଦାସ ପ୍ରକାଶ କରିବା ସାଂଗକୁ ଚଳିତ ବର୍ଷ ଦୁଇ ହଜାର ଏହି ପ୍ରଜାତିର ବୃକ୍ଷ ବିଭିନ୍ନ ସ୍ଥାନରେ ରୋପଣ କରାଯିବ ବୋଲି ଶ୍ରୀ ଦାସ ପ୍ରକାଶ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅବସର ପ୍ରାପ୍ତ ଶିକ୍ଷକ ପ୍ରାଣବନ୍ଧୁ ଦାସ, ଭାସ୍କତ ଚନ୍ଦ୍ର ଦାସ,ପ୍ରଶନ୍ନ କୁମାର ଦାସ,ଅବସରପ୍ରାପ୍ତ ରେଳ ଅଧିକାରୀ ବ୍ରଜ କିଶୋର ଦାସ, ପୁରୁଷୋତମ ପରିଡା,ଚନ୍ଦ୍ରମଣି ଦାସ, ତପନ କୁମାର ଦାସ,ସପନ କୁମାର ଦାସ,ଚନ୍ଦ୍ରକାନ୍ତ ଦାସ,ଅଭିଜିତ୍ ଦାସ,ପୂର୍ଣ୍ଣିମା ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେବା ସାଂଗକୁ ଗଛକୁ ବଂଚେଇ ରଖିବାର ଦାୟିତ୍ୱ ନେଇଥିଲେ । ଶେଷରେ ବୃକ୍ଷହିଁ ଜୀବନ କର୍ମଶାଳାରେ ଶିଶୁ ଠାରୁ ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ବ୍ୟକ୍ତି ବିଶେଷ ଯୋଗଦେଇ ଥିଲେ ।

# ରୋଟାରୀ କ୍ଲବ ତରଫରୁ କୋଭିଡ୍-୧୯ ପ୍ରତିଷେଧକ ଔଷଧ ବଂଟନ

ଭୁବନେଶ୍ୱର,୧୭।୮ (ନି.ପ୍ର): ରୁଚିକା ମାର୍କେଟ ଦୁର୍ଗା ମଣ୍ଡପଠାରେ ରୋଟାରୀ କ୍ଲବ ବରମୁଣ୍ଡା ତରଫରୁ ମାଗଣା ସ୍ୱିକୃତ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ହୋମିଓପ୍ୟାଥିକ ଇମ୍ୟୁନିଟି ବର୍ଦ୍ଧକ କୋଭିଡ଼-୧୯ର ପ୍ରତିଷେଧକ ଔଷଧ ବଂଟନ କରାଯାଇଥିଲା । ମାର୍କେଟର ସମସ୍ତ ଦୋକାନୀ ତଥା ବଜାରକୁ ଆସିଥିବା ଗ୍ରାହକ ଓ ଉଠାଦୋକାନମାନଙ୍କୁ ପ୍ରାୟ ୫୦୦ ପ୍ୟାକ୍ ଔଷଧ, ଫେସ୍ ମାସ୍କ ବଂଟନ କରାଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo